# ଧରିତ୍ରୀ
DHARITRI

ଢେଙ୍କାନାଳ, ସୋମବାର, ଜୁନ୍ ୨୮/୨୦୨୧ (୧୨ ପୃଷ୍ଠା) | Dhenkanal, Monday, June 28/2021 | ★★★★★


୧୭ଶ ଭାଗ ୧୩୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





**ଦୀପିକାଙ୍କୁ ହ୍ୟାଟ୍ରିକ୍ ସ୍ୱର୍ଣ୍ଣ ପଦକ**
ତୀରନ୍ଦାଜୀ ବିଶ୍ୱକପ ଷ୍ଟେଜ୍-୩ରେ ଭାରତର ଦୀପିକା କୁମାରୀ ହ୍ୟାଟ୍ରିକ୍ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୦୯

୧୦ **ନାମ ବଦଳାଇଥିଲେ ଶାହରୁଖ**
ପିଲାଦିନେ ରଖାଯାଇଥିବା ନାମ ବଦଳାଇ ଶାହରୁଖ ରଖିଥିଲେ ବଲିଉଡ୍ କିଙ୍ଗ୍ ଖାନ୍।

## ଦ୍ୱୈତନଗରୀରେ ୯୯ ଟପିଲା ତେଲ ଦର

**ପେଟ୍ରୋଲ ୩୫, ଡିଜେଲ ୨୬ ପଇସା ବୃଦ୍ଧି**

ନୂଆଦିଲ୍ଲୀ/ଭୁବନେଶ୍ୱର,୨୭।୬

କରୋନା ମହାମାରୀ ସମୟରେ ତେଲ ଦରରେ ରୋକ୍ ଲାଗୁନି। ଫଳରେ କ୍ରମାଗତ ଦ୍ୱିତୀୟ ଦିନ ଲାଗି ତୈଳ ଦରରେ ପରିବର୍ତ୍ତନ ଘଟିଛି। ଏହି ଦର ବୃଦ୍ଧି ଯୋଗୁ ଦ୍ୱୈତନଗର (କଟକ-ଭୁବନେଶ୍ୱର)ରେ ପେଟ୍ରୋଲ ☞ପୃଷ୍ଠା-୪

## ପୂର୍ବତନ କୁଳପତିଙ୍କୁ ହତ୍ୟା

ଝାରସୁଗୁଡା ଅଫିସ୍, ୨୭।୬



ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ଝାରସୁଗୁଡା ଜିଲା ଲଇକେରା ଥାନା କୁଆଁରମାଲ ସର୍ଗିଗୁଡାର ଡ. ଧ୍ରୁବରାଜ ନାଏକ(୮୪)ଙ୍କୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ମୁଣ୍ଡ ଉପରେ ଯିବ !**

# ବାୟୁସେନା ଘାଟିରେ ଡ୍ରୋନ୍ ଆକ୍ରମଣ

ଜମ୍ମୁ/ନୂଆଦିଲ୍ଲୀ,୨୭।୬

ଦୀର୍ଘ ଦିନର ନୀରବତା ପରେ ଜମ୍ମୁ-କଶ୍ମୀରରେ ପୁଣି ସକ୍ରିୟ ହୋଇଉଠିଛନ୍ତି ପାକିସ୍ତାନୀ ଆତଙ୍କବାଦୀ। ଜମ୍ମୁ ବିମାନବନ୍ଦରସ୍ଥିତ ଭାରତୀୟ ବାୟୁସେନା (ଆଇଏଏଫ୍) ଘାଟିରେ ରବିବାର ଭୋର ସମୟରେ ଆତଙ୍କବାଦୀ ଆକ୍ରମଣ ହୋଇଛି। ଏହି ହାଇ-ସିକ୍ୟୁରିଟି ଜୋନ୍‌ରେ ଦୁଇଟି ବିସ୍ଫୋରକ ଭର୍ତ୍ତି ଡ୍ରୋନ୍ ବିସ୍ଫୋରଣ ହେବାରୁ ଆଇଏଏଫ୍‌ର ଦୁଇଜଣ ଯବାନ ଆହତ ହୋଇଛନ୍ତି। ଜମ୍ମୁ-କଶ୍ମୀର ପୋଲିସ ମହାନିର୍ଦ୍ଦେଶକ ଦିଲବାଗ୍ ସିଂ ଏହା ଏକ ଆତଙ୍କବାଦୀ ଆକ୍ରମଣ ବୋଲି ସ୍ପଷ୍ଟ କରିଛନ୍ତି। ଜାତୀୟ ନିରାପତ୍ତା ଉପରେ ବିପଦ ସୃଷ୍ଟି ହୋଇଥିବାରୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଘଟଣାସ୍ଥଳରେ ଖୋଳତାଡ଼ ଆରମ୍ଭ କରିଛି। ସେହିପରି ପଞ୍ଜାବର ପଠାନ୍‌କୋଟ ବାୟୁସେନା ଘାଟିରେ ହାଇଆଲର୍ଟ ଜାରି କରାଯାଇଛି। ଇତିମଧ୍ୟରେ ଜମ୍ମୁର ତ୍ରିକୂଟ ନଗରରେ ଜଣେ ସନ୍ଦିଗ୍ଧ ଆତଙ୍କବାଦୀ ଧରାପଡ଼ିଛନ୍ତି। ଏହି ବନିହାଲ ବାସିନ୍ଦାଙ୍କଠାରୁ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୪ କଶ୍ମୀରୀ ନେତାଙ୍କ ସହ ସର୍ବଦଳୀୟ ବୈଠକ କରି ସମ୍ପୃକ୍ତ ଅଞ୍ଚଳରେ ନିର୍ବାଚନୀ ପ୍ରକ୍ରିୟାକୁ ଜୋର୍ ଦେବା ପାଇଁ ଉଦ୍ୟମ ଆରମ୍ଭ କରିଥିବାବେଳେ ଉପତ୍ୟକାରେ ଆତଙ୍କବାଦୀଙ୍କ ଔଦ୍ଧତ୍ୟ କେନ୍ଦ୍ର ସରକାରଙ୍କ ଚିନ୍ତା ବୃଦ୍ଧିର କାରଣ ପାଲଟିଛି।

ଜମ୍ମୁ ବିମାନବନ୍ଦର ପାକିସ୍ତାନ ସୀମାଠାରୁ ମାତ୍ର ୧୬ କି.ମି. ଦୂରରେ ଅବସ୍ଥିତ। ସତ୍ୱାରି ଅଞ୍ଚଳର ଏହି ଏୟାରପୋର୍ଟ ରନ୍‌ୱେରୁ ଯାତ୍ରୀବାହୀ ବିମାନ ଉଡ଼ାଣ କରିଥାଏ। କିନ୍ତୁ ଏହାର ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି) ଆଇଏଏଫ୍ ନିୟନ୍ତ୍ରଣରେ ରହିଥାଏ। ଏହି ଘାଟିର କଡ଼ା ସୁରକ୍ଷା ବଳରେ ଥିବା ଟେକ୍ନିକାଲ ଏରିଆରେ ଶନିବାର ବିଳମ୍ବିତ ରାତିରେ ମାତ୍ର ୩ ମିନିଟ ମଧ୍ୟରେ ଲଗାତର ଦୁଇଟି ବିକଶିତ ବିସ୍ଫୋରକ ଉପକରଣ (ଆଇଇଡି) ବିସ୍ଫୋରଣ ହୋଇଥିଲା। ପ୍ରଚଣ୍ଡ ଶବ୍ଦ ☞ପୃଷ୍ଠା-୪



- ଲଶ୍କର ସମ୍ପୃକ୍ତି ସନ୍ଦେହ
- ଏନ୍‌ଆଇଏର ତନାଘନା
- ସ୍ଥିତି ସମୀକ୍ଷା କଲେ ରାଜନାଥ

### ପ୍ରଧାନମନ୍ତ୍ରୀଙ୍କ ବୈଠକର ୩ ଦିନ ପରେ...

୨୦୧୯ ଅଗଷ୍ଟ ୫ରେ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରି ଏହି ରାଜ୍ୟକୁ ଜମ୍ମୁ-କଶ୍ମୀର ଓ ଲଦାଖ ନାମରେ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରାଯାଇଥିଲା। ଜମ୍ମୁ-କଶ୍ମୀରରେ କେନ୍ଦ୍ରୀୟ ଶାସନ ଚାଲିଥିବାବେଳେ ୩୭୦କୁ ପୁନଃ ଅବସ୍ଥାପିତ ଓ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଫେରସ୍ତ କରିବା ଦାବିରେ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଏବଂ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ସମେତ ମୁଖ୍ୟସ୍ରୋତର ୬ ଦଳ ଗୁପ୍‌କାର ମେଣ୍ଟ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଆମନ୍ତ୍ରଣକ୍ରମେ ୮ ଦଳର ୧୪ ନେତା ୨୩ ମାସ ମଧ୍ୟରେ ପ୍ରଥମଥର ପାଇଁ ନୂଆଦିଲ୍ଲୀର ୭ ଲୋକ କଲ୍ୟାଣ ମାର୍ଗସ୍ଥିତ ପ୍ରଧାନମନ୍ତ୍ରୀଙ୍କ ସରକାରୀ ବାସଭବନରେ ଗୁରୁବାର ହାଇପ୍ରୋଫାଇଲ୍ ☞ପୃଷ୍ଠା-୪

## ମାଟି ଅତଡ଼ା ଧସି ୨ ମହିଳା ଶ୍ରମିକ ମୃତ

ଦିଗପହଣ୍ଡି,୨୭।୬(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ଗାଁ ନିକଟ ଘାଇହୁଡ଼ା ଚେକ୍ ଡ୍ୟାମ୍ ୱାଲ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ପ୍ରାୟ ୨୦ ଫୁଟ ଉଚ୍ଚର ଅତଡ଼ା ଧସିବାରୁ ମାଟି ତଳେ ଚାପି ହୋଇ ୨ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୩ ଜଣ ଶ୍ରମିକ ଗୁରୁତର ହୋଇଛନ୍ତି। ମୃତକ ହେଲେ ଫାସିଗୁଡ଼ା ଗ୍ରାମ ଦଳିତ ସାହିର ଯମୁନା ନାଇକ ଏବଂ ବର୍ଷା ନାଇକ। ଆହତମାନେ ହେଲେ ସେହି ସାହିର ଅଞ୍ଜଳି ନାଇକ, ସତ୍ୟା ନାଇକ ଏବଂ ସୂର୍ଯ୍ୟା ବିଷୋୟୀ। ପ୍ରକାଶ ଯେ, ଫାସିଗୁଡ଼ା ଗାଁ ନିକଟ ଘାଇହୁଡ଼ା ଚେକ୍ ଡ୍ୟାମ୍ ୱାଲ ନିର୍ମାଣ କାର୍ଯ୍ୟ ରବିବାର ଚାଲିଥିଲା। ଏଥିରେ ୮ ଜଣ ମହିଳା ଶ୍ରମିକ ନିୟୋଜିତ ହୋଇଥିଲେ। ଅପରାହ୍ନରେ ହଠାତ୍ ମାଟି ଅତଡ଼ା ଧସି ପଡ଼ିଥିଲା। ୩ ଜଣ ଶ୍ରମିକ ସେଠାରୁ ଦୌଡ଼ି ପଳାଇବାରେ ସଫଳ ହୋଇଥିବା ବେଳେ ୫ ଜଣ ମାଟି ତଳେ ଫସି ରହି ଯାଇଥିଲେ। ଖବର ପାଇ ଦିଗପହଣ୍ଡି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମାଟି ତଳେ ଚାପି ହୋଇ ରହିଥିବା ମହିଳା ଶ୍ରମିକଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଯମୁନା ଏବଂ ବର୍ଷାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ୩ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ବ୍ରହ୍ମପୁର ଉପଜିଲାପାଳ ଭି. କୀର୍ତ୍ତି ଭାସନ, ଦିଗପହଣ୍ଡି ତହସିଲଦାର ☞ପୃଷ୍ଠା-୪

**ଚେକ୍ ଡ୍ୟାମ ୱାଲ ନିର୍ମାଣ ବେଳେ ଦୁର୍ଘଟଣା**



ମାଟି ଭିତରୁ ମହିଳା ଶ୍ରମିକଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରୁଛନ୍ତି।







**ସଂକ୍ରମଣ ହାର ୨.୮୨%**


କୋଭିଡ୍ ଦୈନିକ ସଂକ୍ରମଣ ହାର ୨.୮୨ ପ୍ରତିଶତକୁ ହ୍ରାସ ପାଇଛି। ରବିବାର ସକାଳ ସୁଦ୍ଧା ୨୪ ଘଣ୍ଟାରେ ୫୦,୦୪୦ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧,୨୫୮ ଜଣଙ୍କର ମୃତ୍ୟୁ ଘଟିଛି। ଏହାକୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩,୦୨,୩୩,୧୮୩ରେ ପହଞ୍ଚିଥିବାବେଳେ ମୃତ୍ୟୁସଂଖ୍ୟା ୩,୯୫,୭୫୧ ହୋଇଛି। ସକ୍ରିୟ ମାମଲା ସଂଖ୍ୟା ମୋଟ ସଂକ୍ରମଣର ୧.୯୪ ପ୍ରତିଶତକୁ ଖସିଆସିଛି ଏବଂ ଆରୋଗ୍ୟ ହାର ୯୭.୭୫ ପ୍ରତିଶତ ହୋଇଛି। ସାପ୍ତାହିକ ପଜିଟିଭିଟି ହାର ୨.୯୧% ରହିଛି।

## ସଂକ୍ଷେପରେ

### ଟୁଇଟର ଗ୍ରିଭାନ୍ସ ଅଫିସରଙ୍କ ଇସ୍ତଫା

**ନୂଆଦିଲ୍ଲୀ, ୨୭।୬:** ନୂଆ ଆଇଟି ନିୟମ ପାଳନକୁ ନେଇ ମାଇକ୍ରୋ ବ୍ଲଗିଂ ପ୍ଲାଟଫର୍ମ ଟୁଇଟର ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ବିବାଦ ଜାରି ଥିବାବେଳେ ଭାରତର ଗ୍ରିଭାନ୍ସ ଅଧିକାରୀ ଭାବେ ଧର୍ମେନ୍ଦ୍ର ଚତୁର ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। କିଛି ଦିନ ତଳେ ଟୁଇଟର ଧର୍ମେନ୍ଦ୍ରଙ୍କୁ ଏହି ପଦରେ ନିଯୁକ୍ତି ଦେଇଥିଲା। ଏବେ ଟୁଇଟର ଏହାର ୱେବ୍‌ସାଇଟ୍‌ରୁ ତାଙ୍କ ନାମ ହଟାଇ ଦେଇଛି। ଏହା ଉପରେ ଟୁଇଟର ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ। ଭାରତ ସରକାରଙ୍କ ନୂଆ ସୋସିଆଲ ମିଡ଼ିଆ ନିୟମାବଳୀ ମେ ୨୫ରୁ କାର୍ଯ୍ୟକାରୀ ହୋଇଛି। ୟୁଜରଙ୍କ ଅଭିଯୋଗ ଶୁଣାଣି ପାଇଁ ଗ୍ରିଭାନ୍ସ ଅଫିସର ନିଯୁକ୍ତ କରିବା ଲାଗି ଉକ୍ତ ନିୟମାବଳୀରେ ବାଧ୍ୟତାମୂଳକ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଶେଷ ନୋଟିସ୍ ପରେ ଟୁଇଟର ଜୁନ୍ ୫ରେ ଗ୍ରିଭାନ୍ସ ଅଫିସର ନିଯୁକ୍ତ କରିଥିଲା।

### ଜନ୍ମଭୂମିରେ ରାଷ୍ଟ୍ରପତି ଭାବବିହ୍ୱଳ



**କାନପୁର, ୨୭।୬:** ରାଷ୍ଟ୍ରପତି ହେବା ପରଠାରୁ ପ୍ରଥମ କରି ନିଜ ଜନ୍ମସ୍ଥାନ ଉତ୍ତରପ୍ରଦେଶର କାନପୁର ଦେହାତ ଜିଲା ପାରାଉଙ୍ଖ ଗ୍ରାମରେ ପହଞ୍ଚି ଭାବବିହ୍ୱଳ ହୋଇଛନ୍ତି ରାମନାଥ କୋବିନ୍ଦ। ଜନ୍ମଭୂମିରେ ପହଞ୍ଚିବା ପରେ ସେ ମାଟି ଛୁଇଁ ପ୍ରଣାମ କରିଥିଲେ। ଏହାର ଫଟୋ ରାଷ୍ଟ୍ରପତିଙ୍କ ଅଫିସିଆଲ ଟୁଇଟର ଆକାଉଣ୍ଟରୁ ଶେୟାର କରାଯାଇଛି। ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ରାଜ୍ୟପାଳ ଆନନ୍ଦିବେନ ପଟେଲ ସେଠାରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ। ଗ୍ରାମରେ ଏକ ଜନ ଅଭିନନ୍ଦନ ସମାରୋହରେ ଯୋଗଦେଇ କୋବିନ୍ଦ ଜନସାଧାରଣଙ୍କୁ ସମ୍ବୋଧନ କରିଥିଲେ। କରୋନା ମୁକାବିଲାରେ ଟିକା ପ୍ରମୁଖ ଅସ୍ତ୍ର ବୋଲି କହି ସମସ୍ତଙ୍କୁ ଭାକ୍ସିନ ନେବାକୁ ସେ ପରାମର୍ଶ ଦେଇଥିଲେ। ଗତ ଶୁକ୍ରବାର ରାଷ୍ଟ୍ରପତି ଦେଶର ପ୍ରଥମ ମହିଳା ତଥା ତାଙ୍କ ସ୍ତ୍ରୀ ସବିତା ଦେବୀ କୋବିନ୍ଦଙ୍କ ସହ ଏକ ସ୍ୱତନ୍ତ୍ର ଟ୍ରେନ୍‌ରେ କାନପୁରରେ ପହଞ୍ଚିଥିଲେ।

## ଏକା ଲଢ଼ିବେ ମାୟାବତୀ

### ୟୁପି, ଉତ୍ତରାଖଣ୍ଡ ନିର୍ବାଚନ



ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡରେ ଆସନ୍ତା ବର୍ଷ ମାର୍ଚ୍ଚ ଆଡ଼କୁ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ସବୁ ଦଳ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ବହୁଜନ ସମାଜ ପାର୍ଟି(ବିଏସ୍‌ପି) ଏହି ନିର୍ବାଚନରେ କାହା ସହ ମେଣ୍ଟ ନ କରି ଏକାକୀ ଲଢ଼ିବ ବୋଲି ଦଳର ଅଧ୍ୟକ୍ଷା ମାୟାବତୀ ରବିବାର ଘୋଷଣା କରିଛନ୍ତି। ୟୁପିରେ ଏଆଇଏମ୍ଆଇଏମ୍ ସହ ବିଏସ୍‌ପିର ସମ୍ଭାବ୍ୟ ମେଣ୍ଟକୁ ନେଇ ଲାଗି ରହିଥିବା ଚର୍ଚ୍ଚାକୁ ସେ ଖଣ୍ଡନ କରିଛନ୍ତି। ୟୁପି ପୂର୍ବତନ ମୁଖ୍ୟମନ୍ତ୍ରୀ ୬୫ ବର୍ଷୀୟା ମାୟାବତୀ ଟୁଇଟ୍ କରି କହିଛନ୍ତି, ଗଣମାଧ୍ୟମ ସଂସ୍ଥାଗୁଡ଼ିକ ବିଏସ୍‌ପି କିମ୍ବା ତାଙ୍କ ସମ୍ପର୍କରେ କୌଣସି ଖବର ପ୍ରକାଶ ପୂର୍ବରୁ ରାଜ୍ୟ ସଭା ସଦସ୍ୟ ତଥା ଦଳର ସାଧାରଣ ସମ୍ପାଦକ ସତୀଶ ମିଶ୍ରଙ୍କ ସହ ପରାମର୍ଶ କରନ୍ତୁ। ପ୍ରକାଶ ଯେ, ୨୦୧୭ ବିଧାନସଭା ନିର୍ବାଚନ ଓ ୨୦୧୯ ଲୋକ ସଭା ଭୋଟବେଳେ ବିଏସ୍‌ପି ସମାଜବାଦୀ ପାର୍ଟି ଏବଂ ଆର୍‌ଏଲ୍‌ଡି ସହ ମେଣ୍ଟ କରି କେତୋଟି ଆସନରେ ଲଢ଼ିଥିଲା।

## କାଲିର ଡିଜିପି ଏବେ ପ୍ରବଚକ

### ଟିକେଟ ନ ମିଳିବାରୁ ବୈରାଗ୍ୟ



ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ହାଇପ୍ରୋଫାଇଲ ହତ୍ୟା ମାମଲାର ତଦନ୍ତ ବେଳେ ମୁମ୍ବାଇ ପୋଲିସ ସହ ମୁହାଁମୁହିଁ ହୋଇ ଚର୍ଚ୍ଚାକୁ ଆସିଥିବା ବିହାରର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଗୁପ୍ତେଶ୍ୱର ପାଣ୍ଡେ ବିଧାନସଭା ନିର୍ବାଚନ ପୂର୍ବରୁ ରାଜନୀତି ପ୍ରତି ମନ ବଳାଇଥିଲେ। ଚାକିରିରୁ ଇଚ୍ଛାକୃତ ଅବସର ନେବା ପରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଉପସ୍ଥିତିରେ ସେ ସଂଯୁକ୍ତ ଜନତା ଦଳ ଜେଡି(ୟୁ)ରେ ଯୋଗ ଦେଇଥିଲେ, ଟିକେଟ ପାଇ ଲଢ଼ିବା ଆଶାରେ। କିନ୍ତୁ ନୀତୀଶ ଟିକେଟ ନ ଦେବାରୁ ଗୁପ୍ତେଶ୍ୱରଙ୍କଠାରେ ହଠାତ୍ ବୈରାଗ୍ୟ ଭାବ ଜାଗ୍ରତ ହୋଇଛି, ଯାହା କି ତାଙ୍କ ପ୍ରବଚକ ଅବତାରରୁ ଦେଖିବାକୁ ମିଳିଛି। ଡିଜିଟାଲ ପ୍ଲାଟଫର୍ମରେ ଏକ ଲାଇଭ ଶୋ’ରେ ଶ୍ରୀମଦ୍ ଭାଗବତ ଗୀତା ଉପରେ ପ୍ରବଚନ ଦେଉଥିବାର ଭିଡିଓ ଚର୍ଚ୍ଚାର ବିଷୟ ପାଲଟିଛି। ସେ ଭାବବିହ୍ୱଳ ହୋଇ ‘କଥା ବଚନ’ରେ ଶ୍ରୀକୃଷ୍ଣଙ୍କ ଜୀବନୀ ବର୍ଣ୍ଣନା କରୁଛନ୍ତି।

# ଝୁଲୁଛି ପିଲାଙ୍କ ଭାଗ୍ୟ

## ମହାମାରୀ ଭିତରେ ସ୍କୁଲ ଖୋଲିବା ନେଇ ଅନିଶ୍ଚିତତା

**ନୂଆଦିଲ୍ଲୀ, ୨୭।୬**



ମହାମାରୀ କରୋନା ଆସିବା ପରଠାରୁ ଦୀର୍ଘ ୧୫ ମାସ ଧରି ଦେଶର ସ୍କୁଲଗୁଡ଼ିକରେ ତାଲା ଝୁଲୁଛି। ସଂକ୍ରମଣ ଭୟ ଥିବାରୁ ପିଲାଙ୍କ ପାଠପଢ଼ାରେ ଏକପ୍ରକାର ଡୋରି ବନ୍ଧାହୋଇଛି। ଅନ୍‌ଲାଇନ୍‌ରେ ପଢ଼ିବା ବ୍ୟତୀତ ଅନ୍ୟ କିଛି ବିକଳ୍ପ ନ ଥିବାରୁ ଛାତ୍ରୀଛାତ୍ର ଘରେ ରହି ଯଥାସମ୍ଭବ ଜ୍ଞାନ ଆହରଣ କରୁଛନ୍ତି। କିନ୍ତୁ ନେଟ୍‌ୱର୍କ ଅପହଞ୍ଚ ଅଞ୍ଚଳ ଓ ସ୍ମାର୍ଟଫୋନ ନ ଥିବା ଘରର ପିଲାମାନେ ଭର୍ଚୁଆଲ ମାଧ୍ୟମରେ ପଢ଼ିପାରୁ ନାହାନ୍ତି। ମଧ୍ୟାହ୍ନଭୋଜନ ପାଇଁ ସରକାରୀ ସ୍କୁଲ ଉପରେ ନିର୍ଭରଶୀଳ ଛାତ୍ରୀଛାତ୍ର ପୁଷ୍ଟିକର ଖାଦ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରି କି ବିଦ୍ୟାଳୟରେ ସ୍ୱାଭାବିକ ସମୟରେ ହେଉଥିବା ଖେଳକୁଦ ଓ ବାର୍ଷିକ ଦିବସ କାର୍ଯ୍ୟକ୍ରମ ଭଳି ଇଭେଣ୍ଟଗୁଡ଼ିକୁ ସେମାନେ ମିସ୍ କରୁଛନ୍ତି। ଘରୋଇ ସ୍କୁଲଗୁଡ଼ିକର ବହୁ ଶିକ୍ଷକ ନିଯୁକ୍ତି ହରାଇ ଘରେ ବସିଛନ୍ତି। ଏଥିଯୋଗୁ ପିଲାଙ୍କ ଭବିଷ୍ୟତକୁ ନେଇ ଅଭିଭାବକ ମହଲରେ ଚିନ୍ତା ବଢ଼ିଯାଇଛି। ଇତିମଧ୍ୟରେ ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶ ସରକାର ୫୦% ଉପସ୍ଥାନରେ ସ୍କୁଲ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ତେଲଙ୍ଗାନାରେ ଜୁଲାଇ ୧ରେ ସ୍କୁଲ ଖୋଲିବାକୁ ଥିବାବେଳେ ଆନ୍ଧ୍ରରେ ଅଗଷ୍ଟରୁ ବିଦ୍ୟାଳୟ ପାଠପଢ଼ା ଚାଲିବ। ପିଲାଙ୍କ ପାଇଁ ଟିକାକରଣ ଆରମ୍ଭ ହୋଇ ନ ଥିବାରୁ ଏହା ଏକ ଚ୍ୟାଲେଞ୍ଜ ଭାବେ ଉଭା ହେବ ବୋଲି କୁହାଯାଉଛି। କାରଣ ଅଧ୍ୟୟନ ଯେତିକି ଜରୁରୀ ସୁରକ୍ଷା ତା’ଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ।

ଦେଶରେ କରୋନା ଦ୍ୱିତୀୟ ଲହର ସଂକ୍ରମଣ ହ୍ରାସ ପାଉଥିଲେ ହେଁ ଏବେ ସ୍କୁଲ ନ ଖୋଲିବା ପାଇଁ କେନ୍ଦ୍ର ଏବଂ ଅଧିକାଂଶ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ମହାମାରୀର ତୃତୀୟ ଲହର ଆସିବା ନେଇ ବିଶେଷଜ୍ଞମାନେ ପୂର୍ବାନୁମାନ କରିଥିବାରୁ ଅଧିକାଂଶ ଅଭିଭାବକ ସେମାନଙ୍କ ପିଲାଙ୍କୁ ସ୍କୁଲ୍ ପଠାଇବାକୁ ଚାହୁଁନାହାନ୍ତି। ଯେଉଁଠି ମହାମାରୀ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିଲାଣି କେବଳ ସେହିଠାରେ ସ୍କୁଲ ଖୋଲିବା

- ପାଠପଢ଼ାରେ ଡୋରି ବାନ୍ଧିଲେଣି ୩୦% ଛାତ୍ରୀଛାତ୍ର
- ପିଲାଙ୍କୁ ସ୍କୁଲ ଛାଡ଼ିବାକୁ ପ୍ରସ୍ତୁତ ନୁହନ୍ତି ୭୦% ଅଭିଭାବକ

ପାଇଁ ଛାତ୍ରୀଛାତ୍ର ଓ ଅଭିଭାବକ ସଙ୍ଗଠନ ମତ ଦେଇଛନ୍ତି। ଏକ ଆକଳନ ଅନୁଯାୟୀ ସରକାରୀ ସ୍କୁଲରେ ପଢୁଥିବା ପାଖାପାଖି ୩୦% ପିଲା ପାଠପଢ଼ାରେ ଡୋରି ବାନ୍ଧିଲେଣି। ପିଲାମାନଙ୍କ ପାଇଁ ସ୍କୁଲ ସବୁଠୁ ଭଲ ଓ ନିରାପଦ ସ୍ଥାନ। ତେବେ ଦୀର୍ଘଦିନ ସ୍କୁଲ ବନ୍ଦ ରହିବା ଫଳରେ ପିଲାମାନେ ବିଭିନ୍ନ ସାମାଜିକ ସମସ୍ୟାର ସମ୍ମୁଖୀନ ହେବା ଆଶଙ୍କା କରାଯାଉଛି। ବିଭିନ୍ନ ରାଜ୍ୟରେ ଲକ୍‌ଡାଉନ କଟକଣା କୋହଳ ହେବା ସହ ଅର୍ଥନୈତିକ କାରବାର ଆରମ୍ଭ ହେଲାଣି। ଏଭଳି ସମୟରେ ସ୍କୁଲ କାହିଁକି ଖୋଲିପାରିବ ନାହିଁ ବୋଲି ଅନେକେ ପ୍ରଶ୍ନ କରୁଛନ୍ତି। ଏକ ସର୍ଭେ ଅନୁଯାୟୀ ସଂକ୍ରମଣ ୭୦% ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ନ ଆସିବା ପର୍ଯ୍ୟନ୍ତ ସ୍କୁଲ ଖୋଲିବା ଉଚିତ ନୁହେଁ ବୋଲି ସେମାନେ ମତ ଦେଇଛନ୍ତି। ଅନ୍ୟପକ୍ଷରେ ୩୦% ଅଭିଭାବକ ସେମାନଙ୍କ ପିଲାଙ୍କୁ ସ୍କୁଲକୁ ପଠାଇବା ପାଇଁ ପ୍ରସ୍ତୁତ ଥିବା କହିଛନ୍ତି। କୋଭିଡ୍ ସ୍ଥିତି ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ଦିଲ୍ଲୀରେ ସ୍କୁଲ ଖୋଲିବ ନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ଶିକ୍ଷାମନ୍ତ୍ରୀ ମନୀଷ ସିସୋଦିଆ କହିଛନ୍ତି। କେତେକ ରାଜ୍ୟ ଜୁଲାଇରୁ ସ୍କୁଲ ଖୋଲିବା ପାଇଁ ବିଚାର କରୁଛନ୍ତି। ତେବେ ବର୍ତ୍ତମାନ ସ୍ଥିତିରେ ସ୍କୁଲ ଖୋଲିବାକୁ ନେଇ ସତର୍କତା ଅବଲମ୍ବନ କରିବାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପରାମର୍ଶ ଦେଇଛି। ସ୍କୁଲ୍ ଖୋଲିବା ପୂର୍ବରୁ ପିଲାଙ୍କ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରାଯିବା ଆବଶ୍ୟକ ବୋଲି ବରିଷ୍ଠ ଅଧିକାରୀମାନେ କହିଛନ୍ତି।

### ପିଲାଙ୍କ ଟିକା ଆସିଲେ ଶୀଘ୍ର ଖୋଲିବ



ପିଲାମାନଙ୍କ ପାଇଁ କୋଭିଡ୍-୧୯ ଟିକା ପ୍ରସ୍ତୁତି ଏକ ବଡ଼ ସଫଳତା। ଏହା ଉପଲବ୍ଧ ହେବା ପରେ ଶୀଘ୍ର ସ୍କୁଲ ଖୋଲିବା ସହ ଅନ୍ୟାନ୍ୟ ବାହ୍ୟ କାର୍ଯ୍ୟ ପୁଣିଥରେ ଆରମ୍ଭ ହେବ ବୋଲି ଏମ୍ସ ମୁଖ୍ୟ ଡ. ରଣଦୀପ ଗୁଲେରିଆ କହିଛନ୍ତି। ଭାରତ ବାୟୋଟେକ୍‌ର କୋଭାକ୍ସିନ ଟିକାର ପରୀକ୍ଷା ୨ରୁ ୧୮ ବର୍ଷ ବୟସବର୍ଗଙ୍କଠାରେ କରାଯାଉଛି ଏବଂ ସେପ୍ଟେମ୍ବର ସୁଦ୍ଧା ଏହାର ଫଳାଫଳ ମିଳିପାରେ। ଏଥିସହିତ ଫାଇଜର ଟିକା ମଧ୍ୟ ପିଲାମାନଙ୍କ ପାଇଁ ଉପଲବ୍ଧ ହେବ ବୋଲି ଗୁଲେରିଆ କହିଛନ୍ତି। ଅନ୍ୟତମ ଟିକା ପ୍ରସ୍ତୁତକାରୀ କମ୍ପାନୀ ଜାଇଡସ୍ କାଡିଲା ଏହାର ଜାଇକୋଭ୍-ଡି ଟିକାର ବ୍ୟବହାରିକ ଅନୁମତି ପାଇଁ ଖୁବ୍‌ଶୀଘ୍ର ଆବେଦନ କରିବ। ଏହି ଟିକା ଉଭୟ ବୟସ୍କ ଓ ପିଲାମାନଙ୍କ ପାଇଁ ବ୍ୟବହାର କରାଯାଇପାରିବ।

### ଅଗଷ୍ଟ ସୁଦ୍ଧା ୧୨ ବର୍ଷରୁ ଊର୍ଦ୍ଧ୍ୱଙ୍କ ପାଇଁ ଭାକ୍ସିନ

**ନୂଆଦିଲ୍ଲୀ, ୨୭।୬**

୧୨ ବର୍ଷରୁ ଊର୍ଦ୍ଧ୍ୱ ବୟସ ବର୍ଗଙ୍କ ପାଇଁ ଜୁଲାଇ ଶେଷ କିମ୍ବା ଅଗଷ୍ଟ ସୁଦ୍ଧା କୋଭିଡ୍ ଟିକା ଉପଲବ୍ଧ ହେବ ବୋଲି ରବିବାର କେନ୍ଦ୍ର ସରକାର କହିଛନ୍ତି। ଇତିମଧ୍ୟରେ ଜାଇଡସ୍ କାଡିଲା କମ୍ପାନୀର ଭାକ୍ସିନର କ୍ଲିନିକାଲ ପରୀକ୍ଷା ୧୨ରୁ ୧୮ ବର୍ଷ ବୟସବର୍ଗର ପିଲାମାନଙ୍କ ଠାରେ କରାଯାଇସାରିଛି। ଏହି ଟିକାକୁ ଅନୁମତି ମିଳିବା ପରେ ଜୁଲାଇ ଶେଷ କିମ୍ବା ଅଗଷ୍ଟରୁ ପିଲାମାନଙ୍କୁ ଟିକାଦାନ ଆରମ୍ଭ ହେବ ବୋଲି କୋଭିଡ୍-୧୯ ଟିକାକରଣ ଜାତୀୟ ବୈଷୟିକ ଉପଦେଷ୍ଟା କାର୍ଯ୍ୟକାରୀ ଗୋଷ୍ଠୀ (ଏନ୍‌ଟିଏଜିଆଇ)ର ଅଧ୍ୟକ୍ଷ ଡ. ଏନ୍.କେ. ଆରୋରା କହିଛନ୍ତି। ଜାଇଡସ୍ କାଡିଲା କମ୍ପାନୀର କୋଭିଡ୍ ଟିକା ଜାଇକୋଭ୍-ଡି ଖୁବ୍‌ଶୀଘ୍ର ୧୨ ବର୍ଷରୁ ଊର୍ଦ୍ଧ୍ୱ ପିଲାଙ୍କ ପାଇଁ ଉପଲବ୍ଧ ହେବ ବୋଲି ଶନିବାର କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ। ଏହାର ବ୍ୟବହାରିକ ଅନୁମତି ପାଇଁ କମ୍ପାନୀ ଖୁବ୍‌ଶୀଘ୍ର ଭାରତର ଔଷଧ ମହାନିୟନ୍ତ୍ରକ (ଡିସିଜିଆଇ)ରେ ଆବେଦନ କରିବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷେ ଦେଶରେ ଟିକାକରଣ ତ୍ୱରାନ୍ୱିତ ହୋଇଛି। ଶନିବାର ୬୪.୨୫ ଲକ୍ଷ ଟିକା ଦିଆଯାଇଛି। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ଦେଶରେ ୩୨.୧୭ କୋଟି ଡୋଜ୍ ଟିକା ଦିଆଗଲାଣି। ଶନିବାର ୧୭,୪୫,୮୦୯ ଜଣ କୋଭିଡ୍ ପରୀକ୍ଷା କରାଇଥିଲେ।

### ଚଳନ୍ତା ବିମାନରୁ ଡେଇଁ ପଡ଼ିଲେ

ଲସ୍ ଏଞ୍ଜେଲସ୍, ୨୭।୬: ଆମେରିକାର ଲସ୍ ଏଞ୍ଜେଲସ୍ ଅନ୍ତର୍ଜାତୀୟ ବିମାନ ବନ୍ଦର ନିକଟରେ ଜଣେ ଯାତ୍ରୀ ଚଳନ୍ତା ବିମାନରୁ ଶୁକ୍ରବାର ରାତିରେ ଡେଇଁ ପଡ଼ିଥିଲେ। ତାଙ୍କୁ ଗିରଫ କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସ୍କାଏୱେଷ୍ଟ ଦ୍ୱାରା ପରିଚାଳିତ ଫ୍ଲାଇଟ୍‌ଟି ସଲ୍ଟ ଲେକ୍ ସିଟିକୁ ଯାଉଥିବାବେଳେ ଯାତ୍ରୀ ଜଣକ ପ୍ରଥମେ ବିମାନର କକ୍‌ପିଟ୍‌ରେ ପଶିବାକୁ ଚେଷ୍ଟା କରିଥିଲେ। ଏଥିରେ ବିଫଳ ହେବାରୁ ଏମର୍ଜେନ୍ସି ଗେଟ୍ ଦେଇ ତଳକୁ ଡେଇଁ ପଡ଼ିଥିଲେ। ଘଟଣା ପରେ ବିମାନଟି ଫେରି ଆସିଥିଲା। ଏହି ବିମାନ ବନ୍ଦରରେ ଦୁଇଦିନରେ ଦ୍ୱିତୀୟ ଥର ପାଇଁ ଏଭଳି ଅସ୍ୱାଭାବିକ ଘଟଣା ଦେଖିବାକୁ ମିଳିଛି। ଗୁରୁବାର ଜଣେ କାର୍ ଚାଳକ ବିମାନ ରନ୍‌ୱେ ଅତିକ୍ରମ କରି ଯାଉଥିବାବେଳେ ପୋଲିସ ପିଛାକରି ତାଙ୍କୁ ଗିରଫ କରିଥିଲା।

## ଗୁଜବରେ ବିଶ୍ୱାସ ନ କରି ଟିକା ନେବାକୁ ପରାମର୍ଶ

**ନୂଆଦିଲ୍ଲୀ, ୨୭।୬**

### ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍



କରୋନା ଭାଇରସ ଏକ ବହୁରୂପୀ। ଏଥିରୁ ମୁକ୍ତ ହେବା ପାଇଁ ଭାକ୍ସିନ ହିଁ ଏକ ମାତ୍ର ଅସ୍ତ୍ର। ତେଣୁ ଗୁଜବ ଓ ଶୁଣାକଥାରେ ବିଶ୍ୱାସ ନ କରି ତୁରନ୍ତ ସମସ୍ତେ କୋଭିଡ୍ ଟିକା ନେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କର ‘ମନ୍ କୀ ବାତ୍’ ରେଡିଓ କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ନିଜେ ଟିକା ନେବା ସହ ଅନ୍ୟମାନଙ୍କୁ ଏଥିପାଇଁ ପ୍ରୋତ୍ସାହିତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ନିଜ ମାଆଙ୍କ ଉଦାହରଣ ଦେଇ ମୋଦି କହିଥିଲେ, ପ୍ରାୟ ୧୦୦ ବର୍ଷ ହୋଇଥିବା ସତ୍ତ୍ୱେ ସେ ଟିକା ନେଇଛନ୍ତି। ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟସେବା କର୍ମଚାରୀ ବିଶେଷ କରି ଡାକ୍ତରମାନଙ୍କ ସମ୍ପର୍କରେ କହିଥିଲେ, ସେମାନେ ଅବିଶ୍ରାନ୍ତ ଭାବେ କରୋନା ମହାମାରୀ ବିରୋଧରେ ଲଢ଼େଇ କରୁଛନ୍ତି। ଜୁଲାଇ ୧ରେ ପାଳିତ ହେବାକୁ ଥିବା ଜାତୀୟ ଡାକ୍ତର ଦିବସ ଅଧିକ ସ୍ୱତନ୍ତ୍ର ହେବ ବୋଲି ସେ ସୂଚନା ଦେଇଥିଲେ। ଏହି ଅବସରରେ ଟୋକିଓ ଅଲିମ୍ପିକ୍ସରେ ସାମିଲ ହେବାକୁ ଥିବା ଖେଳାଳିମାନଙ୍କୁ ପ୍ରଧାନମନ୍ତ୍ରୀ ପ୍ରୋତ୍ସାହିତ କରିଥିଲେ। ଏଥିସହିତ ସେ ଦିବଂଗତ ଆଥ୍‌ଲେଟ ମିଲ୍‌ଖା ସିଂଙ୍କ କଥା ମନେପକାଇଥିଲେ।

କୋଭିଡ୍ ମହାମାରୀ ବିରୋଧରେ ଲଢ଼େଇ ଜାରି ରହିଛି। ଏକାଠି ଆମେ ଅନେକ ଅସାଧାରଣ ମାଇଲଖୁଣ୍ଟ ଅତିକ୍ରମ କଲେଣି। ଏଥିପାଇଁ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ଅବଦାନ ପ୍ରତି କୃତଜ୍ଞ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ମୌସୁମୀ ଋତୁ ଆସିଯାଇଥିବାରୁ ଜଳ ସଂରକ୍ଷଣ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

## ବସ୍‌ଷ୍ଟାଣ୍ଡରେ ବ୍ରିଟେନ ପ୍ରତିରକ୍ଷା ଦସ୍ତାବିଜ୍

**ଲଣ୍ଡନ, ୨୭।୬**



ବ୍ରିଟେନ ପ୍ରତିରକ୍ଷା ମନ୍ତ୍ରଣାଳୟର ୫୦ ପୃଷ୍ଠା ସମ୍ବଳିତ ଗୋପନୀୟ ଦସ୍ତାବିଜ୍ ମଙ୍ଗଳବାର ଦକ୍ଷିଣ ଇଂଲଣ୍ଡର କେଣ୍ଟଠାରେ ଥିବା ଏକ ବସ୍‌ଷ୍ଟାଣ୍ଡରୁ ମିଳିବା ଘଟଣା ଦେଶରେ ହଇଚଇ ସୃଷ୍ଟି କରିଛି। ଏହି ଡକ୍ୟୁମେଣ୍ଟରେ ବ୍ରିଟେନ ଯୁଦ୍ଧ ଜାହାଜ ଏବଂ ବ୍ରିଟିଶ ସେନା ସମ୍ବନ୍ଧରେ ଗୁପ୍ତ ତଥ୍ୟ ରହିଥିବା ଜଣାଯାଇଛି। କ୍ରିମିଆ ଉପକୂଳରୁ ୟୁକ୍ରେନ ଜଳକ୍ଷେତ୍ର ଦେଇ ବ୍ରିଟେନର ଯୁଦ୍ଧଜାହାଜ ଏଚ୍‌ଏମ୍‌ଏସ୍ ଡିଫେଣ୍ଡର ଚଳାଚଳ ଉପରେ ରୁଷିଆର ସମ୍ଭାବ୍ୟ ପ୍ରତିକ୍ରିୟା ବିଷୟରେ ଏହି ଦସ୍ତାବିଜରେ ଉଲ୍ଲେଖ ରହିଛି। ନାଟୋ ଅପରେଶନ ଶେଷ ହେବା ପରେ ଆଫଗାନିସ୍ତାନରେ ବ୍ରିଟିଶ ସେନା ଉପସ୍ଥିତି ଉପରେ ହୋଇଥିବା ଆଲୋଚନା ବାବଦରେ ମଧ୍ୟ ତଥ୍ୟ ରହିଛି। ଗତ ସପ୍ତାହରେ ଏହି ଡକ୍ୟୁମେଣ୍ଟ ହଜିଯାଇଥିବା ଏବଂ ଏ ନେଇ ତଦନ୍ତ ଚାଲିଥିବା ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି। ୟୁକ୍ରେନ ଜଳକ୍ଷେତ୍ର ଦେଇ ଏଚ୍‌ଏମ୍‌ଏସ୍ ଡିଫେଣ୍ଡର ଚଳାଚଳ ଘଟଣା ଉପରେ ରୁଷିଆ ବୁଧବାର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲା। ଯୁଦ୍ଧଜାହାଜ କ୍ରେମଲିନ ଜଳସୀମା ଦେଇ ଯାତାୟାତ କରିଥିଲା ବୋଲି ରୁଷିଆ କହିବା ସହ କାର୍ଯ୍ୟାନୁଷ୍ଠାନ ଚେତାବନୀ ସ୍ୱରୂପ ଗୁଳିଚାଳନା ସହ ଏଚ୍‌ଏମ୍‌ଏସ୍ ଡିଫେଣ୍ଡର ଯିବା ବାଟରେ ବୋମା ପକାଇଥିଲା। ପରେ ରୁଷିଆ ମସ୍କୋରେ ଥିବା ବ୍ରିଟିଶ ରାଷ୍ଟ୍ରଦୂତଙ୍କୁ ଏ ନେଇ ସମନ କରିଥିଲା। ତେବେ ଅନ୍ତର୍ଜାତୀୟ ନିୟମ ଅନୁଯାୟୀ ୟୁକ୍ରେନ ଜଳସୀମାରେ ଯୁଦ୍ଧଜାହାଜ ପଶିଥିବା ବ୍ରିଟେନ କହିବା ସହ ରୁଷିଆର ଦାବିକୁ ପ୍ରତ୍ୟାଖାନ କରିଥିଲା। ଯୁଦ୍ଧଜାହାଜ ଚଳାଚଳକୁ ନେଇ ରୁଷିଆ କଡ଼ା ପ୍ରତିକ୍ରିୟା ରଖିପାରେ ବୋଲି ବ୍ରିଟେନ ପୂର୍ବରୁ ଆକଳନ କରିଥିବା ଉକ୍ତ ଡକ୍ୟୁମେଣ୍ଟରୁ ଜଣାପଡ଼ିଛି।




**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୮,୧୭,୨୫,୧୩୭ | ୩୯,୩୬,୧୪୭ | ୧୬,୬୨,୨୮,୪୭୯ |
| ଭାରତ | ୩,୦୨,୭୬,୨୨୮ | ୩,୯୬,୬୩୧ | ୨,୯୨,୯୩,୪୯୭ |
| ଓଡ଼ିଶା | ୯,୦୦,୪୭୦ | ୩୮୮୭(+୫୩) | ୮,୬୭,୪୦୨ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ୯ ଲକ୍ଷ ଟପିଲା ସଂକ୍ରମଣ



**ଆଉ ୩,୪୦୮ ଚିହ୍ନଟ, ୩୯ ମୃତ**

ଭୁବନେଶ୍ୱର, ୨୭।୬(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ୯ ଲକ୍ଷ ପାର୍ କରିଛି। ଗତ ୨୪ ଘଣ୍ଟାରେ ୬୮,୩୩୫ ନମୁନା ପରୀକ୍ଷା ହୋଇଥିବାବେଳେ ୩,୪୦୮ଜଣ ପଜିଟିଭ୍ ବାହାରିଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ କ୍ୱାରାଣ୍ଟାଇନ୍‌ରୁ ୧,୯୪୩ ଜଣ ଓ ସ୍ଥାନୀୟ ଆକ୍ରାନ୍ତ ୧,୪୬୫ ଜଣ ରହିଛନ୍ତି। ଖୋର୍ଦ୍ଧାରୁ ୫୮୨ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ କଟକରୁ ୫୫୩, ଯାଜପୁର ୨୫୮, ବାଲେଶ୍ୱର ୨୫୧, ପୁରୀ ୨୧୫, ଭଦ୍ରକ ୧୬୯, ନୟାଗଡ଼ ୧୬୦, ମୟୂରଭଞ୍ଜ ୧୫୮, କେନ୍ଦ୍ରାପଡ଼ା ୧୧୦ ଓ ଜଗତ୍‌ସିଂହପୁରରୁ ୧୦୩ଜଣ ରହିଛନ୍ତି। ବାକିସବୁ ଜିଲାରେ ଏହି ସଂଖ୍ୟା ଶହେ ତଳକୁ ରହିଛି। ଫଳରେ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୯,୦୦,୪୭୦ରେ ପହଞ୍ଚିଛି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୧,୩୪,୨୨୪ଜଣ ଆକ୍ରାନ୍ତ ହୋଇଥିବା ବେଳେ ଦେବଗଡ଼ରେ ସର୍ବନିମ୍ନ ୫,୯୮୦ଜଣ ରହିଛନ୍ତି।

ସେପଟେ ରାଜ୍ୟରେ ଆଉ ୩୯ଜଣଙ୍କ କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ପୁଣି ୯ଜଣ ଥିବାବେଳେ ବରଗଡ଼, କଟକ ଓ ନୟାଗଡ଼ରୁ ୫ଜଣ ଲେଖାଏ ରହିଛନ୍ତି। ସେହିପରି ସୁନ୍ଦରଗଡ଼, ସମ୍ବଲପୁରରୁ ୩ଜଣ ଲେଖାଏ ଥିବାବେଳେ କେନ୍ଦ୍ରାପଡ଼ା, ଗଞ୍ଜାମ, ସୁବର୍ଣ୍ଣପୁର, ମୟୂରଭଞ୍ଜରୁ ୨ଜଣ ଲେଖାଏ ଓ ପୁରୀରୁ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ରାଜ୍ୟରେ ମୋଟ୍ କରୋନାଜନିତ ମୃତ୍ୟୁ ସଂଖ୍ୟା ୩,୮୮୭ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଆଇଏଏସ୍ ସ୍ତରରେ ଅଦଳବଦଳ

- କୃଷି ସଚିବ ହେଲେ ସୁରେଶ ବଶିଷ୍ଠ
- ବଦଳିଲେ ମାଲକାନଗିରି ଜିଲାପାଳ
- ୨୦୧୯ ବ୍ୟାଚ୍‌ଙ୍କୁ ନୂଆ ନିଯୁକ୍ତି
- ପ୍ରେମଚନ୍ଦ୍ର ଡବ୍ଲୁଓଡିସି ସିଇଓ

ଭୁବନେଶ୍ୱର, ୨୭।୬(ବ୍ୟୁରୋ)

ରାଜ୍ୟ ସରକାର ଆଇଏଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ କରିଛନ୍ତି। ରବିବାର ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କୃଷି ଓ କୃଷକ ସଶକ୍ତୀକରଣର ସ୍ୱତନ୍ତ୍ର ସଚିବ ଥିବା ସୁରେଶ କୁମାର ବଶିଷ୍ଠଙ୍କୁ ସେହି ବିଭାଗର ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଓଏସଇପିଏର ରାଜ୍ୟ ପ୍ରକଳ୍ପ ଅଧିକାରୀ ଭୂପିନ୍ଦର ସିଂ ପୁନିଆଙ୍କୁ ଇପିକଲ ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ଏଥିସହିତ ତାଙ୍କୁ ଶିଳ୍ପ ବିଭାଗର ଅତିରିକ୍ତ ସଚିବ ଏବଂ ସେ ଇଡ୍‌କୋର ଇଡି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିପରି ସାଧାରଣ ପ୍ରଶାସନ ବିଭାଗର ଓଏସ୍‌ଡି ଥିବା ପ୍ରେମଚନ୍ଦ୍ର ଚୌଧାରୀଙ୍କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ(ଡବ୍ଲୁଓସିଡି)ର ସିଇଓ, ଗଜପତି ଜିଲାପାଳ ଅନୁପମ ଶାହାଙ୍କୁ ଓଏସ୍‌ଇପିଏ ରାଜ୍ୟ ପ୍ରକଳ୍ପ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ଏଥି ସହିତ ସେ 'ମୋ ସ୍କୁଲ'ର ମେମ୍ବର ସେକ୍ରେଟାରୀ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସୋନପୁର ଜିଲାପାଳ ମନୀଷା ବାନାର୍ଜୀ ବରଗଡ ଜିଲାପାଳ ଭାବେ ବଦଳି ହୋଇଥିବା ବେଳେ, ମାଲକାନଗିରି ଜିଲାପାଳ ଏଦୁଲା ବିଜୟଙ୍କୁ କଟକସ୍ଥିତ ପ୍ରାଣୀ ସମ୍ପଦ ଓ ପ୍ରାଣୀ ସେବା ନିର୍ଦ୍ଦେଶକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡାଙ୍କୁ ଗଜପତି ଜିଲାପାଳ, ରାଉରକେଲା ଏଡିଏମ୍ ଅବୋଲି ସୁନୀଲ ନରଭଣେଙ୍କୁ ସୋନପୁର ଜିଲାପାଳ, ରାଉରକେଲା ମହାନଗର ନିଗମ କମିଶନର ଦିବ୍ୟଜ୍ୟୋତି ପରିଡାଙ୍କୁ ରାଉରକେଲା ଏଡିଏମ୍ ଓ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଯାଜପୁର ଡିଆର୍‌ଡିଏ ପ୍ରକଳ୍ପ ଅଧିକାରୀ ବିଶାଲ ସିଂହଙ୍କୁ ମାଲକାନଗିରି ଜିଲାପାଳ, ଟିଟିଲାଗଡ ସବ୍‌କଲେକ୍ଟର ସୋମେଶ କୁମାର ଉପାଧ୍ୟାୟଙ୍କୁ କଳାହାଣ୍ଡି ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ, ଧର୍ମଗଡ ସବ୍ କଲେକ୍ଟର ଦିବାକର ଟି.ଏସ.ଙ୍କୁ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର(ଓକାକ୍)ର ଓଏସ୍‌ଡି ଭାବେ ନିଯୁକ୍ତି ମିଳିଛି। ଅନ୍ୟପକ୍ଷରେ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଶେଷ କରି ଫେରିଥିବା ୨୦୧୯ ବ୍ୟାଚ୍‌ର ଆଇଏଏସ୍ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି। ସେହି କ୍ରମରେ ଅଗ୍ରୱାଲ ଅକ୍ଷୟ ସୁନୀଲଙ୍କୁ ନବରଙ୍ଗପୁର ସବ୍ କଲେକ୍ଟର, ଅନ୍ୟା ଦାସଙ୍କୁ ବାରିପଦା ସବ୍‌କଲେକ୍ଟର, ଆଦିତ୍ୟ ଗୋଏଲଙ୍କୁ କୁଚିଣ୍ଡା ସବ୍ କଲେକ୍ଟର, ମହାଜନ ମନୋଜ ସତ୍ୟୱାନଙ୍କୁ ଟିଟିଲାଗଡ ସବ୍ କଲେକ୍ଟର, ପାୱାର ସଚିନ ପ୍ରକାଶଙ୍କୁ ଧର୍ମଗଡ ସବ୍‌କଲେକ୍ଟର ଏବଂ ଇଶଲୱାର ଗୌରବ ଶିବାଜୀଙ୍କୁ ଖୋର୍ଦ୍ଧା ସବ୍ କଲେକ୍ଟର ଭାବେ ନିଯୁକ୍ତି ଦିଆଯାଇଛି।

# ତାଲିକା ପ୍ରସ୍ତୁତକର୍ତ୍ତା, ତାଲିକା ବାହାରେ

ଅନିଲ ଦାସ
ଭୁବନେଶ୍ୱର,୨୭।୬

ଆସନ୍ତା ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେରଖି ବିଜୁ ଜନତା ଦଳ ଶନିବାର ୩୦ ଜିଲା ପାଇଁ ପର୍ଯ୍ୟବେକ୍ଷକ ଓ ୬ଜଣ ବରିଷ୍ଠ ପର୍ଯ୍ୟବେକ୍ଷକ ନିଯୁକ୍ତି ଦେଇଛି। ସେଥିରେ ବିଧାୟକ, ମନ୍ତ୍ରୀ ଓ ବିରିଷ୍ଠ ନେତାଙ୍କୁ ବିଭିନ୍ନ ଜିଲାର ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ତେବେ ନୂଆ ତାଲିକାରେ ଦଳର ଯୁବ ସଙ୍ଗଠନକୁ ଦୀର୍ଘବର୍ଷ ଧରି ସମ୍ଭାଳି ଆସିଥିବା ଯୋଜନା ବୋର୍ଡର ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ଏବଂ କୃଷିମନ୍ତ୍ରୀ ଅରୁଣ ସାହୁଙ୍କୁ କୋଣଠେସା କରାଯାଇଛି। ଦିନେ ଯେଉଁମାନେ ସଙ୍ଗଠନର ତାଲିକା ପ୍ରସ୍ତୁତ କରୁଥିଲେ ସେମାନଙ୍କୁ ଆଜି ତାଲିକା ବାହାରେ ରଖାଯାଇଛି।

ଜଣେ ନେତାଙ୍କୁ ୨ଟି ଜିଲାର ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଥିବା ବେଳେ ସଞ୍ଜୟ ଏବଂ ଅରୁଣଙ୍କୁ କୌଣସି ଜିଲା ଦାୟିତ୍ୱ ଦିଆଯାଇ ନାହିଁ। ଛାତ୍ର ଓ ଯୁବ ସଂଗଠନ ଗଢ଼ିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଏହି ଦୁଇ ନେତା ଆଜି ଗୁରୁତ୍ୱ ହରାଇଥିବା ନେଇ ଆଲୋଚନା ହେଉଛି।

ସଞ୍ଜୟ ୨୦୦୮ରୁ ବିଜୁ ଯୁବ ଜନତା ଦଳର ସଭାପତି ଭାବେ ଦାୟିତ୍ୱ ତୁଲାଉଥିଲେ। ଯୁବ ସଂଗଠନଗୁଡ଼ିକରେ ତାଙ୍କର ଖୁବ୍ ପ୍ରଭାବ ରହିଥିଲା। ଦୀର୍ଘ ୯ ବର୍ଷ ଧରି ଯୁବ ବିଜେଡି ସଭାପତି ଦାୟିତ୍ୱ ତୁଲାଇବା ପରେ ୨୦୧୭ରେ ଏହି ପଦବୀରେ ଅମରେଶ ପତ୍ରୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ଯୁବ ବିଜେଡି ସଭାପତି ଦାୟିତ୍ୱରୁ ବିଦା ହେବା ପରେ ମଧ୍ୟ ଯୁବ ସଂଗଠନରେ ତାଙ୍କର ପୂର୍ବଭଳି ପତିଆରା ରହିଥିଲା। ୨୦୧୭ରେ ସଞ୍ଜୟଙ୍କୁ ବିଜେଡି ସାଧାରଣ ସମ୍ପାଦକ(ଯୁବ ବ୍ୟାପାର) ଭାବେ ନିଯୁକ୍ତି ଦିଆଯାଇଥିଲା। ଯୁବ ସଙ୍ଗଠନରେ ପ୍ରଭାବଶାଳୀ ଥିବାରୁ ୨୦୧୯ ସାଧାରଣ ନିର୍ବାଚନକୁ ଦେଖି ତାଙ୍କୁ ନବରଙ୍ଗପୁର ଏବଂ ରାୟଗଡ଼ା ଜିଲାର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିଲା। ବିଜେଡି ସାଧାରଣ ସମ୍ପାଦକ(ଯୁବ ବ୍ୟାପାର) ଦାୟିତ୍ୱରେ ୩ ବର୍ଷ ରହିବା ପରେ ୨୦୨୦ ନଭେମ୍ବରରେ ତାଙ୍କୁ ଯୁବ ଦାୟିତ୍ୱରୁ ହଟାଇ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତ ରାୟଙ୍କୁ ନିଯୁକ୍ତି ଦିଆଯାଇଛି। ୨୦୧୯ରେ ବ୍ରହ୍ମଗିରିରୁ ବିଧାନସଭା ନିର୍ବାଚନ ହାରିବା ପରେ ସଞ୍ଜୟଙ୍କୁ ଯୋଜନା ବୋର୍ଡର ଉପାଧ୍ୟକ୍ଷ ପଦବୀରେ ଥଇଥାନ କରାଯାଇଛି।

ଅନ୍ୟପକ୍ଷେ ଛାତ୍ର ବିଜେଡି ସଂଗଠନରେ ବେଶ୍ ପ୍ରଭାବଶାଳୀ ଥିବା ମନ୍ତ୍ରୀ ଅରୁଣ ସାହୁଙ୍କୁ ଦଳ ସଙ୍ଗଠନରେ ଗୁରୁତ୍ୱ ଦେଇ ନାହିଁ। ୨୦୦୩ରୁ ୨୦୨୦ ପର୍ଯ୍ୟନ୍ତ ସେ ଛାତ୍ର ସଂଗଠନ କଥା ବୁଝୁଥିଲେ। ସେ ଛାତ୍ର ବିଜେଡି ସାଧାରଣ ସମ୍ପାଦକଠାରୁ ଆରମ୍ଭ କରି ସଭାପତି ଦାୟିତ୍ୱ ତୁଲାଇଥିଲେ। ୨୦୦୪ରେ ବିଧାୟକ ହେବା ପରେ ମଧ୍ୟ ଦଳ ତାଙ୍କ ଉପରେ ଭରସା କରି ୨୦୨୦ ଯାଏ ଛାତ୍ର ସଂଗଠନର ଦାୟିତ୍ୱ ନ୍ୟସ୍ତ କରିଥିଲା।

ଏବେକାର ବିଜେଡି ରାଜନୀତି ଦେଖିଲେ ନବୀନ ପଟ୍ଟନାୟକଙ୍କ ନୂତନ ରାଜନୈତିକ ଚିନ୍ତା ସ୍ପଷ୍ଟ ବାରି ହେଉଅଛି। ଏହି ଦୁଇ ବରିଷ୍ଠ କିନ୍ତୁ ଯୁବ ନେତାଙ୍କ ନାମ ତାଲିକାରେ ନ ଥିବାରୁ ଜଣାପଡୁଛି ଯେ ନୂଆ ନୀତିରେ ଜଣେ ବ୍ୟକ୍ତିଙ୍କୁ ଗୋଟିଏ ମୁଖ୍ୟ ଦାୟିତ୍ୱ ଦିଆଯାଉଛି। ସେଥିପାଇଁ ସେହି ପଦବୀରେ ସର୍ବଶ୍ରେଷ୍ଠ ହେବାର ଆବଶ୍ୟକତା ରହିଛି ବୋଲି ଦଳର ମୁଖ୍ୟଙ୍କର ଅକୁହା କଥା ଭାବେ ରାଜନୈତିକ ପର୍ଯ୍ୟବେକ୍ଷକ ଧରି ନେଉଛନ୍ତି।






**ଆଜିର ମନ୍ତବ୍ୟ**

କୋଭିଡ୍ ମହାମାରୀ ସମୟରେ ସ୍ଥିରତା ଓ ସମୃଦ୍ଧି ପାଇଁ ଭାରତ-ଜାପାନ ସହଭାଗିତା ଅଧିକ ପ୍ରାସଙ୍ଗିକ -ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................



ଆୟୁଷ୍ମ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଅନ୍ତର୍ଜାତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

## ଅଂଶ ଗ୍ରହଣ କଲେ ୧୦ ଦେଶର ୧୭୨ ଶିଶୁ



**ଭୁବନେଶ୍ୱର, ୨୭।୬ (ବ୍ୟୁରୋ)**

କରୋନା ମହାମାରୀର ଭୟାବହତା ମଧ୍ୟରେ ଶିଶୁ ଚିତ୍ରଶିଳ୍ପୀଙ୍କ କଳା ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ କଳାମିତ୍ର ଫାଉଣ୍ଡେଶନ ହାଇଦ୍ରାବାଦ ପକ୍ଷରୁ ତୃତୀୟ ଅନ୍ତର୍ଜାତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀ ରବିବାର ଉଦ୍‌ଘାଟିତ ହୋଇଛି। ପ୍ରଦର୍ଶନୀରେ ଭାରତ ସମେତ ବ୍ରିଟେନ, ୟୁଏସ୍‌ଏ, ଋଷିଆ, ୟୁକ୍ରେନ୍, ଜର୍ଜିଆ, ବାଂଲାଦେଶ, ଶ୍ରୀଲଙ୍କା, ବ୍ରିଟାନିଆ ଏବଂ ପୋଲାଣ୍ଡରୁ ୧୭୨ ଜଣ ଶିଶୁ ଚିତ୍ରଶିଳ୍ପୀ ଅଂଶ ଗ୍ରହଣ କରି ନିଜର କଳା ପ୍ରଦର୍ଶନ କରିଛନ୍ତି। ଅନୁଷ୍ଠାନର ସଭାପତି ରମେଶ ମୋଥୁକୁରୀଙ୍କ ସଭାପତିତ୍ୱରେ ଏହି ଅନ୍‌ଲାଇନ୍ ପ୍ରଦର୍ଶନୀ ଆରମ୍ଭ ହୋଇଛି। ଲଳିତକଳା ଏକାଡେମୀର ସମ୍ପାଦକ ତଥା ଧଉଳି ଚାରୁ ଓ କାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ ପଞ୍ଚାନନ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁଙ୍କୁ ବିଭିନ୍ନ ଚିତ୍ରକଳା ଉପରେ ପ୍ରଶିକ୍ଷଣ ଦେଇଥିଲେ। ଅଲେଖ ଆର୍ଟ ଗ୍ୟାଲେରୀର ପ୍ରତିଷ୍ଠାତା ବି.ଏନ୍. ହରିପ୍ରସାଦ ଓ ପାରମ୍ପରିକ ପଟ୍ଟଚିତ୍ର ଶିଳ୍ପୀ ତଥା କଳାଶିକ୍ଷକ ରବୀନ୍ଦ୍ର କୁମାର ମହାରଣା ଯୋଗଦେଇ ଶିଶୁ ଚିତ୍ରଶିଳ୍ପୀଙ୍କ ପ୍ରତିଭାକୁ ଭୂୟସୀ ପ୍ରଶଂସା କରିବା ସହ ପଟ୍ଟଚିତ୍ରର ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ ଶିକ୍ଷା ଦେଇଥିଲେ। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି କଳା ପ୍ରଦର୍ଶନୀ ଚାଲିବ। ଫେସ୍‌ବୁକ୍ ମାଧ୍ୟମରେ ଏହାକୁ ଦେଖି ହେବ ବୋଲି ଫାଉଣ୍ଡେଶନ ସଭାପତି ମୋଥୁକୁରୀ ସୂଚନା ଦେଇଛନ୍ତି।

# ସୁସ୍ଥ ହେଲେ ଡେଲ୍‌ଟା ପ୍ଲସ୍ ସଂକ୍ରମିତ

**ଦେବଗଡ଼,୨୭।୬(ଡି.ଏନ.ଏ.)**

ଦେବଗଡ଼ ଜିଲାରୁ ଚିହ୍ନଟ ହୋଇଥିବା ରାଜ୍ୟର ପ୍ରଥମ ଡେଲ୍‌ଟା ପ୍ଲସ ସଂକ୍ରମିତ ସୁସ୍ଥ ହୋଇଛନ୍ତି। ସଂକ୍ରମିତ ଦେବଗଡ଼ ଜିଲା ବାରକୋଟ ବ୍ଲକ ବସାଲଇ ଗ୍ରାମର ମିଲୁ ରାଜହଂସ ବୋଲି ଜଣାପଡିଛି। ଶନିବାର ତାଙ୍କ ଘରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ପହଞ୍ଚି ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ। ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଏବଂ ପୂର୍ବଭଳି ସ୍ୱାଭାବିକ ଜୀବନ ଯାପନ କରିବାସହ ମାଟି ବୋହିବାଠାରୁ ଆରମ୍ଭ କରି ହଳ ଧରିବା, ଚାଷ ଆଦି କାର୍ଯ୍ୟ କରିପାରୁଥିବା ପ୍ରକାଶ କରିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୁଞ୍ଜିର ପୋକର ଟିକା**
**ବୟସ କାଳରେ ବଡ଼ ଆଦର**
**ବୁଢ଼ନ୍ତ କାଳକୁ ପକା।**


ଯୌବନ ଚିରସ୍ଥାୟୀ ନୁହେଁ। ଯୌବନାବସ୍ଥା ପରେ ଶରୀର କ୍ରମଶଃ ମଳିନ ପଡିଯିବା ସହ ବ୍ୟକ୍ତି ନିଜର ପୂର୍ବ ଚମକ ଓ ତେଜ ହରାଇ ବସିଥାଏ। ବୟସ ବେଳେ ଯେଉଁ ଆଦର ମିଳୁଥିଲା ଏବେ ଉତ୍ତର ବୟସରେ ଅଲୋଡ଼ା ହୋଇଯିବା ନେଇ ମନ ଊଣା କରି ବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗଲି ଅଇଲି**
**ଯାହା ଦେଖିଲି ତାହା କହିଲି।**

ବେଳେ ବେଳେ ଆଖିକୁ ଯାହା ଦେଖାଯାଏ ତାହା ସମ୍ପୂର୍ଣ୍ଣ ସତ୍ୟ ହୋଇ ନ ଥାଏ। କଥାର ମଞ୍ଜି ଭିତରକୁ ନ ପଶିଲେ ସତ କଥା ଆଢୁଆଳରେ ରହିଯାଏ। କଥା ବା ଘଟଣାର ଭିତରକୁ ନ ଯାଇ ଉପର ଠାଉରିଆ ଭାବେ ମନ୍ତବ୍ୟ ଦେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ୧ରୁ ବଢ଼ିବ ବର୍ଷା



**ଭୁବନେଶ୍ୱର, ୨୭।୬(ବ୍ୟୁରୋ)**

ରାଜ୍ୟରେ ଏବେ ଦୁର୍ବଳ ହେଉଛି ମୌସୁମୀ। ତେଣୁ ବର୍ଷାର ପରିମାଣ କମିଯାଇଛି। ବିଭିନ୍ନ ସ୍ଥାନରେ ବର୍ଷା ସହିତ ଘଡ଼ଘଡ଼ି ହେଉଛି। ତେବେ ଜୁଲାଇ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ରାଜ୍ୟର କିଛି ସ୍ଥାନକୁ ଛାଡ଼ି ଦେଲେ ଅନ୍ୟଠି ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ରବିବାର କୋରାପୁଟରେ ସର୍ବାଧିକ ୨୫ ମିମି ବର୍ଷା ହୋଇଥିବାବେଳେ ପାରଳାଖେମୁଣ୍ଡିରେ ୧୪.୪, ପାରାଦୀପ ୯, ବାରିପଦା ୮.୬, ଭୁବନେଶ୍ୱରରେ ୫.୧ ମିମି ବର୍ଷା ରେକର୍ଡ କରାଯାଇଛି। ସୋମବାର କୋରାପୁଟ, ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର, ଗଜପତି, କନ୍ଧମାଳର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବ। ତେବେ ଜୁଲାଇ ୧ରୁ ବର୍ଷା ପରିମାଣ ବଢ଼ିବ। ଉକ୍ତ ଦିନ ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର ଓ ଭଦ୍ରକରେ ପ୍ରବଳ ବର୍ଷା ହେବ। ଏଥିପାଇଁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଖୋର୍ଦ୍ଧା ଓ ପୁରୀରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସେପଟେ ରାଜ୍ୟରେ ଜୁନ୍ ୧ରୁ ୨୭ ମଧ୍ୟରେ ୧୭୪.୯ ମିମି ବର୍ଷା ରେକର୍ଡ ହୋଇଛି, ଯାହା ସ୍ୱାଭାବିକ ବର୍ଷା ୧୮୬.୧ ମିମିଠାରୁ ୬ ପ୍ରତିଶତ କମ୍ ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଏହି ସମୟ ମଧ୍ୟରେ ବଲାଙ୍ଗୀର, ବୌଦ୍ଧ, ରାୟଗଡ଼ା, ଗଞ୍ଜାମ, ଗଜପତି, ଯାଜପୁର, ଭଦ୍ରକ, କନ୍ଧମାଳ, ମୟୂରଭଞ୍ଜ ଓ କେନ୍ଦୁଝର ଆଦି ୧୦ ଜିଲାରେ ନିଅଣ୍ଟିଆ ବର୍ଷା ହୋଇଛି। ଏହା ସ୍ୱାଭାବିକ ବର୍ଷାଠାରୁ ୨୦ରୁ ୫୯% କମ୍ ରହିଛି। ସେହିପରି ସୁନ୍ଦରଗଡ଼, ଝାରସୁଗୁଡ଼ା, ପୁରୀ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ କୋରାପୁଟ ଆଦି ୭ଜିଲାରେ ସ୍ୱାଭାବିକଠାରୁ ୨୦ରୁ ୫୯% ଯାଏ ଅଧିକ ବର୍ଷା ରେକର୍ଡ କରାଯାଇଛି। ସୁନ୍ଦରଗଡ଼ ଜିଲାରେ ସର୍ବାଧିକ ୨୫୭.୪ ମିମି ବର୍ଷା ହୋଇଥିବାବେଳେ ଗଞ୍ଜାମ ଜିଲାରେ ସର୍ବନିମ୍ନ ୭୯.୫ମିମି ବର୍ଷା ହୋଇଛି।

## ପ୍ରଥମ ପୃଷ୍ଠାରୁ...

### ବାୟୁସେନା ଘାଟିରେ ...

ଶୁଭିବାରୁ କ'ଣ ହେଲା ବୋଲି ଦେଖିଲାବେଳକୁ ବିସ୍ଫୋରକ ଭର୍ତ୍ତି ଦୁଇଟି ଡ୍ରୋନ୍ ଜରିଆରେ ଅକ୍ରମଣ ହୋଇଥିବା ଜଣାପଡ଼ିଥିଲା। ୧.୩୭ରେ ଗୋଟିଏ ଓ ୧.୪୦ ମିନିଟ୍‌ରେ ଦ୍ୱିତୀୟ ବିସ୍ଫୋରଣ ଘଟିଥିଲା। ପ୍ରଥମ ବିସ୍ଫୋରଣରେ ଏକ କୋଠାର ଛାତ ସାମାନ୍ୟ କ୍ଷତିଗ୍ରସ୍ତ ହୋଇଥିବାବେଳେ ଦ୍ୱିତୀୟ ଆଇଇଡି ଭୂମିରେ ବିସ୍ଫୋରଣ ହୋଇଥିଲା। ଭାରତୀୟ ସାମରିକ ବାହିନୀର କୌଣସି ପ୍ରତିଷ୍ଠାନକୁ ଡ୍ରୋନ୍ ସହାୟତାରେ ଆତଙ୍କବାଦୀମାନେ ଟାର୍ଗେଟ କରିବାରେ ଏହା ହେଉଛି ପ୍ରଥମ ଘଟଣା। ଏହି ରାତିଅଧିଆ ଆକ୍ରମଣକୁ ନେଇ ଜମ୍ମୁ-କଶ୍ମୀର ପୋଲିସ ବେଆଇନ କାର୍ଯ୍ୟକଳାପ ନିରୋଧୀ ଆଇନ (ୟୁଏପିଏ) ବଳରେ ମାମଲା ରୁଜୁ କରିଛି। ପୋଲିସ, ଏନ୍‌ଆଇଏ ଏବଂ ଅନ୍ୟ ଆତଙ୍କବାଦୀ ନିରୋଧୀ ଏଜେନ୍ସିର ଟିମ୍ ମିଳିତ ଭାବେ ଏହାର ତନାଘନା ଆରମ୍ଭ କରିଥିବା ଡିଜିପି ଦିଲବାଗ୍ ସିଂ କହିଛନ୍ତି। ତେବେ ଅନ୍ତର୍ଜାତୀୟ ସୀମାରୁ ଆକାଶମାର୍ଗରେ ଉକ୍ତ ବିମାନବନ୍ଦରର ଦୂରତା ମାତ୍ର ୧୪ କି.ମି. ହୋଇଥିବାରୁ ଏହା ପଛରେ ପାକିସ୍ତାନୀ ଆତଙ୍କବାଦୀଙ୍କ ହାତ ଥିବା ସନ୍ଦେହ କରାଯାଉଛି। ତଦନ୍ତ ବେଳେ ଆଉ ଏକ ଆକ୍ରମଣକୁ ସୁରକ୍ଷା ଅଧିକାରୀମାନେ ଏଡ଼ାଇଦେଇଛନ୍ତି। ସେମାନେ ନିଷିଦ୍ଧ ଘୋଷିତ ଲଶ୍କର-ଇ-ତୋଇବା (ଏଲ୍‌ଇଟି) ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରୁଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରି ତାଙ୍କଠାରୁ ୬ କେ.ଜି. ଆଇଇଡି ଜବତ କରିଛନ୍ତି। ଜନଗହଳିପୂର୍ଣ୍ଣ ଅଞ୍ଚଳରେ ବିସ୍ଫୋରଣ ଘଟାଇବା ପୂର୍ବରୁ ତାଙ୍କୁ ଧରାଯାଇଛି। ସମ୍ପୃକ୍ତ ସନ୍ଦିଗ୍ଧଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଖୁବ୍‌ଶୀଘ୍ର ଆହୁରି କେତେଜଣଙ୍କୁ ଗିରଫ କରାଯାଇପାରେ ବୋଲି ଦିଲବାଗ୍ କହିଛନ୍ତି। ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ବାୟୁସେନା ଉପମୁଖ୍ୟ ଭାଇସ୍ ଆଡ୍‌ମିରାଲ ଏୟାର ମାର୍ଶଲ ଏଚ୍. ଏସ୍. ଆରୋରାଙ୍କୁ ଫୋନ୍ କରି ବିମାନବନ୍ଦରର ସୁରକ୍ଷା ନେଇ ଆଲୋଚନା କରିଛନ୍ତି। ଅନ୍ୟ ଆଇଏଏଫ୍ ଅଧିକାରୀମାନେ ମଧ୍ୟ ରାଜନାଥଙ୍କୁ ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ତେବେ ବିମାନ ଚଳାଚଳ ସ୍ୱାଭାବିକ ଥିବା ଜମ୍ମୁ ବିମାନବନ୍ଦର ନିର୍ଦ୍ଦେଶକ ପ୍ରଭାତ ରଞ୍ଜନ ବେଉରିଆ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ପରେ ପଞ୍ଜାବର ସୀମାନ୍ତ ଜିଲା ପଠାନ୍‌କୋଟସ୍ଥିତ ଆଇଏଏଫ୍ ଘାଟିରେ ସମ୍ଭାବ୍ୟ ଆକ୍ରମଣ ଏଡ଼ାଇବା ଲାଗି ହାଇଆଲର୍ଟ ଜାରି କରାଯାଇଛି। ୨୦୧୬ ଜାନୁୟାରୀରେ ପଠାନ୍‌କୋଟକୁ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଟାର୍ଗେଟ କରିଥିଲା। ୪ ଦିନ ଧରି ଚାଲିଥିବା ଏହି ଅପରେଶନରେ ସୁରକ୍ଷା ବଳ ୬ ଆତଙ୍କବାଦୀଙ୍କୁ ନିପାତ କରିଥିଲା।

### ପ୍ରଧାନମନ୍ତ୍ରୀଙ୍କ ବୈଠକର ...

ମିଟିଂରେ ଯୋଗଦେଇଥିଲେ। କେନ୍ଦ୍ରର ଉକ୍ତ ନିଷ୍ପତ୍ତି ପ୍ରତ୍ୟାହାର ଦାବିରେ ୬ ଦଳକୁ ନେଇ ଗଠିତ ପିପୁଲ୍ସ ଆଲାଏନ୍ସ ଫର୍ ଗୁପ୍‌କାର ଡିକ୍ଲାରେଶନ (ପିଏଜିଡି) ପକ୍ଷରୁ ସ୍ୱତନ୍ତ୍ର ପାହ୍ୟା ଓ ୩୭୦ ଫେରସ୍ତ ଦାବି ଉଠାଯାଇଥିଲା। ତେଣୁ କେନ୍ଦ୍ର-କଶ୍ମୀରୀ ନେତାଙ୍କ ଶାନ୍ତି ଉଦ୍ୟମକୁ ଭଣ୍ଡୁର କରିବା ପାଇଁ ଏହାକୁ ଆତଙ୍କବାଦୀଙ୍କ ଏକ ଚ୍ୟାଲେଞ୍ଜ ରୂପେ ବିବେଚନା କରାଯାଉଛି। ମାମଲାର ଗମ୍ଭୀରତାକୁ ଦେଖି ଆତଙ୍କବାଦ ନିରୋଧୀ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ଏହାର ତଦନ୍ତ ଭାର ଦିଆଯାଇପାରେ ବୋଲି କୁହାଯାଉଛି।

### ଦ୍ୱୈତନଗରୀରେ ...

ମୂଲ୍ୟ ୯୯ ଟଙ୍କା ଟପି ଯାଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ରବିବାର ଭୁବନେଶ୍ୱରରେ ପେଟ୍ରୋଲ ଉପରେ ୩୫ ପଇସା ଏବଂ ଡିଜେଲରେ ୨୬ ପଇସା ବଢ଼ିଛି। ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୯୯.୨୪ ଟଙ୍କା ଏବଂ ଡିଜେଲ ୯୬.୮୮ ଟଙ୍କାରେ ବିକ୍ରି ହେଉଛି। ସେହିଭଳି କଟକ ସହରରେ ପେଟ୍ରୋଲ ଲିଟର ପିଛା ୯୯.୫୬ ଟଙ୍କା ଏବଂ ଡିଜେଲ ୯୭.୧୯ ଟଙ୍କାରେ ପହଞ୍ଚିଛି। ଗତ ୮ ସପ୍ତାହ ମଧ୍ୟରେ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୮.୧୨ ଟଙ୍କା ଏବଂ ଡିଜେଲ ୮.୯୦ ଟଙ୍କା ବଢିଲାଣି ବୋଲି ତୈଳ କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ମିଳିଛି। ଅପରପକ୍ଷରେ ଓଡ଼ିଶାର ଅନୁଗୋଳ, ବରଗଡ, ବଲାଙ୍ଗୀର, ବୌଦ୍ଧ, ଦେବଗଡ, ଗଞ୍ଜାମ, ଗଜପତି, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, ନୂଆପଡ଼ା, ରାୟଗଡ଼ା, ନବରଙ୍ଗପୁର, ସୋନପୁର, ମୟୂରଭଞ୍ଜ, ସମ୍ବଲପୁର, ସୁନ୍ଦରଗଡ଼, ମାଲକାନଗିରି ଓ କୋରାପୁଟ ଜିଲାର ବିଭିନ୍ନ ବ୍ଲକରେ ପେଟ୍ରୋଲ ଲିଟର ପିଛା ୧୦୦ ଟଙ୍କା ଉପରେ ଥିବାବେଳେ ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର ଓ କୋରାପୁଟ ଜିଲାର ବିଭିନ୍ନ ବ୍ଲକରେ ଡିଜେଲ ଲିଟର ପିଛା ୧୦୦ ଟଙ୍କା ଟପି ଯାଇଥିବା ସ୍ଥାନୀୟ ପେଟ୍ରୋଲିୟମ ଡିଲରମାନେ କହିଛନ୍ତି।

ସେହିପରି ନୂଆଦିଲ୍ଲୀରେ ପେଟ୍ରୋଲ ଉପରେ ୩୫ ପଇସା ଏବଂ ଡିଜେଲରେ ୨୫ ପଇସା ବଢ଼ିଥିବା ସୂଚନା ମିଳିଛି। ଫଳରେ ସେଠାରେ ପେଟ୍ରୋଲ ଲିଟର ପିଛା ୯୮.୪୬ ଟଙ୍କା ଏବଂ ଡିଜେଲ ୮୮.୯୦ ଟଙ୍କାରେ ପହଞ୍ଚିଛି। ମେ' ୪ ପରଠାରୁ ଦିଲ୍ଲୀରେ ମଧ୍ୟ ପେଟ୍ରୋଲ ଲିଟର ପିଛା ୮.୦୬ ଟଙ୍କା ଏବଂ ଡିଜେଲ ୮.୧୭ ଟଙ୍କା ବୃଦ୍ଧି ଘଟିଥିବା ଜଣାପଡିଛି। ଅପରପକ୍ଷରେ ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୯୯.୪୯ ଟଙ୍କା, ୯୮.୩୦ ଟଙ୍କା ଏବଂ ୧୦୪.୫୬ ଟଙ୍କାରେ ବିକ୍ରି ହେଉଛି। ଅନ୍ୟପକ୍ଷରେ ଏହି ସବୁ ମେଟ୍ରୋ ସହରରେ ଡିଜେଲ ଦର ଯଥାକ୍ରମେ ୯୩.୪୬ ଟଙ୍କା, ୯୧.୭୫ ଟଙ୍କା ଏବଂ ୯୬.୪୨ ଟଙ୍କାରେ ପହଞ୍ଚିଛି।

ଗତ ୨ ମାସ ମଧ୍ୟରେ ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ମହାରାଷ୍ଟ୍ର, ରାଜସ୍ଥାନ, କର୍ଣାଟକ ଓ ମଧ୍ୟପ୍ରଦେଶ, ଜମ୍ମୁ-କଶ୍ମୀର ଏବଂ ଲଦାଖ ଭଳି କେନ୍ଦ୍ରଶାସିତ ଅଞ୍ଚଳରେ ପେଟ୍ରୋଲ ଓ ଡିଜେଲ ଦର ୧୦୦ ଟଙ୍କା ଟପି ରେକର୍ଡ ସ୍ତରରେ ପହଞ୍ଚିଛି। ମହାମାରୀ ସମୟରେ ସାରା ଦେଶରେ ସର୍ବାଧିକ ତୈଳ ଦର ରାଜସ୍ଥାନର ଗଙ୍ଗାନଗର ଅଞ୍ଚଳରେ ପେଟ୍ରୋଲ ୧୦୯ ଟଙ୍କା ଉପରେ ବିକ୍ରି ହେଉଥିବା ବେଳେ ଡିଜେଲ ୧୦୨ ଟଙ୍କା ନିକଟବର୍ତ୍ତୀରେ ବିକ୍ରି କରାଯାଉଥିବା ତୈଳ କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ମିଳିଛି।

### ମାଟି ଅତଡ଼ା ଧସି ...

ଅଦ୍ୱୈତ କୁମାର ସ୍ୱାଇଁ, ବିଡିଓ ହଳଧର ଶବରଙ୍କ ସହ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସବିଶେଷ ରିପୋର୍ଟ ସଂଗ୍ରହ କରି ଫେରିଛନ୍ତି। ପୋଲିସ ୨ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। ସୂଚନାଯୋଗ୍ୟ, ତିତ୍‌ଲି ବାତ୍ୟା ପରବର୍ତ୍ତୀ ବନ୍ୟାରେ ଏହି ଚେକ୍ ଡ୍ୟାମ ସମ୍ପୂର୍ଣ୍ଣ ଭାବରେ ଭାସି ଯାଇଥିଲା। ଗତ ଜାନୁୟାରୀ ୧୧ରେ ୧ କୋଟି ୧୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଦିଗପହଣ୍ଡି ଡ୍ରେନେଜ୍ ଉପଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ ତପ୍ତପାଣି ନାଳର ଘାଇ ହୁଡ଼ା ଆନିକଟରେ ଚେକ୍ ଡ୍ୟାମ୍ ନିର୍ମାଣ ପାଇଁ ସ୍ଥାନୀୟ ବିଧାୟକ ତଥା ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ଶିଳାନ୍ୟାସ କରିଥିଲେ। ବ୍ରହ୍ମପୁର ଅଞ୍ଚଳର ଠିକାଦାର ଅବକାଶ ପାଣିଗ୍ରାହୀ ଉକ୍ତ ନିର୍ମାଣ କାର୍ଯ୍ୟ କରିବା ସହ ମହିଳା ଶ୍ରମିକମାନଙ୍କୁ ନିୟୋଜିତ କରିଥିବା ତହସିଲଦାର କହିଛନ୍ତି। ଅପରପକ୍ଷରେ ମୃତ ମହିଳା ଶ୍ରମିକଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### ପୂର୍ବତନ କୁଳପତିଙ୍କୁ ...

ସୋମବାର ହତ୍ୟା କରାଯାଇଛି। ଶହେ ଟଙ୍କା ନ ଦେବାରୁ ଜଣେ ଯୁବକ ତାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ପୋଲିସ ହତ୍ୟା ଅଭିଯୁକ୍ତ କୁଆଁରମାଲ ଗ୍ରାମର ପ୍ରବୀଣ ଧରୁଆ(୨୦) ଓରଫ ରିମିତ୍‌ଙ୍କୁ ଗାଁ ନିକଟ ଜଙ୍ଗଲରୁ ଗିରଫ କରିଛି। ତାଙ୍କ ନିକଟରୁ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରାଯାଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଆଇପିସି ଦଫା ୩୦୨ରେ ଏକ ହତ୍ୟା ମାମଲା (ନଂ.୧୫୯/୨୧) ରୁଜୁ କରି ତଦନ୍ତ ଚଳାଇଛି।

ଝାରସୁଗୁଡା ଏସ୍‌ପି ବିକାଶ ଚନ୍ଦ୍ର ଦାସ ଏକ ଖବରଦାତା ସମ୍ମିଳନୀରେ ଦେଇଥିବା ସୂଚନା ଅନୁସାରେ, ସୋମବାର ଲଇକେରା ଥାନା କୁଆଁରପାଲି ଗ୍ରାମ ସର୍ଗିଗୁଡା ସ୍ଥିତ ଡଃ ନାଏକଙ୍କ ବାସଭବନରେ ପ୍ରବୀଣ ଟାଙ୍ଗିଆ ଧରି ପହଞ୍ଚିଥିଲେ। ଏହି ସମୟରେ ସେ ଘରେ ନ ଥିବାବେଳେ ତାଙ୍କ ସ୍ତ୍ରୀ, ଝିଅ ଓ ଜ୍ୱାଇଁ ଥିଲେ। ଯୁବକ ଜଣଙ୍କ ପାଟିତୁଣ୍ଡ କରିବାବେଳେ ନାଏକ ଘରେ ପହଞ୍ଚି ବେଡ୍‌ରୁମ୍‌କୁ ଯାଇଥିଲେ। ଯୁବକ ଜଣଙ୍କ ମଧ୍ୟ ତାଙ୍କ ବେଡ୍‌ରୁମ୍‌କୁ ଯାଇ ସେଠାରେ ପାଟିତୁଣ୍ଡ କରିଥିଲେ। ଉକ୍ତ ଯୁବକଙ୍କୁ ବେଡ୍‌ରୁମ୍ ବାହାରକୁ ଯିବା ପାଇଁ କହିବାରୁ ସେ ଉତ୍‌କ୍ଷିପ୍ତ ହୋଇ ଟାଙ୍ଗିଆରେ ନାଏକଙ୍କ ବେକକୁ ଚୋଟ ମାରିଥିଲେ। ଏହା ଦେଖି ପରିବାର ଲୋକେ ଚିତ୍କାର କରିବାରୁ ଅଭିଯୁକ୍ତ ସେଠାରୁ ଖସି ପଳାଇଥିଲେ। ପରେ ପରିବାର ଓ ଗାଁ ଲୋକେ ନାଏକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ମୁଦ୍ରାଯୋର ହସ୍ପିଟାଲକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଝାରସୁଗୁଡାର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡ. ନାଏକଙ୍କ ପରିବାର ଲୋକଙ୍କ କହିବା ଅନୁସାରେ, ଯୁବକ ଜଣଙ୍କ ତାଙ୍କ ଘରକୁ ଆସି ମଦ ପିଇବା ପାଇଁ ଶହେ ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ସେ ଏଭଳି ହତ୍ୟାକାଣ୍ଡ ଘଟାଇଛନ୍ତି। ତେବେ ଗ୍ରାମରେ ପୋଖରୀ ନିଲାମ ଓ ଜଙ୍ଗଲରୁ ଜାଳେଣି କାଠ ସଂଗ୍ରହକୁ ନେଇ ହତ୍ୟା କରାଯାଇଥାଇପାରେ ବୋଲି ଚର୍ଚ୍ଚା ହେଉଛି। ଏସ୍‌ପି ଦାସ ଏ ସମ୍ପର୍କରେ ଗାଁ ଲୋକ ଓ ପରିବାର ସଦସ୍ୟଙ୍କୁ ପଚରାଉଚରା କରିଛନ୍ତି।


## classifieds Everyday 0674-2580101, 2549302









**SALE**

Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession, ଅଗ୍ରିମ boundarywall, electricity with 30ft. road sqft. 700/- ରେ ମିଳୁଛି। Contact: 7008045582, 7749800648. D-20926

Mo Hindustan Jewellers Bhubaneswar started online gold ornaments sale and door step delivery. Please call for more detail 9437160289 or 9437033691. D-20906

**AFFIDAVIT**

Before Executive Magistrate, Berhampur I Susama Kumari Rath Changed my name to Susama Mishra on 25th June 2021 after marriage with Saroj Kumar Mishra, Bhabani Nagar 4th Lane, Berhampur Town-PS. Henceforth, I shall be known as Susama Mishra for all purposes. D-66662





(Two 3BHK & Three 2BHK) 05 Houses & 3000 Sq.ft. open land in Unit-4 & Khandagiribari, Bhubaneswar for rent. Family/Office/Hostel/Godown. 9437055725/9861067046. D-20936





Newly open Spa offer @ 699/-, Positively health benefits, Jaydevvihar. 7846814019. D-59994


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହୋଇଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୭୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ଆଜି ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ଶୁକ୍ର ମଙ୍ଗଳ ଯୋଗରୁ ଅର୍ଥ ସମ୍ବନ୍ଧୀୟ କୌଣସି କଥା ବନ୍ଧୁଙ୍କ ନିକଟରୁ ଶୁଣିବାକୁ ପାଇ ଉଲ୍ଲସିତ ହେବେ। ପ୍ରତ୍ୟେକ ଦିଗକୁ ଲକ୍ଷ୍ୟରଖି ଗୋପନୀୟ ଆଲୋଚନା ବ୍ୟତିରେକେ ସମସ୍ୟାରେ ଛନ୍ଦି ହୋଇଯିବେ। ପାରିବାରିକ, ପ୍ରଶାସନିକ କ୍ଷେତ୍ର ମଧ୍ୟମ ପ୍ରକାରର ରହିବ।

**ବୃଷ**



ରାଶିରେ ବୁଧଙ୍କ ଯୋଗୁ ଅର୍ଥଲାଭ ସାଙ୍ଗକୁ ସନ୍ତାନମାନଙ୍କ ଗୌରବରେ ନିଜକୁ ଗୌରବାନ୍ୱିତ ମନେ କରିବେ। କିନ୍ତୁ କୌଣସି ପଡୋଶିଣୀ କିମ୍ବା ସହକର୍ମୀଙ୍କ ସହ ମତାନ୍ତରଜନିତ ସମସ୍ୟା ବୃଦ୍ଧିର ସମ୍ଭାବନା ରହିଛି। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। କିଛି ଜିନିଷ ହଜାଇବା କାରଣରୁ ବିରସ ମନରେ ରହିପାରନ୍ତି।

**ମିଥୁନ**



ବୃହସ୍ପତି ଭାଗ୍ୟସ୍ଥ ହେତୁ ସ୍ଥଗିତ କାମଗୁଡ଼ିକୁ ସହଜ ଓ ସୁବିଧାରେ ସମ୍ପନ୍ନ କରିବାର ମାର୍ଗ ଉନ୍ମୁକ୍ତ କରିବ। ଆକସ୍ମିକ ଭାବରେ ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, କଳ କାରଖାନା, ହୋଟେଲ, ବ୍ୟବସାୟରୁ ସୁଫଳ ପାଇବେ। ପାରିବାରିକ କ୍ଷେତ୍ର ଗତାନୁଗତିକ ରୀତିରେ ଚାଲିବ।

**କର୍କଟ**



ଚନ୍ଦ୍ରଙ୍କ ପ୍ରଭାବରେ ନିଜର ଉଦାରତା ଓ ସହନଶୀଳତା ଗୁଣରୁ ସମସ୍ତଙ୍କର ଆଦରଣୀୟ ହୋଇ ପ୍ରଶଂସିତ ହେବେ। ସାମୟିକ ଭାବପ୍ରବଣତା କିମ୍ବା ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ସାମୟିକ ଦୁଶ୍ଚିନ୍ତା ବୃଦ୍ଧି ପାଇବ।

**ସିଂହ**



ରବିଙ୍କ ହେତୁ ପ୍ରତ୍ୟେକ କାମକୁ ଦକ୍ଷତାର ସହ ସମ୍ପାଦନ କରିବାରେ ପ୍ରେରଣା ଯୋଗାଇବ। ଆବଶ୍ୟକତା ପୂରଣ କରିବା ସକାଶେ ଧାରକରଜ କରି କାମକୁ ଚଳାଇ ନେବେ। ଅସୁବିଧାଜନକ ସ୍ଥିତିରେ ଗୁରୁଜନଙ୍କ ସାନ୍ତ୍ୱନାବାଣୀ ମନରେ ଆଶ୍ୱସ୍ତି ଭରିପାରେ। ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**କନ୍ୟା**



ଦିନଟିରେ ପ୍ରତିଯୋଗିତା,ପ୍ରତିଦ୍ୱନ୍ଦ୍ୱିତା କିମ୍ବା ବିବାଦ କ୍ଷେତ୍ରରେ ବିଜୟୀ କରାଇବ। ମନ ଭିତରର ଅଶାନ୍ତିକୁ ପ୍ରକାଶ ନ କରି ଅନ୍ୟମାନଙ୍କ କାମରେ ନିଜକୁ ମଜ୍ଜାଇ ରଖି ପ୍ରଶଂସିତ ହେବେ। ଅନ୍ୟମାନଙ୍କୁ ଖୁସିରେ ରଖିବା ସକାଶେ ଯେତେପ୍ରକାରର ଚେଷ୍ଟା କଲେ ମଧ୍ୟ ବିଫଳ ହୋଇପାରନ୍ତି। ପ୍ଲଟିଂ କାରବାର ସମସ୍ୟା ବିଜଡିତ ରହିପାରେ।

**ତୁଳା**



ଆଜି କାର୍ଯ୍ୟବ୍ୟସ୍ତତା ଓ ମାନସିକ ଚାପ କ୍ରମଶଃ ବୃଦ୍ଧି ପାଇବ। ଆକସ୍ମିକ ଭାବେ ସମସ୍ୟାର ସମାଧାନ ହୋଇଯିବ। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ବିଶାଖା ନକ୍ଷତ୍ରର ସୁଯୋଗ ଆପଣା ଛାଏଁ ଜୁଟିବ ଓ ଆଶା ନିଶ୍ଚିତ ପୂରଣ ହୋଇଯିବ। ନିଜ ଲୋକଙ୍କ ଅନାଦର ମନକୁ ବ୍ୟଥିତ କରିପାରେ।

**ବିଛା**



ପ୍ରତ୍ୟେକ କ୍ଷେତ୍ରରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବା କାରଣରୁ ଠିକ୍ ନିଷ୍ପତ୍ତି ନେବା ସହଜସାଧ୍ୟ ହୋଇ ନ ପାରେ। ଅର୍ଥନୈତିକ, ପ୍ରଶାସନିକ, ସାମାଜିକ ଓ ରାଜନୈତିକ ସ୍ଥିତି ମଧ୍ୟମ ପ୍ରକାରର ରହିବ। ସାହିତ୍ୟ, ସାମ୍ବାଦିକତା, ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇ ଯିବ। ଶନିଜନିତ ପାରିବାରିକ କ୍ଷେତ୍ରରେ ମିଶ୍ରିତ ଫଳ ଅନୁଭବ କରିବେ।

**ଧନୁ**



ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ବହୁତ ଭଲରେ ଅତିବାହିତ ହେବ। ସପ୍ତମସ୍ଥ ବୁଧ ହେତୁ ସକାଳୁଆ ଯାତ୍ରାରେ ଯେଉଁଥିପାଇଁ ଯାଉଛନ୍ତି ସେଥିରେ ସଫଳତା ଅବଶ୍ୟମ୍ଭାବୀ। ସଭାସମିତିରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ। ପାରିବାରିକ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**ମକର**



ଅଧିକାଂଶ ସମୟ ଦିନଟିରେ ବନ୍ଧୁ ମେଳରେ ରହିବାର ସୁଯୋଗ ପାଇବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ ଏବଂ ପିଲାଙ୍କ ସହ ଖୁସିଗପ କରିବାର ମଉକା ଜୁଟିବ। ପ୍ରକାଶନ, ସଂଗଠନ, ରାଜନୀତି, ପ୍ରତିଦ୍ୱନ୍ଦ୍ୱିତା ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ବ୍ୟବସାୟିକ ସଫଳତା ମିଳିବ କିନ୍ତୁ ପୂର୍ଣ୍ଣ ସନ୍ତୋଷଜନକ ହେବ ନାହିଁ।

**କୁମ୍ଭ**



ଅସନ୍ତୋଷକୁ ବନ୍ଧୁଙ୍କ ସମ୍ମୁଖରେ ବଖାଣିବା ଦ୍ୱାରା ଓଲଟା ଫଳ ଭୋଗିବାକୁ ପଡିବ। ପରିବାର ସଦସ୍ୟଙ୍କ କାର୍ଯ୍ୟ ମନକୁ ନ ପାଇଲେ ମଧ୍ୟ କିଛି କରିବାର ଉପାୟ ପାଇବେ ନାହିଁ। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ। ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ ଦିନଟି ମନ୍ଦ ନୁହେଁ।

**ମୀନ**



ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବଢ଼ିବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ। ଅଫିସରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ଆଷାଢ଼ କୃଷ୍ଣ ଚତୁର୍ଥୀଯୁକ୍ତ ୫ମୀ ସୋମବାର, ଜୁନ୍ ୨୮ ତାରିଖ, ରାଶିନକ୍ଷତ୍ର-ଧନିଷ୍ଠା/ମକର, ଦିବା ଘ.୦୧।୦୦ ପରେ କୁମ୍ଭ ଚନ୍ଦ୍ର, ମିଥୁନ ରାଶିର ଘାତବାର, ସିଂହ ରାଶିର ଘାତଚନ୍ଦ୍ର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ, ୫ମୀର ପାର୍ବଣ ଶ୍ରାଦ୍ଧ, ଶ୍ରାଦ୍ଧ, ମେଷ ରାଶିର ଘାତବାର, ଅଦ୍ୟ ବିବାହ ପାଣିଗ୍ରହଣ, ଗୃହାରମ୍ଭ ଓ ଗୃହପ୍ରବେଶ ପାଇଁ ଶୁଭଦିନ। ଦିବା ଘ. ୦୮।୪୫, ଗତେ ଘ.୧୦।୩୦ ମଧ୍ୟେ ଅମୃତ ବେଳା। ଅପରାହ୍ନ ଘ.୦୬।୫୩ ଗତେ, ଘ.୦୮।୩୨ ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ବାଲି ଚାଲାଣ ବେଳେ ୨ ହାଇୱା ଜବତ

ଚଣ୍ଡିଖୋଲ,୨୭।୬(ଡି.ଏନ.ଏ.):ଦର୍ପଣ ତହସିଲ ଅନ୍ତର୍ଗତ ଚଣ୍ଡିଖୋଲ-ବଡଚଣା ରାସ୍ତା ଓ ବଡଚଣା-ଖଇରା ରାସ୍ତାରେ ଶନିବାର ୨ ବାଲି ବୋଝେଇ ହାଇୱା (ନଂ. ଓଆର୧୯ ଏନ ୫୫୨୦ ଓ ଓଡି୦୪ଏଚ୯୧୬୯)କୁ ଦର୍ପଣ ତହସିଲଦାର ପ୍ରଦୀପ ସେଠୀ ଜବତ କରିଛନ୍ତି। ତହସିଲଦାର ଉଭୟ ଗାଡ଼ିର ଚାଳକଙ୍କୁ କାଗଜପତ୍ର ମାଗିଥିଲେ, ହେଲେ କାଗଜପତ୍ର ଦେଖାଇ ନ ପାରିବାରୁ ଗାଡ଼ିଦ୍ୱୟକୁ ଜବତ କରାଯାଇ ୫୦ ହଜାର ୨୪୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି।

### ମଦ ବୋଝେଇ ଅଟୋ ଜବତ, ଜଣେ ଗିରଫ

ଯାଜପୁର ଟାଉନ,୨୭।୬(ଡି.ଏନ.ଏ.): ଯାଜପୁର ଟାଉନ ଥାନା ପୋଲିସ ବଲ୍ଲଭିଘାଟ ନିକଟରୁ ଗୋଟିଏ ମଦ ବୋଝେଇ ଅଟୋରିକ୍ସାକୁ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେଥିରୁ ୧୩୮ ଲିଟର ବିଦେଶୀ ମଦ ଜବତ ହୋଇଛି । ଅଟୋ ଚାଳକ ମଙ୍ଗଳପୁର ଇସମାଇଲପୁର ଗ୍ରାମର ଦିବାକର ବେହେରାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

### ନାଳରେ ବୁଡ଼ି ଜଣେ ମୃତ

ଦଶରଥପୁର/ଯାଜପୁର ଟାଉନ,୨୭।୬ (ଡି.ଏନ.ଏ.): ଦଶରଥପୁର ବ୍ଲକ୍ ଥାଲକୁଡି ପଞ୍ଚାୟତ ଅଧୀନ ଦକ୍ଷିଣବନ୍ଧ ଗ୍ରାମର ଜିନ୍ଦୁପୁର ଜୁହାରିଆ ନାଳରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଦକ୍ଷିଣବନ୍ଧ ଗ୍ରାମର ଜ୍ୟୋତିପ୍ରକାଶ ପଲାଇ। ସେ ନିଜ ସାଙ୍ଗଙ୍କ ସହ ଜୁହାରିଆ ନାଳରେ ଗାଧୋଇବାକୁ ଯାଇଥିବାବେଳେ ଏହି ଘଟଣା ଘଟିଥିଲା ।

### ଦୁର୍ଘଟଣାରେ ଜଣେ ମୃତ

ଧର୍ମଶାଳା,୨୭।୬(ଡି.ଏନ୍.ଏ.):ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ନେଉଳପୁର ଛକ ନିକଟରେ ଗାଡି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତକ ସ୍ଥାନୀୟ ନେଉଳପୁର ଗ୍ରାମର ପୀତାବାସ ନାୟକ (୫୬) । ପୀତାବାସ ପ୍ରତିଦିନ ବିଳମ୍ବିତ ରାତିରେ ଫୁଲ ତୋଳିବାକୁ ଯାଇଥାନ୍ତି । ଶନିବାର ରାତିରେ ସେ ଫୁଲ ତୋଳିବାକୁ ଯାଇଥିବା ବେଳେ ଏହି ଘଟଣା ଘଟିଥିଲା ।

# ଚାନ୍ଦା ପାଇଁ ନଦୀବନ୍ଧ ହାଣିଦେଲେ

## ସହକାରୀ ଯନ୍ତ୍ରୀଙ୍କୁ ଅବଗତ କଲେ ସରପଞ୍ଚ

ରସୁଲପୁର,୨୭।୬(ଡି.ଏନ.ଏ.)

ରସୁଲପୁର ବ୍ଲକ ପ୍ରଥମାଖଣ୍ଡି ପଞ୍ଚାୟତ ଅଧୀନ ଗୋପାଳପୁର ହିଙ୍ଗୁଳା ସାହି ନିକଟସ୍ଥ ବ୍ରାହ୍ମଣୀ ନଦୀବନ୍ଧ ଗଡ଼ାକୁ କେତେଜଣ ଯୁବକ ହାଣି ଦେଇଥିବା ଅଭିଯୋଗ ହୋଇଛି। ବାଲିଗାଡ଼ିରୁ ଚାନ୍ଦା ଆଦାୟକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ତାକୁ କେନ୍ଦ୍ର କରି ନଦୀବନ୍ଧକୁ ହାଣି ଦିଆଯାଇଥିବା ଅନୁମାନ କରାଯାଉଛି। ଏଥିପାଇଁ ପ୍ରଥମାଖଣ୍ଡି, ଗୋପାଳପୁର, ରାଜେନ୍ଦ୍ରପୁର, କରଜଙ୍ଗା, ରଣେଶ୍ୱରୀ ଆଦି ଗ୍ରାମର ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି ହୋଇଛି । ଏଭଳି ଅସାମାଜିକ କାର୍ଯ୍ୟକୁ ସ୍ଥାନୀୟ ସରପଞ୍ଚ ସୁଶାନ୍ତ କୁମାର ବେହେରା ବିରୋଧ କରିବା ସହ ବରୀ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ତରୁଣକାନ୍ତି ଦାସଙ୍କୁ ଅବଗତ କରିଛନ୍ତି।




କଟାଯାଇଥିବା ନଦୀବନ୍ଧ ରାସ୍ତା ।

ସୋମବାର ସକାଳେ ସେ ଘଟଣାସ୍ଥଳ ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନା ଅନୁଯାୟୀ,୧୬ନଂ. ଜାତୀୟ ରାଜପଥରୁ ବ୍ରହ୍ମବରଦାକୁ ସଂଯୋଗ କରୁଥିବା ବ୍ରାହ୍ମଣୀ ନଦୀର ବାମପାର୍ଶ୍ୱ ବନ୍ଧ ପାର୍ଶ୍ୱରେ ୬ଟି ପଞ୍ଚାୟତ ରହିଛି । ପ୍ରଥମାଖଣ୍ଡି, ରାଜେନ୍ଦ୍ରପୁର, ଅତଲାପୁର, ସାମନ୍ତରାପୁର, ମଙ୍ଗାରଜପୁର, ଅର୍ଥଗାଁ ଆଦି ପଞ୍ଚାୟତର ପ୍ରାୟ ୪୦ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ସେହି ନଦୀବନ୍ଧ ଦେଇ ଯାତାୟାତ କରିଥାନ୍ତି। ହେଲେ ବନ୍ଧର ଗୋପାଳପୁର ହିଙ୍ଗୁଳା ସାହି ନିକଟସ୍ଥ ଗଡା ମଝିରେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ହାଣି ଗାତ କରିଦେଇଛନ୍ତି । ଫଳରେ ସେହି ରାସ୍ତା ଦେଇ ଆଉ କୌଣସି ଗାଡି ଯାତାୟତ କରିପାରୁ ନାହିଁ। ସେହି ଗଡ଼ା ଦେଇ ରଣେଶ୍ୱରୀ, ଚଅପୋଇ ଭଳି ଲିଜ୍ ଘାଟରୁ ବାଲି ବୋଝେଇ ଗାଡି ଗାଁକୁ ଆସିଥାଏ । ସେହି ଗାଡ଼ିରୁ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ବେଆଇନ ଭାବେ ଚାନ୍ଦା ଆଦାୟ କରି ଆସୁଥିଲେ । ଗାଡ଼ି ଚାଳକ ଚାନ୍ଦା ଦେବାକୁ ଅମଙ୍ଗ ହେବାରୁ ବାଲି ବୋଝେଇ ଗାଡି ଚାଳକଙ୍କ ସହ ଯୁବକଙ୍କ ବଚସା ହୋଇଥିଲା । ସେମାନେ ଏହି ରାସ୍ତା ଦେଇ ଗାଡି ଛାଡିବେ ନାହିଁ ବୋଲି ଧମକ ଦେଇଥିଲେ । ପରେ ସେମାନେ ବିଳମ୍ବିତ ରାତି ଗଡାକୁ ହାଣି ଗାତ ସୃଷ୍ଟି କରିଦେଇଥିବା ଅଭିଯୋଗ ହୋଇଛି।

# ଦୁର୍ଘଟଣାରେ ସାମ୍ବାଦିକ ଜୀମୂତ ମଙ୍ଗରାଜଙ୍କ ପରଲୋକ

ଭୁବନେଶ୍ୱର,(ବ୍ୟୁରୋ)/ ଯାଁଳା, ୨୭।୬(ଡି.ଏନ୍.ଏ.)



ବରିଷ୍ଠ ସାମ୍ବାଦିକ, ଲେଖକ ତଥା ସ୍ତମ୍ଭକାର ଡ. ଜୀମୂତ ବାହନ ମଙ୍ଗରାଜ (୬୪)ଙ୍କ ରବିବାର ସଡ଼କ ଦୁର୍ଘଟଣାରେ ପରଲୋକ ଘଟିଛି। ସେ ସ୍କୁଟିରେ ଖୋର୍ଦ୍ଧାରୁ ଭୁବନେଶ୍ୱର ଆସୁଥିବା ସମୟରେ ୧୬ନଂ. ଜାତୀୟ ରାଜପଥର ଯାଁଳା ମେଡିକାଲ ଛକ ନିକଟରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ସେ ସ୍କୁଟି ସହ ଗାଡ଼ି ତଳେ ପଶିଯାଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଏମ୍ସରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣା ଘଟାଇ ଫେରାର ହୋଇଥିବା ଗାଡ଼ି ଚିହ୍ନଟ ପାଇଁ ଉଦ୍ୟମ ଚଳାଇଛି।

ଜୀମୂତ ଭୁବନେଶ୍ୱରରେ ରହୁଥିବାବେଳେ ମା'ଙ୍କୁ ମେଡିସିନ ଦେବାକୁ ନିଜ ଗାଁ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ସରପାରିକୁ ଯାଇଥିଲେ। ରବିବାର ସନ୍ଧ୍ୟାରେ ସେ ଭୁବନେଶ୍ୱର ଫେରୁଥିବାବେଳେ ରାତି ପ୍ରାୟ ୯ଟାରେ ଦୁର୍ଘଟଣାର ଶିକାର ହୋଇଥିଲେ। ଜୀମୂତ ସାମ୍ବାଦିକତା କ୍ଷେତ୍ରରେ ରାଜ୍ୟର ଜଣେ ପରିଚିତ ଚେହେରା। ସାମ୍ବାଦିକତା, ଗଣ ଯୋଗାଯୋଗ ଏବଂ ସମାଜ ସେବା କ୍ଷେତ୍ରରେ ସେ ଗବେଷଣା କରି ତିନୋଟିରେ ଡକ୍ଟରେଟ ଡିଗ୍ରୀ ପାଇଥିଲେ। ସେ ବହୁ ପୁସ୍ତକ ମଧ୍ୟ ରଚନା କରିଛନ୍ତି। ତାଙ୍କ ଦ୍ୱାରା ଦୁଇଟି ସାପ୍ତାହିକ ଖବରକାଗଜ ପ୍ରକାଶ ପାଉଛି। କିଛିବର୍ଷ ପୂର୍ବରୁ ତାଙ୍କ ସହଧର୍ମିଣୀ ସାମ୍ବାଦିକା ତଥା ଲେଖିକା ଜ୍ୟୋସ୍ନା ରାଉତରାୟଙ୍କ ପରଲୋକ ଘଟିଥିଲା। ଜୀମୂତଙ୍କ ମୃତ୍ୟୁ ଖବର ପାଇବା ପରେ ସାମ୍ବାଦିକଙ୍କ ସମେତ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

# ୪ ଅଜଣା ମୃତଦେହ ସତ୍କାର କଲା ପ୍ରଶାସନ

## ୬ଦିନ ହେଲା ଜିଲା ମୁଖ୍ୟ ଡାକ୍ତରଖାନାରେ ପଡିରହିଥିଲା

ବାଲେଶ୍ୱର ଅଫିସ, ୨୭।୬

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ୬ଦିନ ଧରି ପଡ଼ିରହିଥିବା ଅଜଣା ମୃତଦେହକୁ ରବିବାର ପ୍ରଶାସନ ପକ୍ଷରୁ ନୁଣିଆଯୋଡ଼ି ମୁକ୍ତିଦ୍ୱାରରେ ଦାହ କରାଯାଇଛି। ଜିଲା ବିଭିନ୍ନ ସ୍ଥାନରେ ଘଟୁଥିବା ଦୁର୍ଘଟଣାଜନିତ ମୃତ୍ୟୁ ହେଉ କି ଅସହାୟମାନଙ୍କ ମୃତଦେହ ହେଉ, ପୋଲିସ ଆଣି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥାଏ। ସେମାନଙ୍କୁ ଚିହ୍ନଟ ପାଇଁ ୪ଦିନ(୯୬ଘଣ୍ଟା) ପର୍ଯ୍ୟନ୍ତ ଶବ ବ୍ୟବଚ୍ଛେଦଗାରରେ ରଖାଯାଇଥାଏ। ମୃତକଙ୍କ ସମ୍ପର୍କୀୟମାନେ ପରିଚୟ ଦେଇ ମୃତଦେହକୁ ନେଇଥାନ୍ତି। କିନ୍ତୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗତ ୬ଦିନ ଧରି ପଡ଼ିରହିଥିବା ୪ ମୃତଦେହକୁ କୌଣସି ଲୋକ ନେବାକୁ ଆସି ନ ଥିଲେ। ଏପରିକି ଗତ ଶୁକ୍ରବାର ରାତିରେ ଆଉ ଏକ ଅଜଣା ମୃତଦେହ ପହଞ୍ଚିବାରୁ ମୃତକଙ୍କ ସଂଖ୍ୟା ୫ରେ ପହଞ୍ଚିଥିଲା। ଏତେସଂଖ୍ୟାରେ ମୃତଦେହ ଶବାଗାରରେ ରହିବା ସମ୍ଭବ ହୋଇ ନ ଥିବାରୁ ହସ୍ପିଟାଲ ଫାଣ୍ଡି ଅଧିକାରୀ ବିଜୟ ନାୟକ ହସ୍ପିଟାଲ ମ୍ୟାନେଜରଙ୍କଠାରୁ ଆରମ୍ଭ କରି ଟାଉନ ଥାନା ଓ ପୌରାଞ୍ଚଳ ଅଧିକାରୀଙ୍କୁ ଜଣାଇଥିଲେ। ପରେ ରବିବାର ୪ଟି ମୃତଦେହର ଅବଧି ପୂରିଯାଇଥିବାରୁ ପୌରାଞ୍ଚଳ ଅଧିକାରୀ ତଥା ଉପଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ତତ୍ତ୍ୱାବଧାନରେ ମୁକ୍ତିଦ୍ୱାରରେ ଦାହ କରାଯାଇଛି। ମୃତଦେହଗୁଡ଼ିକ ବିଳମ୍ବରେ ଦାହ ସମ୍ପର୍କରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଅଜଣା ମୃତଦେହ ଦାହ କରିବା ପାଇଁ ଏକ ସାମାଜିକ ସଙ୍ଗଠନ (ଏନ୍‌ଜିଓ)କୁ ଦାୟିତ୍ୱ ଦିଆଯାଇଥିଲା। ତାଙ୍କର କୌଣସି କର୍ମଚାରୀ ନ ଥିବା କହି ୨ଦିନ ବିଳମ୍ବ କରିଛନ୍ତି। ରବିବାର ଶବଦାହ କାର୍ଯ୍ୟ ସମ୍ପନ୍ନ ହୋଇଛି।

# ବିରିପଟା ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି

ଦଶରଥପୁର,୨୭।୬(ଡି.ଏନ.ଏ.)


ଦଶରଥପୁର ବ୍ଲକ୍ ଅଧୀନ ବିରିପଟା ପଞ୍ଚାୟତ କାର୍ଯ୍ୟାଳୟରୁ ଶନିବାର ରାତିରେ ତାଲା ଭଙ୍ଗାଯାଇ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଛି । ଏ ସଂକ୍ରାନ୍ତରେ ସରପଞ୍ଚ ମନୋରଞ୍ଜନ ଦାସ ଏବଂ ପଞ୍ଚାୟତର ପିଇଓ ବିରେନ୍ଦ୍ର କୁମାର ମଲ୍ଲିକ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଗତ ୨୬ ତାରିଖ ଅପରାହ୍ନ ପ୍ରାୟ ୫ରେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ସରପଞ୍ଚ ଦାସ ଘରକୁ ଫେରିଥିଲେ । ରବିବାର ସକାଳ ୯ରେ ପିଇଓ ମଲ୍ଲିକ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ଦେଖନ୍ତି ତ କେହି କାର୍ଯ୍ୟାଳୟ ମୁଖ୍ୟଫାଟକ ତାଲା ଭାଙ୍ଗି ଇନ୍‌ଭେଟର ମେଶିନ୍, ବ୍ୟାଟେରୀ, ଲ୍ୟାପ୍‌ଟପ୍, ଷ୍ଟାଣ୍ଡ ଫ୍ୟାନ, ଗ୍ରାଇଣ୍ଡର ସମେତ ବିଭିନ୍ନ ସାମଗ୍ରୀ ଚୋରି କରିନେଇଛନ୍ତି । ଏପରିକି କାର୍ଯ୍ୟାଳୟରେ ଥିବା ଆଲ୍‌ମିରା ଭାଙ୍ଗି ସେଥିରେ ଥିବା ନଗଦ ୧୮ହଜାର ଟଙ୍କା, ପଞ୍ଚାୟତ କ୍ୟାସବୁକ୍, ରେଜିଷ୍ଟର ବି ଚୋରି ହୋଇଯାଇଛି । ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଛି।

# ଲୁଟେରା ଗ୍ୟାଙ୍ଗର ପର୍ଦ୍ଦାଫାଶ

## ମୁଖ୍ୟ ଅଭିଯୁକ୍ତ ସମେତ ୫ ଗିରଫ

ଧର୍ମଶାଳା, ୨୭।୬(ଡି.ଏନ୍.ଏ.)

ଧର୍ମଶାଳା ଥାନା ଅଞ୍ଚଳରେ ଘଟିଥିବା ଲୁଟ୍ ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୫ ଜଣଙ୍କୁ ଗିରଫ କରିଛି । ସେମାନଙ୍କ ପାଖରୁ ୪ ସୁନା ଚେନ, ୮ ମୋବାଇଲ ଓ ୨ ବାଇକ୍ ଜବତ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ କଟକ ସଦର ଥାନା ବ୍ରାହ୍ମଣଝରିଲୋ ଗ୍ରାମର କୁଦ୍ଦୁସ ଖାଁ ଏବଂ ତାଙ୍କ ବଡ ଭାଇ ୟୁନୁସ ଖାଁ, ଜଗତସିଂହପୁର ଥାନା କେନ୍ଦଳା ଗ୍ରାମର ଜ୍ଞାନ ରଞ୍ଜନ ସାହୁ, ବାଲେଶ୍ୱର ଜିଲା ଖନ୍ତାପଡା ଅଞ୍ଚଳର ସୁଶାନ୍ତ ଶେଖର ଜେନା ଓ ଏହି ଥାନା ଅଧୀନ ବ୍ରହ୍ମବରଦା ଗ୍ରାମର ମହେଶ୍ୱର ସାହୁ । ଗତ ଜାନୁୟାରୀ ମାସରେ ସ୍ଥାନୀୟ ଶାନ୍ତି ବଜାର କାଏମା ରାସ୍ତାରେ ସାଇକେଲରେ ଯାଉଥିବା ଜଣେ କଲେଜ ଛାତ୍ରୀଙ୍କଠାରୁ ମୋବାଇଲ ଫୋନ ଲୁଟ୍ ହୋଇଥିଲା । ସେହିପରି ଫେବୃୟାରୀରେ ନାକପୋଲ ହାଇଲେବୁଲ କେନାଲର ରାସ୍ତାରେ ବାଇକ୍‌ରେ ସ୍ୱାମୀଙ୍କ ସହ ଯାଉଥିବା ଜଣେ ମହିଳାଙ୍କ ବେକରୁ ସୁନା ଚେନ ଲୁଟ ହୋଇଥିଲା। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଥିଲା । କଲେଜ ଛାତ୍ରୀଙ୍କ ଲୁଟ ହୋଇଥିବା ମୋବାଲକୁ ଟ୍ରାକିଂ କରି ପୋଲିସ କଟକ ସଦର ଥାନା ଅଧୀନ ବ୍ରାହ୍ମଣଝରିଲୋ ଗ୍ରାମରେ ପହଁଞ୍ଚି ଖୋଜା ଖୋଜି କରିଥିଲା । ତେବେ କୁଦ୍ଦୁସ ବ୍ରହ୍ମବରଦା ଗ୍ରାମରେ ରହୁଥିବା ପୋଲିସ ଜାଣିପାରିଥିଲା । ଏହାପରେ ତାଙ୍କୁ ଗିରଫ କରିବାକୁ ପୋଲିସ ଜାଲ ବିଛାଇ ଥିଲା । ସେ ଗିରଫ ପରେ ଅନ୍ୟମାନଙ୍କୁ ପୋଲିସ ଗିରଫ କରିଥିଲା ।



ଜବତ ସୁନା ଚେନ୍, ମୋବାଇଲ ।



72198 21111 | www.bajajauto.com | BAJAJ FINANCE LTD - AF
*ସର୍ତ୍ତ ଓ ନିୟମାବଳୀ ଲାଗୁ । ଫାଇନାନ୍ସ କେବଳ ଫାଇନାନ୍ସିଅର୍‌ଙ୍କ ନିଜସ୍ୱ ବିଚାରରେ । ₹6 824/- ର ଡାଉନ୍ ପେମେଣ୍ଟ ଦୃଷ୍ଟାନ୍ତମୂଳକ ଏବଂ ପ୍ଲାଟିନାର ଏକ ପ୍ରକାର ପାଇଁ ପ୍ରଯୁଜ୍ୟ ଅଟେ । ଡିସିସି ଚାର୍ଜ୍ ଏବଂ ପ୍ରୋସେସିଂ ଫି ଅତିରିକ୍ତ । #ଏକ୍ସ-ଶୋରୁମ୍ ମୂଲ୍ୟ ଓଡ଼ିଶା ।

Authorised Dealers for Bajaj Auto Ltd.: Angul: JAMUNA BAJAJ 7682899351 • Dhenkanal SHIVAM BAJAJ 7873922722 • Keonjhar JR BAJAJ 9937697094 / 06766254999• Rourkela RM BAJAJ 9078083803. Authorised Service Centre: Kamakhayanagar 9437079287, Parajang 9178061624, 06768261573 Barbil 9437086335, Jashipur 9437443161/8117041821. Dhenkikote 9437598479 Turmunga 9937428333, Karanjia 7504810975, Udala 9337004355/56. Pallahara 9178494430, Khamar 9437426261, Talcher 9861089073 Mahidharpur 7978559852/9937183086, Banarpal 9178064220,Bhuban9438570111, Betnoti 8847874100, Rairangpur 9583777236, Bhuban 9438570111. Rasol 9938656276/9937513419.

ଭଗବାନ କେବେ ଦୁଃଖିତ ହୁଅନ୍ତି ନାହିଁ। ଭଗବାନଙ୍କୁ ଉପଲବ୍ଧି କରିବାକୁ ହେଲେ ତୁମକୁ ତୁମ ଭିତରୁ ସମସ୍ତ ଦୁଃଖଭାବ ଦୂରକୁ ଫିଙ୍ଗି ଦେବାକୁ ହେବ ଏବଂ ସବୁପ୍ରକାର ଭାବପ୍ରବଣ ଦୁର୍ବଳତା ମଧ୍ୟ ତ୍ୟାଗ କରିବାକୁ ହେବ। —ଶ୍ରୀମା

# ମୁଣ୍ଡ ଉପରେ ଯିବ!

ଭାରତର ରାଷ୍ଟ୍ରପତି ରାମନାଥ କୋବିନ୍ଦ ଗତ ସପ୍ତାହରେ ରେଳଗାଡ଼ି ଯୋଗେ ଉତ୍ତରପ୍ରଦେଶର କାନପୁର ଯାଇଥିଲେ। ଏହି ଦେଶର ବିରାଟକାୟ ରେଳ ବ୍ୟବସ୍ଥା ଏବେ ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଥିବା ବେଳେ ଅଳ୍ପ କେତୋଟି ଗାଡ଼ି ଚାଲିଛି। ଅବଶ୍ୟ ରାଷ୍ଟ୍ରପତିଙ୍କ ରେଳ ଗାଡ଼ିରେ ସାଧାରଣ ଯାତ୍ରୀ ଚଢ଼ିବାର ସୁବିଧା ନ ଥାଏ। କାରଣ ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ଟ୍ରେନ୍ ରହିଛି। ଭାରତକୁ ଆମେ ଗଣତାନ୍ତ୍ରିକ ଦେଶ କହିଲେ ମଧ୍ୟ ବଡ଼ବଡ଼ିଆଙ୍କ ରାଜକୀୟ ଠାଣି ଭାଙ୍ଗିବା ଅତ୍ୟନ୍ତ କଷ୍ଟକର ହୋଇପଡୁଛି। ଦୀର୍ଘ ୭ ଦଶନ୍ଧିର ସ୍ୱାଧୀନତା ପରେ ଆମର ଅମଲାତନ୍ତ୍ର ଯୋଗୁ ସାଧାରଣ ଲୋକଙ୍କ ମନରେ ଏହି ବଡ଼ଲୋକଙ୍କ ପ୍ରତି ଥିବା ସମ୍ମାନ କ୍ରମଶଃ ବିକୃତ ରୂପ ଧାରଣ କରିସାରିଲାଣି। ବହୁ ଶତାବ୍ଦୀ ଧରି ବିଭିନ୍ନ ବାହ୍ୟଶକ୍ତି ଦ୍ୱାରା ଶାସିତ ହୋଇଆସିଥିବା ଭାରତୀୟ ବଡ଼ଲୋକଙ୍କର ଚାକର ଭାବେ ନିଜର ଆତ୍ମଶାନ୍ତି ଲାଭ କରିଥାଏ। ଅନେକ ଭାରତୀୟଙ୍କ ଘରେ ଏବେ ମଧ୍ୟ ବଡ଼ବଡ଼ିଆଙ୍କ ସହ ଫଟୋ କାନ୍ଥରେ ଟଙ୍ଗା ହୋଇଥିବା ଦେଖିବାକୁ ମିଳେ। ସେହି ଫଟୋକୁ ଅତି ଗର୍ବର ସହ ପ୍ରଦର୍ଶିତ କରାଯିବାର ଉଦାହରଣ ରହିଛି।

ଇତିମଧ୍ୟରେ ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧି ସରିଲାଣି। ସମଗ୍ର ପୃଥିବୀରେ ପରିବର୍ତ୍ତନ ଆସୁଥିବା ବେଳେ ଭାରତୀୟମାନେ ସେହିଭଳି ରାଜା ଖୋଜିବାରେ ବ୍ୟସ୍ତ ଅଛନ୍ତି। ଆମର ପୂର୍ବପୁରୁଷଙ୍କ ଚିନ୍ତାଧାରା ଅନୁଯାୟୀ ସାଧାରଣ ଲୋକଙ୍କ ଦୁଃଖଦୁର୍ଦ୍ଦଶା ଦୂର ହେବାକୁ ହେଲେ ରାଜା ହିଁ କରିପାରିବେ। ଏହି ସାମନ୍ତବାଦୀ ମନୋଭାବରେ ଗଢ଼ିଉଠିଥିବା ଭାରତୀୟ ପୁରୁଣା ଚିନ୍ତାଧାରା ଛାଡ଼ିପାରୁ ନ ଥିବା ହେତୁ ଗଣତାନ୍ତ୍ରିକ ନେତାମାନଙ୍କୁ ମଧ୍ୟ ରାଜାଙ୍କ ପୋଷାକ କିମ୍ବା ଢାଞ୍ଚାରେ ଦେଖିବାକୁ ସବୁବେଳେ ଲୋକେ ଭଲ ପାଆନ୍ତି। ହୁଏତ ସେଇଥିପାଇଁ ଗତ ସପ୍ତାହରେ ରାଷ୍ଟ୍ରପତି କୋବିନ୍ଦଙ୍କ ରେଳଗାଡ଼ି କାନପୁର ସହର ପ୍ରବେଶ କରିବା ପୂର୍ବରୁ ଏକ ଦୁଃଖଦାୟକ ଘଟଣା ଘଟିଲା। ଭାରତୀୟ ଶିଳ୍ପ ସଂଗଠନ (ଇଣ୍ଡିଆନ୍ ଇଣ୍ଡଷ୍ଟ୍ରିଜ୍ ଆସୋସିଏଶନ) କାନପୁର ଶାଖାର ମହିଳା ସଭାନେତ୍ରୀ ବନ୍ଦନା ମିଶ୍ର ଗୁରୁତର ଅସୁସ୍ଥ ହୋଇପଡ଼ିବାରୁ ତାଙ୍କ ପୁତ୍ରଙ୍କ ସହିତ ହସ୍ପିଟାଲ ବାଟରେ ଥିଲେ। ସହରର ଗୋବିନ୍ଦପୁରୀ ଅଞ୍ଚଳରେ ରେଳପଥ ଉପରେ ଥିବା ଫ୍ଲାଏଓଭର ଦେଇ ତାଙ୍କ ଗାଡ଼ି ଡାକ୍ତରଖାନା ଯାଇଥାଆନ୍ତା। କିନ୍ତୁ ରାଷ୍ଟ୍ରପତିଙ୍କ ରେଳଗାଡ଼ି ତଳେ ଯିବାକୁ ଥିବାରୁ ଫ୍ଲାଏଓଭର ଉପରେ ପୋଲିସ ସବୁ ଗାଡ଼ି ଯାତାୟାତ ବନ୍ଦ କରିଦେଇଥିଲା। ସେଇ ଫ୍ଲାଏଓଭର କିମ୍ବା ରେଳ ଓଭରବ୍ରିଜ୍‌ରେ ଗାଡ଼ି ଚଳାଚଳ ଘଟିଥିଲେ ରାଷ୍ଟ୍ରପତିଙ୍କ ରେଳଗାଡ଼ି ଯିବାରେ ଅସୁବିଧା ହୋଇ ନ ଥାନ୍ତା। ଏମିତି ବି ନୁହେଁ ଯେ, ରାମନାଥ କୋବିନ୍ଦ ତାଙ୍କ ଡବାର ଦୁଆର ଖୋଲି ବାହାରକୁ ଝୁଲିକରି ଠିଆ ହୋଇଥିବେ। ତେଣୁ ଫ୍ଲାଏଓଭର ଉପରେ ମୋଟରଗାଡ଼ି ଯାତାୟାତ କରିବାର କୌଣସି ଅସୁବିଧା ନ ଥିଲା। ପ୍ରୋଟୋକଲ କିମ୍ବା ସୁରକ୍ଷା ନିମନ୍ତେ ଯଦି ପୋଲିସର ଚିନ୍ତା ଥିଲା, ତେବେ ପୋଲିସ ପୋଲର ଦୁଇ ପାର୍ଶ୍ୱରେ ଛିଡ଼ା ହୋଇ କୌଣସି ଗାଡ଼ିକୁ ଅଟକିବା ପାଇଁ ବାରଣ କରିପାରିଥାନ୍ତା। କିନ୍ତୁ ଯେହେତୁ ଉଭୟ ପାର୍ଶ୍ୱରେ ଗାଡ଼ିକୁ ବନ୍ଦ କରିଦିଆଯାଇଥିଲା, ସେଥିପାଇଁ ଅସୁସ୍ଥ ବନ୍ଦନାଙ୍କ ଗାଡ଼ି ମଧ୍ୟ ଦୀର୍ଘ ସମୟ ଅଟକି ରହିଥିଲା। ଡାକ୍ତରଖାନା ସୁବିଧାରୁ ବଞ୍ଚିତ ହେବା ଫଳରେ ତାଙ୍କର ମୃତ୍ୟୁ ଘଟିଲା।

ବନ୍ଦନା ମିଶ୍ର ଏହି ଭିଭିଆଇପି ପ୍ରୋଟୋକଲର ପ୍ରଥମ ଶିକାର ନୁହନ୍ତି। ଦିଲ୍ଲୀରେ ଅନେକ ଥର ଭିଭିଆଇପିଙ୍କ କାର୍‌କେଡ୍ ଯିବାର ବହୁ ପୂର୍ବରୁ ରାସ୍ତା ବନ୍ଦ କରିଦିଆଯାଇଥାଏ, ଯେଉଁଥିପାଇଁ ମୃତ୍ୟୁ ସମେତ ବିଭିନ୍ନ ପ୍ରକାର ହଇରାଣହରକତ ହେବା ପାଇଁ ସାଧାରଣ ନାଗରିକ ବାଧ୍ୟ ହୋଇଥାଏ। ଏଭଳି ଘଟଣା ଭାରତର ବିଭିନ୍ନ ସ୍ଥାନରେ ବାରମ୍ବାର ଘଟୁଥିଲେ ମଧ୍ୟ ପୋଲିସ କିମ୍ବା ସରକାରଙ୍କ ପକ୍ଷରୁ କୌଣସି ପ୍ରତିକାର ଉଦ୍ୟମ ହୁଏ ନାହିଁ। ତେବେ କାନପୁର ପୋଲିସ କମିଶନର କ୍ଷମାପ୍ରାର୍ଥନା କରି ବନ୍ଦନା ମିଶ୍ରଙ୍କ ଦେହାନ୍ତ ଯୋଗୁ ଦୁଃଖ ପ୍ରକାଶ କରିଛନ୍ତି। ଏହି କ୍ଷୁଦ୍ର କ୍ଷମାପ୍ରାର୍ଥନା ହୋଇ ନ ଥାନ୍ତା ଯଦି ବନ୍ଦନା ଜଣେ ସୁପରିଚିତ ଓ ଧନୀ ମହିଳା ହୋଇ ନ ଥାନ୍ତେ। ତାଙ୍କ ସ୍ଥାନରେ ଜଣେ ଅଟୋରିକ୍ସା ଚାଳକଙ୍କ ମାତା କିମ୍ବା ଶ୍ରମିକଙ୍କ ପତ୍ନୀ ହୋଇଥିଲେ ଗଣମାଧ୍ୟମରେ ସେଇ ଘଟଣା ସ୍ଥାନ ପାଇ ନ ଥାନ୍ତା। ଭାରତ କେବେ ବିଶ୍ୱଶକ୍ତି ହୋଇପାରିବ କି ନାହିଁ କହିବା କାହାରି ପାଇଁ ସମ୍ଭବପର ନୁହେଁ। କିନ୍ତୁ ଯେଉଁ ଗଣତାନ୍ତ୍ରିକ ଦେଶରେ ନାଗରିକଙ୍କ ଜୀବନ ମାଛି ମଶା ଭଳି ପରିଗଣିତ ହୋଇଥାଏ, ସେହି ଦେଶରେ କୌଣସି ସ୍ଥାୟୀ ସାମାଜିକ ପରିବର୍ତ୍ତନ ବା ଉନ୍ନତି ଘଟିବା ଅସମ୍ଭବ।

## ସାପ୍ତାହିକ ପଞ୍ଜିକା

**ଜୁନ ୨୧:** ରାଜ୍ୟରେ ଟିକାକରଣ ୧ କୋଟି ଟପିଲା।

➢ସ୍ପେସ ଷ୍ଟେଶନରେ ସୋଲାର ପ୍ୟାନେଲ ଲଗାଇବାରେ ମହାକାଶଚାରୀ ସଫଳ ହୋଇଛନ୍ତି।

**ଜୁନ ୨୨:** ଦ୍ୱାଦଶ ମୂଲ୍ୟାୟନ ସୂତ୍ରକୁ ସୁପ୍ରିମକୋର୍ଟଙ୍କ ମୋହର।

➢କୋଭାକ୍ସିନ ୭୭.୮% ସଫଳ ବୋଲି ତୃତୀୟ ପର୍ଯ୍ୟାୟ ଟ୍ରାଏଲରୁ ଜଣାପଡିଛି।

**ଜୁନ ୨୩:** ୨୦୧୯ -୨୦ ଆର୍ଥିକ ବର୍ଷରେ ଭାଜପାକୁ ଇଲେକ୍ଟୋରାଲ ଟ୍ରଷ୍ଟରୁ ସର୍ବାଧିକ୨୭୬.୪୫ କୋଟି ଟଙ୍କା ଚାନ୍ଦା ମିଳିଛି।

➢ସ୍କୁଲ ପାଠ୍ୟକ୍ରମରେ 'ବନ୍ଦେ ଉତ୍କଳ ଜନନୀ' ସ୍ଥାନ ପାଇଛି।

**ଜୁନ ୨୪:** କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରିବ ବୋଲି ସର୍ବଦଳୀୟ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଆଶ୍ୱାସନା।

➢ଦୁଗ୍ଧଚାଷୀଙ୍କୁ ୧୧ କୋଟିର ସହାୟତା ଘୋଷଣା କଲେ ରାଜ୍ୟ ସରକାର।

➢୮୫ଟି ଦେଶରେ ଡେଲଟା ଭାରିଆଣ୍ଟ।

**ଜୁନ ୨୫:** ରାଜ୍ୟରେ ମାଟ୍ରିକ ହାର ୯୭.୮୯%।

➢ଓଡ଼ିଶାର ଦେବଗଡ ଜିଲାରୁ ଡେଲଟା ଭାରିଆଣ୍ଟ ଚିହ୍ନଟ ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଜଣାଇଛି।

**ଜୁନ ୨୬:** ୫୪ ଦିନରେ ତେଲ ଦର ୩୦ ଥର ବଢ଼ିଲାଣି।

➢ଆମେରିକୀୟ କୃଷ୍ଣକାୟ ଜର୍ଜ ଫ୍ଲଏଡଙ୍କ ହତ୍ୟାକାରୀ ପୋଲିସ ଅଫିସର ଡେରେକ ଚଉଭିନଙ୍କୁ ୨୨ ବର୍ଷ ୬ ମାସ ଜେଲଦଣ୍ଡ ହୋଇଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | | 1 | | 7 | |
| | | | 3 | | | | | |
| | | | 4 | 9 | | 6 | 5 | |
| | 4 | 9 | | | | | | |
| 8 | | | | | | | | |
| | | 1 | 5 | | 7 | | | 9 |
| | 5 | | | | 4 | | 2 | |
| | 8 | | | 3 | | | 6 | |
| 3 | | | 9 | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 9 | 6 | 8 | 5 | 1 | 3 | 7 |
| 7 | 8 | 5 | 1 | 3 | 2 | 6 | 9 | 4 |
| 6 | 1 | 3 | 4 | 9 | 7 | 5 | 8 | 2 |
| 8 | 2 | 6 | 3 | 7 | 4 | 9 | 5 | 1 |
| 5 | 7 | 1 | 9 | 6 | 8 | 4 | 2 | 3 |
| 3 | 9 | 4 | 2 | 5 | 1 | 7 | 6 | 8 |
| 1 | 3 | 8 | 5 | 4 | 6 | 2 | 7 | 9 |
| 4 | 6 | 7 | 8 | 2 | 9 | 3 | 1 | 5 |
| 9 | 5 | 2 | 7 | 1 | 3 | 8 | 4 | 6 |

ଗତକାଲିର ଉତ୍ତର

# ଭୟଙ୍କର ସ୍ଥିତିରେ ଆମ ବିଦ୍ୟାଳୟ



ରାଜୀବ କର୍ମ

ସରକାର ନିଜସ୍ୱ ବିଦ୍ୟାଳୟକୁ ପିଲା ଅଭାବରୁ ବନ୍ଦ କରୁଛନ୍ତି, ଅଥଚ ବର୍ଷ ବର୍ଷ ଧରି ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତକୁ ଗଢ଼ିଥିବା ହଜାର ହଜାର ହାଇସ୍କୁଲକୁ ସମ୍ପୂର୍ଣ୍ଣ ଅନୁଦାନ ଦେଉ ନାହାନ୍ତି। କାରଣ ଯାହା ହେଉନା କାହିଁକି ସରକାରୀ କଳ ପିଲାମାନଙ୍କୁ ନିଜ ବିଦ୍ୟାଳୟରେ ରଖିପାରିଲେ ନାହିଁ। କୋଟି କୋଟି ଟଙ୍କାର ଅନୁଦାନ, ହଜାର ହଜାର କର୍ମଚାରୀ ଦିନ ରାତି ପରିଶ୍ରମ କରି ବି ନିଜ ବିଦ୍ୟାଳୟକୁ ବଞ୍ଚେଇ ପାରୁ ନାହାନ୍ତି; ଯାହାଫଳରେ ସରକାର ହାତ ଟେକି ଦେଇ ମୂଳୁ ମାଇଲେ ଯିବ ସରି ଲକ୍ଷ୍ୟରେ ବାଧ ହୋଇ ବିଦ୍ୟାଳୟକୁ ବନ୍ଦ କରୁଛନ୍ତି। ଅନ୍ୟ ଦିଗରେ ପରିଚାଳନା କମିଟିମାନେ ନିଜସ୍ୱ ଉଦ୍‌ଯୋଗରେ ପଞ୍ଚାୟତ ସ୍ତରରେ ଉଚ୍ଚ ବିଦ୍ୟାଳୟଟିଏ ଖୋଲି ଅନେକ ପିଲାଙ୍କ ପାଇଁ ଶିକ୍ଷା ଗ୍ରହଣ କରିବାର ସୁଯୋଗ ସୃଷ୍ଟି କରିଛନ୍ତି। ସେହି ଅଞ୍ଚଳରେ ଯଦି ବେସରକାରୀ ଉଦ୍ୟମରେ ବିଦ୍ୟାଳୟଟିଏ ଖୋଲାଯାଇ ନ ଥାନ୍ତା ତେବେ ସେହି ପିଲାମାନେ ନିଶ୍ଚିତ ଭାବରେ ଅଧାରେ ପାଠ ଛାଡ଼ିବାକୁ ବାଧ୍ୟ ହୋଇଥାନ୍ତେ। ଆଉ ଯଦି ସରକାରଙ୍କୁ ଭରସା କରାଯାଇଥାନ୍ତା ତେବେ ଆହୁରି ଅନେକ ବର୍ଷ ଅପେକ୍ଷା କରିବାକୁ ପଡ଼ିଥାନ୍ତା। କହିବା ବାହୁଲ୍ୟ ଯେ ସରକାରଙ୍କ ଅଧିକାଂଶ ବୋଝକୁ କମିଟି ଦ୍ୱାରା ପରିଚାଳିତ ଏହି ବ୍ଲକ୍ ଗ୍ରାଣ୍ଟ ବିଦ୍ୟାଳୟଗୁଡ଼ିକ ହିଁ ହାଲୁକା କରୁଛନ୍ତି। କିନ୍ତୁ ଏମାନଙ୍କୁ ପୂର୍ଣ୍ଣ ଅନୁଦାନ ଦେଇ ସରକାରୀ ବିଦ୍ୟାଳୟର ମାନ୍ୟତା ଦେବାରେ ସରକାର କୁଣ୍ଠ କୁଣ୍ଠ ହେଉଛନ୍ତି।

ବେସରକାରୀ ବ୍ୟତିରେକ ଆମ ରାଜ୍ୟରେ ଦୁଇ ପ୍ରକାର ବ୍ୟବସ୍ଥାରେ ହାଇସ୍କୁଲ ଚାଲିଛି। ଗୋଟିଏ ସରକାର ନିଜେ ଗଢ଼ିଥିବା ବିଦ୍ୟାଳୟ ସମୂହ ଏବଂ ଅନ୍ୟଟି କମିଟି ପରିଚାଳିତ ଅର୍ଥାତ୍ ସରକାରୀ ସ୍ୱୀକୃତ ଏବଂ ଅନୁଦାନପ୍ରାପ୍ତ। ସରକାରଙ୍କ ୨୦।୦୩।୧୯୮୯ର ନିଷ୍ପତ୍ତି ଅନୁସାରେ କମିଟିମାନେ ନିଜସ୍ୱ ଉଦ୍ୟମରେ ବିଦ୍ୟାଳୟ ଖୋଲିବେ ଏବଂ ସରକାର ସେହି ବିଦ୍ୟାଳୟଗୁଡ଼ିକୁ ପର୍ଯ୍ୟାୟ କ୍ରମେ ହାତକୁ ନେବେ। କ୍ରମଶଃ ସରକାର ଅନୁଦାନ ଦେଇ ସେହି ବିଦ୍ୟାଳୟଗୁଡ଼ିକର ଉନ୍ନତି ସାଧନ କରିବେ। କିନ୍ତୁ ବିଗତ ଦିନଗୁଡ଼ିକର ଅଭିଜ୍ଞତାରୁ ଦେଖାଯାଉଛି ସରକାର ଏହି ବିଦ୍ୟାଳୟଗୁଡ଼ିକୁ ମଧ୍ୟ ଅବହେଳା କରିଆସୁଛନ୍ତି। ଯଦିଓ ଉଭୟ ବିଦ୍ୟାଳୟରେ ସମସ୍ୟା ରହିଛି କିନ୍ତୁ କମିଟି ପରିଚାଳିତ ବିଦ୍ୟାଳୟଗୁଡ଼ିକ ସରକାରୀ ସ୍ନେହରୁ ବିଭିନ୍ନ ଭାବରେ ବଞ୍ଚିତ। ସରକାରୀ ବିଦ୍ୟାଳୟଗୁଡ଼ିକ ସରକାର ନିଜସ୍ୱ ଢଙ୍ଗରେ ପରିଚାଳନା କରୁଥିବା ବେଳେ, କମିଟି ପରିଚାଳିତ ବିଦ୍ୟାଳୟଗୁଡ଼ିକୁ ସରକାର ସାବତ ମା'ର ପୁଅ ଭଳି ପରିଚାଳନା କରୁଛନ୍ତି। ଆମ ରାଜ୍ୟରେ ପାଖାପାଖି ୩୦୦୦ ହାଇସ୍କୁଲ ପରିଚାଳନା କମିଟି ଉଦ୍ୟମରେ ଆରମ୍ଭ କରାଯାଇ ଚାଲି ଆସୁଛି; ଯେଉଁଥିରୁ ୭୦ ଭାଗ ବିଦ୍ୟାଳୟକୁ ସରକାର ବିଭିନ୍ନ ସମୟରେ ଅଳ୍ପ ଅଳ୍ପ କରି ଅନୁଦାନ ଦେଇ ଆସୁଛନ୍ତି। କେତେକ ବିଦ୍ୟାଳୟ ୧୦୦ ଭାଗ, କିଛି ୭୫ଭାଗ, କିଛି ୬୦ ଭାଗ ଏବଂ କିଛି ୪୦ ଭାଗ ଅନୁଦାନ ପାଇ ଆସୁଛନ୍ତି। ଆଉ କିଛି ବିଦ୍ୟାଳୟ ଅଛି ଯେଉଁମାନେ କି ଉପରୋକ୍ତ କୌଣସି ଶ୍ରେଣୀଭୁକ୍ତ ନୁହନ୍ତି। ସେହି ବିଦ୍ୟାଳୟଗୁଡ଼ିକ ୧୦୦ ଭାଗ ନିଜସ୍ୱ ଖର୍ଚ୍ଚରେ ବିଦ୍ୟାଳୟ ଚଳାଉଛନ୍ତି। ସରକାର ୧୦୦ ଭାଗ ଅନୁଦାନ ଦେଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ଭାବରେ ସରକାରୀ ନୁହେଁ।

ଏହି ବିଦ୍ୟାଳୟଗୁଡ଼ିକ ଭୋଗୁଥିବା ବିଭିନ୍ନ ଅସୁବିଧାର ଏକ ଉଦାହରଣ ଏଠାରେ ନିଆଯାଇ ପାରେ। ଆମ ଅଞ୍ଚଳରେ ସ୍ଥାନୀୟ ନେତୃତ୍ୱରେ କମିଟି ତରଫରୁ ଏକ ଉଚ୍ଚ ବିଦ୍ୟାଳୟ ଆରମ୍ଭ କରାଯାଇଥିଲା ୧୯୮୭ ମସିହାରେ। ପ୍ରଥମେ ବିଦ୍ୟାଳୟରେ ପିଲାସଂଖ୍ୟା ବୃଦ୍ଧି ପାଇଁ ୪/୫ ବର୍ଷ ପାଠ ଛାଡ଼ି ବାହାରେ ବୁଲୁଥିବା ପିଲାଙ୍କୁ ଖୋଜି ଖୋଜି ଭର୍ତ୍ତି କରାଯାଇଥିଲା। ଅନେକ ପିଲା ଏଠାରେ ଶିକ୍ଷା ପାଇ ବିଭିନ୍ନ ସମ୍ମାନାସ୍ପଦ ପଦ ପଦବୀରେ ଅଛନ୍ତି ତ କିଛି ଭଲ ଚାକିରି କରୁଛନ୍ତି। ସେହି ବିଦ୍ୟାଳୟ ଶହ ଶହ ପିଲାଙ୍କର ଉଚ୍ଚ ଶିକ୍ଷା ପାଇଁ ସୁଯୋଗ ସୃଷ୍ଟି କରିଛି। ହେଲେ ତା' ତୁଳନାରେ ବିଗତ ୩୪ ବର୍ଷ ଭିତରେ ସେହି ବିଦ୍ୟାଳୟର କୌଣସି କ୍ଷେତ୍ରରେ ବି ଉନ୍ନତି ହୋଇନାହିଁ। ତିନୋଟି ପଞ୍ଚାୟତରେ ଗୋଟିଏ ବିଦ୍ୟାଳୟ ପୁଣି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଅଥଚ ସରକାର ଏହା ପ୍ରତି ଦୃଷ୍ଟି ଦେଉ ନାହାନ୍ତି। ସରକାରଙ୍କ ତରଫରୁ ୧୦୦ ଭାଗ ବ୍ଲକ୍ ଗ୍ରାଣ୍ଟ ପାଉଛି ଅଥଚ କୌଣସି ଶିକ୍ଷକ ଆଜି ବି ସରକାରୀ ବିଦ୍ୟାଳୟ ପରି ପୂରା ସ୍କେଲର ଦରମା ପାଉ ନାହାନ୍ତି। ପୂରା ଦରମା ମିଳିବା ପୂର୍ବରୁ କେତେକ ଶିକ୍ଷକ ଅବସର ନେଇ ସାରିଲେଣି। ଉପଯୁକ୍ତ ଶ୍ରେଣୀ ଗୃହ ନାହିଁ। ନବମ ଏବଂ ଦଶମ ଶ୍ରେଣୀ ଉଭୟରେ ୩୬୫ ପିଲା ଅଛନ୍ତି। ପିଲା ତୁଳନାରେ ଭିତ୍ତି ଭୂମି ନାହିଁ। ଅନ୍ୟାନ୍ୟ ଶିକ୍ଷଣ ସାମଗ୍ରୀର ଘୋର ଅଭାବ ରହିଛି। ସମ୍ପୂର୍ଣ୍ଣ ସରକାରୀ ଅନୁଦାନ ମିଳୁ ନ ଥିବାରୁ ଅନ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ମାଟ୍ରିକ୍ ପାସ୍ ହାର ମଧ୍ୟ ଖରାପ ନୁହେଁ। ସରକାରଙ୍କ ନିଜସ୍ୱ ବିଦ୍ୟାଳୟର ସମକକ୍ଷ ବିଦ୍ୟାଳୟଟିଏ, ହେଲେ ସରକାରଙ୍କ ସମ୍ପୂର୍ଣ୍ଣ ଦୃଷ୍ଟି ୩୪ ବର୍ଷ ପରେ ବି ପଡ଼ିପାରିଲା ନାହିଁ। ଏଭଳି ସ୍ଥିତି ସବୁ ଜିଲାରେ ଅଛି।

ଜଣେ ସରକାରୀ ବିଦ୍ୟାଳୟରେ ଶିକ୍ଷକତା ଆରମ୍ଭ କଲେ ସିଧାସଳଖ ମୋଟା ଅଙ୍କର ଦରମା ପାଇଥାଏ ନତୁବା ୬ ବର୍ଷ ପରେ ନିୟମିତ ହୋଇ ସରକାରୀ ଶିକ୍ଷକ ଭାବରେ ପରିଗଣିତ ହୋଇଥାଏ। କିନ୍ତୁ ସ୍ୱୀକୃତ ଏବଂ ଅନୁଦାନପ୍ରାପ୍ତ ଶିକ୍ଷକମାନେ ବର୍ଷ ବର୍ଷ ଧରି ବିନା ଦରମା କିମ୍ବା କମ୍ ଦରମାରେ ସେଇ ସମାନ କାମ କରନ୍ତି। ନିଜର ପରିବାର ଚଳେଇବା ପାଇଁ ଅନ୍ୟ ଆୟ ପନ୍ଥାରେ ନିର୍ଭର କରିବାକୁ ପଡୁଥିବାରୁ ସକାଳୁ ବିଲରେ ଯାଇ ଚାଷ କରିବେ ଏବଂ ସମୟ ହେଲେ ବିଦ୍ୟାଳୟକୁ ଯାଇ ସନ୍ଧ୍ୟାରେ ଫେରି ପୁଣି ବିଲକୁ ଯିବେ। ଏହି ଭଳିଆ ଅନୁଭବ ଅନେକ ଶିକ୍ଷକଙ୍କର ଥିବ। କେବେ ସରକାରୀ ଅନୁଦାନ ମିଳିବ ସେଇ ଆଶାରେ ବର୍ଷ ବର୍ଷ ଧରି ଆଶା ଆଉ ସରକାରୀ ଆଶ୍ୱାସନାରେ କିଛି ଶିକ୍ଷକଙ୍କର ଜୀବନ ବିତିଯାଏ। ପୂରା ଦରମା ପାଇଲା ବେଳକୁ ଚାକିରି ସରିଯାଇଥାଏ। କିନ୍ତୁ ସେମାନେ ପାଠ ପଢ଼ାରେ ଅବହେଳା କରନ୍ତି ନାହିଁ। ସରକାରଙ୍କର କିନ୍ତୁ ଏହିଭଳି ବିଦ୍ୟାଳୟ ପ୍ରତି ସବୁପ୍ରକାର ଲଗାମ ଥାଏ। ଯେପରି କି ଜନଗଣନା, ଭୋଟ କାର୍ଯ୍ୟକ୍ରମରେ ସାମିଲ କରିବା ଇତ୍ୟାଦି। ଏହି ବିଦ୍ୟାଳୟର ଶିକ୍ଷକମାନେ ଅବସର କାଳୀନ ପେନ୍‌ସନର ଅନ୍ତର୍ଭୁକ୍ତ ନୁହନ୍ତି କି ସପ୍ତମ ବେତନ ଆୟୋଗଙ୍କ ପରିସରଭୁକ୍ତ ମଧ୍ୟ ନୁହନ୍ତି। ଏହି ବିଦ୍ୟାଳୟଗୁଡ଼ିକୁ ସରକାର ଭିତ୍ତିଭୂମିର ବିକାଶ ପାଇଁ ଅନୁଦାନ ଦିଅନ୍ତି ନାହିଁ। ଏଥିପାଇଁ କେତେବେଳେ ବିଧାୟକ ପାଣ୍ଠିତ କେତେବେଳେ ସାଂସଦ ପାଣ୍ଠି ଉପରେ ନିର୍ଭର କରିବାକୁ ପଡ଼େ। ସମ୍ପୂର୍ଣ୍ଣ ସରକାରୀ ହୋଇ ନ ଥିବାରୁ ସ୍ଥାନୀୟ ନେତାଙ୍କ ହସ୍ତକ୍ଷେପ ରହେ। ଫଳରେ ବିଦ୍ୟାଳୟ ଚଳେଇବା ଆହୁରି ଜଟିଳ ହୋଇପଡ଼େ।

ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ଅନୁସାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ଅଛି। ତେଣୁ ହାଇସ୍କୁଲଗୁଡ଼ିକ ଏହାର ପରିସରଭୁକ୍ତ ହେଉ ନାହାନ୍ତି। ସରକାର କୌଶଳ କ୍ରମେ ଅଷ୍ଟମ ଶ୍ରେଣୀକୁ ହାଇସ୍କୁଲରୁ ଅଲଗା କରି ସମସ୍ତ ହାଇସ୍କୁଲଗୁଡ଼ିକୁ ଶିକ୍ଷା ଅଧିକାରରୁ ବାଦ୍ ଦେଇଛନ୍ତି। କିଛି ମାଧ୍ୟମିକ ବିଦ୍ୟାଳୟକୁ ମଧ୍ୟ ହାଇସ୍କୁଲକୁ ଉନ୍ନୀତ କରାଯାଇଛି। ଆଉ କିଛି ବିଦ୍ୟାଳୟରେ ନାମକୁ ମାତ୍ର ନବମ ଏବଂ ଦଶମ ଶ୍ରେଣୀ ଖୋଲା ଯାଇଛି। କିନ୍ତୁ ସେହି ବିଦ୍ୟାଳୟର ଶିକ୍ଷାଦାନ ବ୍ୟବସ୍ଥା ଆହୁରି ନଗଣ୍ୟ। ଅନେକ ବିଦ୍ୟାଳୟରେ ଶିକ୍ଷକ ନାହାନ୍ତି। ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନେ ହାଇସ୍କୁଲ ପିଲାଙ୍କୁ ଶିକ୍ଷାଦାନ କରୁଛନ୍ତି। ଅଧିକାଂଶ ବିଦ୍ୟାଳୟରେ ଆବଶ୍ୟକୀୟ ଭିତ୍ତିଭୂମି ନାହିଁ। ତାଲିମପ୍ରାପ୍ତ ଶିକ୍ଷକ ନାହାନ୍ତି। ଅର୍ଥାତ୍ ପିଲାମାନଙ୍କୁ ନିଜର ଭାଗ୍ୟ ଉପରେ ଛାଡ଼ି ଦିଆଯାଇଛି।

ସମ୍ପୂର୍ଣ୍ଣ ଅନୁଦାନପ୍ରାପ୍ତ ହେଉ କି ଅଣ-ଅନୁଦାନପ୍ରାପ୍ତ ହାଇସ୍କୁଲ ହେଉ ଉଭୟଙ୍କର ସ୍ଥିତି ଶୋଚନୀୟ। ଏପରି କି ସରକାରଙ୍କ ନିଜସ୍ୱ ବିଦ୍ୟାଳୟର ଅବସ୍ଥା ବି କିଛି ଭଲ ନୁହଁ। ମାତ୍ର ଅନୁଦାନପ୍ରାପ୍ତ ବିଦ୍ୟାଳୟ ତୁଳନାରେ ଭଲ। ସରକାର ଏ ବିଷୟକୁ ହୃଦୟଙ୍ଗମ କରି ବିହିତ ପଦକ୍ଷେପ ନେବା ଜରୁରୀ। ପ୍ରଥମତଃ ଏହି ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିର ବିକାଶ ପାଇଁ ସିଧାସଳଖ ସରକାରୀ ଅନୁଦାନର ବ୍ୟବସ୍ଥା। ଦ୍ୱିତୀୟତଃ ସରକାରୀ ବିଦ୍ୟାଳୟ ପରି ଏହି ବିଦ୍ୟାଳୟରେ ମଧ୍ୟ ପିଲାଙ୍କ ଶିକ୍ଷଣ ସ୍ତର ବୃଦ୍ଧି ନିମନ୍ତେ ଆବଶ୍ୟକୀୟ ଅନୁଦାନ ଏବଂ ପଦକ୍ଷେପ। ତୃତୀୟତଃ ଆବଶ୍ୟକତା ଅନୁସାରେ ସରକାରୀ ଶିକ୍ଷକ ନିଯୁକ୍ତି। ଚତୁର୍ଥତଃ ଏହି ଅନୁଦାନପ୍ରାପ୍ତ ବିଦ୍ୟାଳୟରୁ ବ୍ଲକ୍ ଗ୍ରାଣ୍ଟ ଉଚ୍ଛେଦ କରି ପୂର୍ଣ୍ଣ ସରକାରୀ ବିଦ୍ୟାଳୟର ମାନ୍ୟତା ଜରୁରୀ। ଶେଷରେ ଏହି ବ୍ଲକ୍ ଗ୍ରାଣ୍ଟ ହାଇସ୍କୁଲର ପିଲାମାନଙ୍କୁ ପାତରଅନ୍ତର ନ କରି ସରକାରୀ ବିଦ୍ୟାଳୟର ପିଲା ପାଉଥିବା ସୁବିଧା ସୁଯୋଗ ଦେବା ଉଚିତ।

ଶଗଡ଼ା, ବୌଦ୍ଧ, ମୋ: ୮୩୨୮୮୪୮୧୪୫

## ଏଇ ଭାରତରେ

ଦୃଢ଼ ଇଚ୍ଛାଶକ୍ତି ଓ ନିରନ୍ତର ପ୍ରୟାସ ଦ୍ୱାରା ସବୁ ସମ୍ଭବ। ଯାହା ପ୍ରମାଣିତ ହୋଇଛି ଋତ୍ୱିକ ଭଟ୍ଟାଚାର୍ଯ୍ୟଙ୍କ କ୍ଷେତ୍ରରେ। ଜଣେ ପ୍ରତିଷ୍ଠିତ ସ୍କ୍ୱାଶ୍ ଖେଳାଳି ଭାବେ ବହୁ ଖ୍ୟାତି ଅର୍ଜନ କରିବା ପରେ ଆଦିବାସୀ ପିଲାମାନଙ୍କୁ ଏହି ଖେଳ ପ୍ରତି ଆକୃଷ୍ଟ କରିବାକୁ ଉଦ୍ୟମ କରିଛନ୍ତି। ସେ ମହାରାଷ୍ଟ୍ରର ରାୟଗଡ ବ୍ଲକର କାଲୋଟେ-ମୋକ୍ଷୀ ଗାଁରେ ଏକ ଏକାଡେମୀ ଗଠନ କରି ସେଠାକାର ପିଲାମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଏହି ଗାଁର ଲୋକ ସଂଖ୍ୟା ୨୦୦୦। ଗାଁ ପିଲାମାନଙ୍କର ଆଗ୍ରହ ଦେଖି ଆଖପାଖ ଅଞ୍ଚଳର ପିଲାମାନେ ବି ଏଠାରେ ପ୍ରଶିକ୍ଷଣ ନେଉଛନ୍ତି। ମୋଟ ପ୍ରଶିକ୍ଷଣ ନେଉଥିବା ୨୦୦ ପିଲାଙ୍କ ମଧ୍ୟରୁ କାଲୋଟେ-ମୋକ୍ଷୀର ୧୦୦ ଜଣ ଅଛନ୍ତି। ପଢିବା ସମୟକୁ ଛାଡିଦେଲେ ଯେ କୌଣସି ସମୟରେ ପିଲାମାନେ ଏଠାକୁ ଆସୁଛନ୍ତି। ଭୋର ୩ଟାରୁ ରାତି ୧୧ଟା ଯାଏ ଏହା ଖୋଲା ରହୁଛି। ଗରିବ ପିଲାଙ୍କୁ ଏଥିପାଇଁ କୌଣସି ଦେୟ ଦେବାକୁ ପଡୁନି। କେବଳ ସ୍କ୍ୱାଶ୍ ନୁହେଁ ଫୁଟବଲ ଓ ଅନ୍ୟ ଖେଳ ଉପରେ ମଧ୍ୟ ପ୍ରଶିକ୍ଷଣ ଦେବା ଲାଗି ଋତ୍ୱିକ ବ୍ୟବସ୍ଥା କରିଛନ୍ତି। ଏହି ସବୁ ଖେଳରେ ତାଙ୍କ ଏକାଡେମୀ ପିଲାମାନେ ରାଜ୍ୟ ଓ ଜାତୀୟ ସ୍ତରରେ ଖୁବ୍ ଭଲ ପ୍ରଦର୍ଶନ କରୁଛନ୍ତି। ଏବେ କାଲୋଟ-ମୋକ୍ଷୀ ଗାଁ ସ୍କ୍ୱାଶ କ୍ୟାପିଟାଲ ପାଲଟିଯାଇଛି। ଋତ୍ୱିକ ମଧ୍ୟ ଆଦିବାସୀମାନଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ଲାଗି କାର୍ଯ୍ୟ କରୁଛନ୍ତି। ତାଙ୍କ ଏକାଡେମୀର ନାମ ରଖିଛନ୍ତି ସ୍କ୍ୱାଶ ଟେମ୍ପଲ ଆଣ୍ଡ ରୟାଲ ଟ୍ରେନିଂ ଏକାଡେମୀ। ବାସ୍ତବରେ ଏହି ଏକାଡେମୀ ଗରିବ ଆଦିବାସୀ ପିଲାଙ୍କ ପାଇଁ ଏକ ମନ୍ଦିର ହୋଇଯାଇଛି। ଏବେ ସୁଦ୍ଧା ଏଠାରୁ ବିଭିନ୍ନ ଖେଳରେ ୪୦ରୁ ଉର୍ଦ୍ଧ୍ୱ ପିଲା ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିସାରିଲେଣି। ମୁଖ୍ୟତଃ ସ୍କ୍ୱାଶରୁ ଅଧିକ ପିଲା ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଛନ୍ତି।

# ସ୍ନେହମୟୀ ମାଆ ଓ ସବା ସାନପୁଅ



ଡ. ଶରତ ଚନ୍ଦ୍ର ରଥ

ଖରାଦିନେ ଅସହ୍ୟ ଗରମ ହେଲେ ଲୋକମାନେ ଅତିଷ୍ଠ ହୋଇପଡ଼ନ୍ତି, ଜୀବଜନ୍ତୁ ଗଛପତ୍ର ଆକୁଳ ବିକଳ ହୋଇପଡ଼ନ୍ତି। ବର୍ଷା ଟିକିଏ ହୁଅନ୍ତା କି! ଏହି କଥା ପରସ୍ପର ଭିତରେ ଲୋକମାନେ କଥା ହୁଅନ୍ତି। ଦିନେ ଦୁଇଦିନ ଭିତରେ କଳାମେଘ ଘୋଟିଆସେ, ବର୍ଷା ହୁଏ, ପରିବେଶ ଶୀତଳି ଯାଏ। ଲୋକେ ଆଶ୍ୱସ୍ତ ହୁଅନ୍ତି। ମାତ୍ର କାହାକୁ କୃତଜ୍ଞତା ଦେବାକୁ ହେବ ଜାଣନ୍ତି ନାହିଁ, ଜାଣିଲେ ମଧ୍ୟ ଦିଅନ୍ତି ନାହିଁ। ଏତେ କଷ୍ଟ କରିବ କିଏ ? କାହିଁକି ବା କରିବ। ମାଆର କାମ ଆମର ଯତ୍ନ ନେବା, ନେଲା, ଏଥିପାଇଁ କୃତଜ୍ଞତା ଜଣାଇବା କ'ଣ ଦରକାର ? ଆମ ପାଇଁ ଚିନ୍ତା କରିବା ତ ତା'ର କାମ, ଆମ ଶୁଭ ମନାସିବା ତ ତା'ର କାମ, ତାକୁ କୃତଜ୍ଞତା ଜଣାଇଲେ ସେ କହିବ ନ ଜଣାଇଲେ ମଧ୍ୟ କହିବ, ଆଦର କଲେ ସେ କହିବ, ହତାଦର କଲେ ମଧ୍ୟ କହିବ। ମାଆ ହୋଇଛି ପରା...।

ଏଠାରେ ମାଆ ଅର୍ଥରେ ପ୍ରକୃତିର କଥା କୁହାଯାଉଛି। ଅହରହ ପ୍ରକୃତିମାତା ସମସ୍ତଙ୍କର କଲ୍ୟାଣ ପାଇଁ କର୍ମ କରୁଛି, ନିଜ କଥା ଭାବିବାକୁ ତାକୁ ବେଳ ନାହିଁ। ଏ ସମଗ୍ର ସୃଷ୍ଟି ତା'ର। ସମସ୍ତେ ତା'ର ସନ୍ତାନ। କେବଳ ଆମେ ନୁହେଁ ହାତୀ ମଧ୍ୟ, ଝିଟିପିଟି ମଧ୍ୟ ଓ ପିମ୍ପୁଡି ମଧ୍ୟ। ଏତେ ଟିକିଏ ଝିଟିପିଟି ଛୁଆଟିକୁ କିଏ ଶିଖାଇଛି ଚୁପ୍ ହୋଇ କାନ୍ଥରେ ଲାଖି ରହିବାକୁ, ମଝିରେ ମଝିରେ ଟିକି ଲାଙ୍ଗୁଡ଼ଟିକୁ ଟିକିଏ ହଲେଇ ଦେବାକୁ, ପାଖକୁ ଟିକି ପୋକଟି ଆସିଲେ ଟକ୍‌କିନା ପାଟିରେ ପକାଇ ଦେବାକୁ। ଯିଏ ଶିଖାଇଛି ସେ ହେଉଛି ପ୍ରକୃତି ମାଆ। ଗଛପତ୍ରକୁ ସୂର୍ଯ୍ୟକିରଣ ମାଧ୍ୟମରେ ଖାଦ୍ୟ ପ୍ରସ୍ତୁତି ଶିଖାଇଛି, କିଏ ପୁଣି କହିଛି ଅଙ୍ଗାରକାମ୍ଳ ଗ୍ରହଣ କରି ଅମ୍ଳଜାନ ଦେବାକୁ; ଯାହା ଏକାନ୍ତ ଆବଶ୍ୟକ ଜୀବଜନ୍ତୁ ଏବଂ ମନୁଷ୍ୟମାନଙ୍କ ପାଇଁ। ସେ ଆଉ କେହି ନୁହେଁ, ପ୍ରକୃତିମାତା। କେଉଁ ପିଲା କ'ଣ ଖାଇବେ- ସେ ଚିନ୍ତା ମାଆର। କିଏ ଭାତ ଖାଇବ ତ କିଏ ରୁଟି ଖାଇବ- ସେ ଚିନ୍ତା ମାଆର। ବାଘ ଯାହା ଖାଇବ, ହାତୀ ତାହା ଖାଇବ ନାହିଁ, ବିଲୁଆ ଯାହା ଖାଇବ, ଠେକୁଆ ତାହା ଖାଇବ ନାହିଁ। ବଣିଚଢ଼େଇ ଯାହା ଖାଇବ, ପାଣିକୁଆ ତାହା ଖାଇବ ନାହିଁ। ଯିଏ ସମସ୍ତଙ୍କ ପେଟ ଚିହ୍ନିଛି ସେ ହେଉଛି ପ୍ରକୃତି ମାତା। ଦୃଶ୍ୟମାନ ହେଉନି ସିନା, ଅଦୃଶ୍ୟରେ ରହି ସମସ୍ତଙ୍କ ପାଇଁ ସବୁକିଛି ସଜାଡ଼ି ରଖିଛି।

ମଣିଷ ହେଉଛି ପ୍ରକୃତି ମାତାର ସବା ସାନପୁଅ, ବୋଧହୁଏ ଅଧିକ ଗେହ୍ଲା। ତା' ପାଇଁ ଅଧିକ ଆୟୋଜନ ମା'ର। ତା'ର ଶରୀରର ସୁସ୍ଥତା ପାଇଁ କେଉଁ ଋତୁରେ କେଉଁ ଫଳ ଲୋଡ଼ା, କେଉଁ ଭିଟାମିନ୍ କେଉଁ ଫଳରେ ରଖାଗଲେ ସେ ତାକୁ ଗ୍ରହଣ କରି ସୁସ୍ଥ ରହିବ, ଏତେ ସବୁ ଚିନ୍ତା ସେ କରିଛି। ସାନପୁଅ ଟିକିଏ ଅଧିକ ସୁକୁମାରିଆ, ସେ ପୃଥିବୀକୁ ଆସିବା ଆଗରୁ ଏତେ ସବୁ ଫଳଗଛ ଓ ଫଳର ଆୟୋଜନ ମାଆ ହିଁ କରିଛି।

ମାଟି, ପାଣି, ପବନ, ଆଲୋକ ଓ ଆକାଶ ପ୍ରଭୃତି ପଞ୍ଚଭୂତ ମାଆର ପ୍ରଥମ ସନ୍ତାନ। ପ୍ରଥମ ସନ୍ତାନକୁ ଅନ୍ୟ ସାନମାନଙ୍କୁ ଶ୍ରଦ୍ଧା ଓ ଆଦର କରିବାକୁ ମାଆ ହିଁ ଶିଖାଇଛି। ସେ ଶିଖାଇଛି ଯେମିତି ବଡ଼ ପିଲାଟି ଶିଖିଛି ସେମିତି। ପରିବାରର ବଡ଼ ପିଲାଟି ପରା, ତା'ର ଦାୟିତ୍ୱଜ୍ଞାନ ସ୍ୱତନ୍ତ୍ର। ସେ ଦାୟିତ୍ୱଜ୍ଞାନ ପାଇଁ ଯୁକ୍ତି ଲୋଡ଼ାହୁଏ ନାହିଁ, ଏହା ଏପରି ସ୍ୱତଃ ଯେ ତାହାକୁ କଳ୍ପନା କରିହେବ ନାହିଁ। ଏ ଲେଖାଟିର ପାଠକମାନଙ୍କ ଭିତରୁ ଯଦି କିଏ କିଏ ପରିବାରର ବଡ଼ପିଲା ହୋଇଥିବେ, ସେମାନେ ଏକଥାର ମର୍ମକୁ ଅଧିକ ଅନୁଭବ କରିପାରିବେ। ମା'ଙ୍କର କଥା ମାନି ବଡ଼ପୁଅ ଅର୍ଥାତ୍ ପଞ୍ଚଭୂତ କେବେ ହେଲେ ସାନମାନଙ୍କୁ ଅବହେଳା କରିନାହାନ୍ତି, ଅସୁବିଧାରେ ପକାଇବା ତ ଦୂରର କଥା। ସାନମାନେ ମଧ୍ୟ ବଡ଼କୁ ମାନିଛନ୍ତି, ସ୍ନେହ ଋଣୀ ହୋଇଛନ୍ତି। କେବଳ ସବା ସାନକୁ ଛାଡ଼ି ଅର୍ଥାତ୍ ମଣିଷକୁ ଛାଡ଼ି।

ସବା ସାନ ନିଜର ଅହଂ ଓ ସ୍ୱାର୍ଥ ପାଇଁ ମାଟିକୁ ଧ୍ୱସ୍ତ ବିଧ୍ୱସ୍ତ କରୁଛି, ଜଳକୁ ଦୁଇ ଭାଗ ନୁହେଁ କେତେ କେତେ ଭାଗରେ ବିଭକ୍ତ କରୁଛି। ଆକାଶର ବକ୍ଷକୁ ବିଦୀର୍ଣ୍ଣ କରିଦେଉଛି, ବାୟୁମଣ୍ଡଳକୁ ଭରିଦେଉଛି ଧୂଳି ଓ ଧୂଆଁରେ। ଫଳରେ କେତେ ନା କେତେ ଅଘଟଣ ଘଟୁଛି ଦିନକୁ ଦିନ। ପୃଥିବୀର ବାୟୁମଣ୍ଡଳର ଟ୍ରପୋସ୍ପିୟରରେ ଛିଦ୍ର ଦେବା ଫଳରେ ଅଧିକ ସୂର୍ଯ୍ୟକିରଣ ପୃଥିବୀକୁ ଚାଲି ଆସୁଛି ଏବଂ ପୃଥିବୀର ଉତ୍ତାପ ବୃଦ୍ଧି ହେଉଛି। ଷ୍ଟ୍ରାଟୋସ୍ପିୟର ମଧ୍ୟ ଦିନକୁ ଦିନ କଳୁଷିତ ହୋଇଗଲାଣି। ବିଭିନ୍ନ କାରଣରୁ ବାୟୁମଣ୍ଡଳରୁ ଅମ୍ଳଜାନର ମାତ୍ରା କମିଗଲାଣି ଓ ଅଙ୍ଗାରକାମ୍ଳର ମାତ୍ରା ବଢ଼ିଗଲାଣି। ଫଳରେ ଗ୍ଲୋବାଲ ୱାର୍ମିଂର ଭୟାବହତା କ୍ରମେ କ୍ରମେ ଦେଖାଦେଲାଣି। ଏହାର ପ୍ରଭାବରେ ଗ୍ଲାସିୟର ତରଳିଯାଉଛି ଏବଂ ସମୁଦ୍ରର ଜଳପତନ ଆସ୍ତେ ଆସ୍ତେ ବୃଦ୍ଧି ପାଉଛି। ମେରୁ ଅଞ୍ଚଳର ବରଫ ଅସ୍ୱାଭାବିକ ଭାବେ ତରଳିବାର ଅବସ୍ଥା ବୈଜ୍ଞାନିକ ତଥା ପରିବେଶବିତ୍‌ମାନଙ୍କୁ ବିବ୍ରତ କରିପକାଉଛି। ଭାରତରେ ଗ୍ଲୋବାଲ ୱାର୍ମିଂର ପ୍ରଭାବ ଅନୁଭୂତ ହେଉଛି। ଉତ୍ତରାଖଣ୍ଡର ଚାମୋଲି ଜିଲାରେ ଗ୍ଲାସିୟର ତରଳି ଯିବାରୁ ଯେଉଁ ଦାରୁଣ ବିପଦ ସୃଷ୍ଟି ହେଲା ତାହା ସମସ୍ତେ ଜାଣନ୍ତି। ସେତେବେଳେ ଅନେକ ଶ୍ରମିକ ଭୂମିଗତ ଟନେଲ ଭିତରେ ରହି ପ୍ରାଣ ହରାଇଲେ, ପୁଣି ନିର୍ମାଣାଧୀନ ତପୋବନ ଡ୍ୟାମ ଜଳର ସ୍ରୋତରେ ଭାସିଗଲା। ଗବେଷଣାରୁ ଜଣାଗଲା ଯେ, ଏହାର କାରଣ ଥିଲା ଗ୍ଲୋବାଲ ୱାର୍ମିଂ।

ଅଙ୍ଗାରକାମ୍ଳ ଗ୍ୟାସର ଆଧିକ୍ୟ ହେତୁ ଦିଲ୍ଲୀରେ ମଝିରେ ମଝିରେ ଏପରି ଅବସ୍ଥା ସୃଷ୍ଟି ହେଉଛି ଯେ ଲୋକମାନେ ନିଃଶ୍ୱାସ ପ୍ରଶ୍ୱାସଜନିତ କଷ୍ଟ ଭୋଗ କରୁଛନ୍ତି। ଗ୍ଲୋବାଲ ୱାର୍ମିଂର ମୁଖ୍ୟ କାରଣଗୁଡ଼ିକ ଭିତରୁ ପ୍ରାୟ ମଣିଷକୃତ। ଜଙ୍ଗଲରେ ନିଆଁ ଲଗାଇବା, ଜଙ୍ଗଲକ୍ଷୟ କରି ଅକାର୍ଯ୍ୟ ଆଉ କେହି କରୁନାହାନ୍ତି, କରୁଛି ମଣିଷ। ଆବଶ୍ୟକତାଠାରୁ ଅଧିକ କଳକାରଖାନା ପ୍ରତିଷ୍ଠା କରି ବାୟୁମଣ୍ଡଳକୁ ଅତ୍ୟଧିକ ଧୂଆଁ ଓ ଅନ୍ୟାନ୍ୟ ଦୂଷିତ ପଦାର୍ଥ ଛାଡ଼ିବା ଦ୍ୱାରା ବାୟୁମଣ୍ଡଳ ବିପର୍ଯ୍ୟସ୍ତ ହୋଇଯାଉଛି। ମଣିଷର ବସ୍ତୁ ପ୍ରାପ୍ତିର ଲାଳସା ଏତେ ବଢ଼ିଯାଇଛି ଯେ ଜୀବନ ମପା ହେଉଛି ବସ୍ତୁର ମାନଦଣ୍ଡରେ। ବସ୍ତୁ ହିଁ ଜୀବନ ଏବଂ ଜୀବନ ହିଁ ବସ୍ତୁ। ଏକ ପ୍ରକାର ହୋଇଗଲାଣି। ଏଇ ପ୍ରସଙ୍ଗରେ ମନେ ପଡ଼େ ସ୍ୱାମୀ ବିବେକାନନ୍ଦଙ୍କର କଥା ପଦେ ଦୁଇପଦ। ସେ କହିଥିଲେ ଯେ, ଆବଶ୍ୟକତା ବଢୁ, ମାତ୍ର ସେଇ ବଢ଼ିବା ଏକ ସୀମା ଭିତରେ ରହୁ। ସୀମାପାର ହୋଇ ବଢ଼ି ନ ଯାଉ।

ବାସ୍ତବରେ ଏଇ ସୀମା ରେଖାଟିକୁ ମଣିଷ ଏକ ପ୍ରକାର ଭୁଲିଗଲାଣି। ସେ ନିଜ କୁରାଢ଼ି ନିଜ ଗୋଡ଼ରେ ମାରିବାକୁ ଯାଉଛି- ଏକଥା ଜାଣି ପାରୁନାହିଁ। ହୁଏତ ବେଳେବେଳେ ଜାଣିପାରୁଛି ମାତ୍ର ସେଥିରୁ ନିବୃତ୍ତ ରହିପାରୁ ନାହିଁ। ମାଆ ତା'ର କ୍ଷତାକ୍ତ ହେଉ ଅଥବା ରକ୍ତାକ୍ତ ହେଉ, ବିପର୍ଯ୍ୟସ୍ତ ହେଉ ଅଥବା ଧ୍ୱସ୍ତ ବିଧ୍ୱସ୍ତ ହେଉ, ସେ ଆଡ଼କୁ ତା'ର ନିଘା ନାହିଁ। ଏହା କ'ଣ କେଉଁଠି ହୁଏ ? ମାଆ ଭଲରେ ନ ରହିଲେ ପୁଅ କ'ଣ ଭଲରେ ରହେ କିମ୍ବା ପୁଅ ଭଲରେ ନ ରହିଲେ ମା' କ'ଣ ଭଲରେ ରହେ। ମାଆର ଆଖିରୁ ଲୁହ ଝରାଇ ପୁଅ କ'ଣ ସୁଖରେ ରହେ ? ପ୍ରକୃତି କେବଳ ମାଆ ନୁହେଁ, ଗୁରୁ, ଗୁରୁଜନ ଭୂମିକାରେ ଅବତୀର୍ଣ୍ଣ ମଧ୍ୟ। ଶିକ୍ଷାବିତ୍ ରୁଷୋଙ୍କ ମତରେ "Nature is the Great master, Follow th master", ସମଗ୍ର ମାନବ ଜାତିର ଆଦର ଓ ସମ୍ମାନ ପ୍ରକୃତି ମାତା ପ୍ରତି ଯେତେ ବଢ଼ିବା କଥା ସେତେ ବଢୁ ନାହିଁ-ଏହା ହିଁ ପରିତାପର ବିଷୟ।

ପ୍ରାକ୍ତନ ପ୍ରଫେସର, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ମୋ:୯୪୩୭୭୫୬୨୪୦

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଜୁନ୍ ୧୯୯୬

- ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ପ୍ରକାଶ ପାଇଥିବା ପ୍ରଥମ ୨୦ ଯୋଗ୍ୟତା ତାଲିକା ଓଡ଼ିଶା ହାଇକୋର୍ଟପକ୍ଷରୁ ବାତିଲ କରାଯାଇଛି।
- ପୂର୍ବତନ ମନ୍ତ୍ରୀ ତଥା ଜନତା ଦଳର ରାଜ୍ୟ ସଭା ସଦସ୍ୟ ଦିଲୀପ ରାୟଙ୍କ ବାସଗୃହ ଓ ହୋଟେଲ ଉପରେ ଭିଜିଲାନ୍ସ ଚଢ଼ାଉ।

## ପାଠକ ଶ୍ରେଷ୍ଠ ବିଚାରକ

### କୋଭିଡ୍-୧୯ର ତୃତୀୟ ଲହର

ମହାଶୟ,

କରୋନା ମହାମାରୀର ଦ୍ୱିତୀୟ ଲହର ଅନେକ ଜୀବନ ନେଇ ସାରିଛି। ଦୁଇମାସ ଧରି ସଂଗ୍ରାମ ପରେ ରାଜ୍ୟ ତଥା ଦେଶର ଅବସ୍ଥା ବର୍ତ୍ତମାନ ସାମାନ୍ୟ ସ୍ଥିର ରହିଛି। କିନ୍ତୁ ଭୟଙ୍କର ଖବର ହେଉଛି କୋଭିଡ୍-୧୯ର ତୃତୀୟ ଲହର ପାଇଁ ଦେଶ ପୁଣି ପ୍ରସ୍ତୁତ ହେବା ଆବଶ୍ୟକ। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଜୁନ୍ ୨୦ରେ କହିଛନ୍ତି ଯେ, କୋଭିଡ୍-୧୯ର ତୃତୀୟ ଲହରର ପରିଣାମକୁ ସାମ୍ନା କରିବାକୁ ରାଜ୍ୟ ପ୍ରସ୍ତୁତ ଅଛି। କେତେକ ଡାକ୍ତରଖାନାରେ ଶିଶୁରୋଗ ଚିକିତ୍ସା ବିଭାଗରେ ଆଇସିୟୁ ଅଛି। କିନ୍ତୁ ଦ୍ୱିତୀୟ ଲହର ଶେଷ ଏବଂ ତୃତୀୟ ଲହରର ଆଗମନ ମଧ୍ୟରେ ଥିବା ଅବଧି ଅତ୍ୟନ୍ତ ଜଟିଳ ଏବଂ ସମ୍ବେଦନଶୀଳ । କହିବାକୁ ଗଲେ, ଆରୋଗ୍ୟ ଅପେକ୍ଷା ପ୍ରତିରୋଧ ଭଲ, ତେଣୁ ଏଥର ସରକାର ଜନସମାବେଶ ନ କରିବାକୁ ଯଥେଷ୍ଟ ସତର୍କ ରହିବା ଉଚିତ। ଦ୍ୱିତୀୟତଃ, ପିଲାମାନଙ୍କୁ ବିଶେଷ ଭାବରେ ପୂର୍ବରୁ ଟିକାକରଣ କରାଯିବା ଉଚିତ। ତେଣୁ ମୁଁ ସ୍ୱାସ୍ଥ୍ୟ ବିଭାଗି ଏହି ବିଷୟରେ ଦୃଷ୍ଟିଦେବାକୁ ଅନୁରୋଧ ।

-ସ୍ୱାଗତିକା ପ୍ରଧାନ, ଲିଙ୍କ୍‌ରୋଡ, ମଧୁପାଟଣା, କଟକ

## ଚିରନ୍ତନୀ

ଗଳଇ ରୁଧିରରାଶି ଯନ୍ତ୍ରଣାର କ୍ଷତ ଅବକାଶ
ନିତି ପ୍ରଦୋଷ ଉଷାରେ ସେ ବେଦନା ଲଭଇ ପ୍ରକାଶ
ପରାଟୀ ପ୍ରତୀଟୀ ଭାଲେ ରକତର ରାଗେ,
ବିରହର ଶତ କ୍ଷତ ଦାଗେ।

-(ସୃଜନ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବଜ୍ରପାତରେ ଗଲା ୩ ଜୀବନ

ବିଷମକଟକ/ଘସିପୁରା/ ଆନନ୍ଦପୁର, ୨୭।୬(ଡି.ଏନ୍.ଏ./ସ୍ୱ.ପ୍ର.): ରାୟଗଡ଼ା ଓ କେନ୍ଦୁଝର ଜିଲାରେ ରବିବାର ବଜ୍ରପାତ ଘଟି ୩ଜଣଙ୍କର ମୃତ୍ୟୁ ଘଟିଛି। ରାୟଗଡ଼ାରେ ଏକ ଦମ୍ପତିଙ୍କ ମୃତ୍ୟୁ ଘଟିଥିବାବେଳେ କେନ୍ଦୁଝରରେ ଜଣେ ଚାଷୀଙ୍କ ଜୀବନ ଯାଇଛି। ରାୟଗଡ଼ାର ମୃତ ଦମ୍ପତି ହେଲେ ବିଷମକଟକ ବ୍ଲକ କାଲିପୋଙ୍ଗା ଗ୍ରାମର ବୁର୍ଷା ମିଣିଆକା(୬୫) ଏବଂ ସ୍ତ୍ରୀ ରାମୀ ମିଣିଆକା(୫୫)। ସେମାନଙ୍କ ପୁଅ କାଶୀରାମ ଏବଂ ବୋହୂ ମାଳା ଗୁରୁତର ହୋଇଛନ୍ତି। ଅପରାହ୍ନ ପ୍ରାୟ ୩ଟା ବେଳେ ପୋଡୁଚାଷ କରିବା ଉଦ୍ଦେଶ୍ୟରେ ଦମ୍ପତି ପୁଅ-ବୋହୂଙ୍କ ସହ ଚାଞ୍ଚ ପଞ୍ଚାୟତ ଅଧୀନ କେରାଣ୍ଡିଗୁଡ଼ାସ୍ଥିତ ଜଙ୍ଗଲର ଲଟା ସଫା କରୁଥିବାବେଳେ ବଜ୍ରପାତ ହୋଇଥିଲା। ୪ଜଣଙ୍କୁ ଗୁରୁତର ଅବସ୍ଥାରେ ଗ୍ରାମବାସୀ ଆମ୍ବୁଲାନ୍ସ ଯୋଗେ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ବୁର୍ଷା ଓ ରାମୀଙ୍କୁ ମୃତ ଘୋଷଣା କରିଥିଲେ। କାଶୀରାମ ଏବଂ ମାଳାଙ୍କ ଅବସ୍ଥା ଗୁରୁତର ଥିବାରୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେହିପରି କେନ୍ଦୁଝରର ମୃତ ଚାଷୀ ହେଲେ ନାରଙ୍ଗପୁର ଗ୍ରାମର କାହ୍ନୁ ଚରଣ ସାହୁ (୬୫)। କାହ୍ନୁଙ୍କ ସମେତ ୪ ଜଣ ଚାଷୀ ରାଇପୁରଠାରେ ଥିବା ନିଜ ଚାଷଜମିରେ ତଳି ପକାଇବାକୁ ଯାଇଥିଲେ। ବର୍ଷା ହେବାରୁ ସମସ୍ତେ ନିକଟସ୍ଥ ଏକ ଗଛମୂଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ କାହ୍ନୁଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଅନ୍ୟ ୩ ଜଣ ଗୁରୁତର ହୋଇଥିବାରୁ ସେମାନଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ରେଙ୍ଗାଲିରୁ ବିଦ୍ୟୁତ୍ ଉତ୍ପାଦନ ଠପ୍

**ଭାକ୍ୟୁମ ବ୍ରେକର ଭାଲ୍ବ ଅଚଳ**

କଣିହାଁ, ୨୭।୬(ଡି.ଏନ.ଏ.): ଅନୁଗୋଳ ଜିଲା କଣିହାଁ ବ୍ଲକସ୍ଥିତ ରେଙ୍ଗାଲି ଜଳ ବିଦ୍ୟୁତ୍ ପ୍ରକଳ୍ପ (ଓଏଚ୍‌ପିସି) ପାୱାର ହାଉସ୍ ୪ ନମ୍ବର ୟୁନିଟ୍ ଅଚଳ ହୋଇଯାଇଛି। ଫଳରେ ୨ଦିନ ହେଲା ବିଦ୍ୟୁତ୍ ଉତ୍ପାଦନ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ପ୍ରକଳ୍ପର ବରିଷ୍ଠ ସାଧାରଣ ପରିଚାଳକ ସୁବାସ ପାତ୍ର କହିଛନ୍ତି, ୨୬ ତାରିଖ ମଧ୍ୟାହ୍ନରେ ପାୱାର ହାଉସ ୪ ନମ୍ବର ୟୁନିଟ୍ ଭାକୁମ ବ୍ରେକର ଭାଲ୍ବ ଅଚଳ ହୋଇ ପଡ଼ିଥିଲା। ଏହାଦ୍ୱାରା ନଦୀର ତଳପାଖ ଠେଲା ପାଣି ପ୍ରବେଶ କରିବାରୁ ଟର୍ବାଇନ ବୁଡିଯିବା ଭଳି ଅବସ୍ଥା ସୃଷ୍ଟି ହୋଇଥିଲା। ତେଣୁ ସୁରକ୍ଷା ଦୃଷ୍ଟିରୁ ସମସ୍ତ ୫ଟି ୟୁନିଟ୍‌କୁ ବନ୍ଦ କରି ଦିଆଯାଇଛି। ଏଥିଯୋଗୁ ପ୍ରକଳ୍ପରୁ ଦୈନିକ ମିଳୁଥିବା ୨୫୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହୋଇପାରୁ ନାହିଁ। ରବିବାର ମଧ୍ୟାହ୍ନରେ ଭୁବନେଶ୍ୱର କର୍ପୋରେଟ ଅଫିସ ଡାଇରେକ୍ଟର (ଅପରେଶନ) ମନୋରଞ୍ଜନ ବିଶ୍ୱାଳ, ବରିଷ୍ଠ ସାଧାରଣ ପରିଚାଳକ ପାତ୍ର ଓ ଅନ୍ୟ ପଦାଧିକାରୀ ଉପସ୍ଥିତ ରହିବା ସହ ଯୁଦ୍ଧକାଳୀନ ଭିତ୍ତିରେ ଭାକୁମ୍ ବ୍ରେକର ଭାଲ୍ବ ମରାମତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ୨ ଦିନ ମଧ୍ୟରେ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ଓ ବିଦ୍ୟୁତ୍ ଉତ୍ପାଦନ ଆରମ୍ଭ କରାଯିବ ବୋଲି ସାଧାରଣ ପରିଚାଳକ ପାତ୍ର ପ୍ରକାଶ କରିଛନ୍ତି।


# ଅଧିସୂଚନାରେ ଉଦ୍ୟମ ସୀମିତ

ହର୍ଷବର୍ଦ୍ଧନ ବେହେରା
ଯାଜପୁର ଅଫିସ, ୨୭।୬

**ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ଉପେକ୍ଷିତ**

ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟର କାର୍ଯ୍ୟ ଓଡ଼ିଆ ଭାଷାରେ କରିବା ପାଇଁ ଉଦ୍ୟମ କରାଯିବ। ଏନେଇ ୨୨।୯।୨୦୧୬ରେ ଓଡ଼ିଶା ସରକାରୀ ଭାଷା ସଂଶୋଧିତ ଅଧିନିୟମ ୨୦୧୬ର ଧାରା-୨ର ଉପଧାରା(୨) ଅନୁଯାୟୀ ଅଧିସୂଚନା ଜାରି ହୋଇଥିଲା। ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ଏହି ଅଧିସୂଚନା କେବଳ ଉଦ୍ୟମରେ ସୀମିତ ରହିଛି। ଆଜିବି ଅଧିକାଂଶ ସରକାରୀ କାର୍ଯ୍ୟ କେବଳ ଇଂଲିଶରେ ହେଉଥିବା ଦେଖିବାକୁ ମିଳିଛି। ରାଜ୍ୟରେ ବିଭିନ୍ନ ମହଲରେ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଲଢ଼େଇ ଜାରି ରହିଛି। କିନ୍ତୁ ସରକାର ନିଜେ ଜାରି କରିଥିବା ଅଧିସୂଚନାକୁ ଭୁଲିଯାଇଛନ୍ତି। ଫଳରେ ଆମେ ଓଡ଼ିଆ ହୋଇ ଓଡ଼ିଆ ଭାଷା ପାଇଁ ସଂଗ୍ରାମ କରୁଛେ ବୋଲି କ୍ଷୋଭ ପ୍ରକାଶ ପାଉଛି।

ଅଧିସୂଚନାରେ ଆହୁରି ଦର୍ଶାଯାଇଥିଲା ଯେ, ସମସ୍ତ ବିଭାଗରେ ଓଡ଼ିଆରେ ହସ୍ତଗତ ହେଉଥିବା ଦରଖାସ୍ତ/ପତ୍ରର ଫଏସଲା କରାଯାଇ ଆବେଦନକାରୀଙ୍କୁ ଓଡ଼ିଆରେ ଜଣାଇ ଦିଆଯିବ। ବିଧାନସଭା ସଂକ୍ରାନ୍ତୀୟ ସମସ୍ତ ବିଲ୍ ଉଭୟ ଇଂଲିଶ ଏବଂ ଓଡ଼ିଆରେ କରାଯିବ। ଅଧିସୂଚନା ପୂର୍ବରୁ ୧୭।୮।୨୦୧୬ରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ସରକାରୀ ଭାଷା କମିଟିର ପ୍ରଥମ ବୈଠକ ବସିଥିଲା। ସରକାରୀସ୍ତରରେ ବ୍ୟବହାର ହେଉଥିବା ସମସ୍ତ ନିମନ୍ତ୍ରଣ ପତ୍ର, ନାମଫଳକ ଓଡ଼ିଆ ଅଥବା ଉଭୟ ଇଂଲିଶ୍ ଏବଂ ଓଡ଼ିଆରେ କରିବା, ସାଧାରଣ ପ୍ରଶାସନ ବିଭାଗରେ ଓଡ଼ିଆ ଭାଷା ପ୍ରଭାଗର କାର୍ଯ୍ୟକାରିତା ପାଇଁ ଆବଶ୍ୟକ ପଦବୀ ସୃଷ୍ଟି ନିମନ୍ତେ ଅର୍ଥ ବିଭାଗକୁ ଅନୁରୋଧ କରିବା ଲାଗି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ପ୍ରତ୍ୟେକ ବର୍ଷ ଏପ୍ରିଲ ୧ରୁ ୭ ଯାଏ ଓଡ଼ିଆ ସପ୍ତାହ ପାଳନ କରାଯିବ। ଏଥିନିମନ୍ତେ ସମସ୍ତ ବିଭାଗ ଓଡ଼ିଆ ଭାଷାରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରି କୃତୀ ବ୍ୟକ୍ତିଙ୍କୁ ପୁରସ୍କୃତ କରିବାକୁ ପରାମର୍ଶ ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଆଜି ଯାଏ ଓଡ଼ିଆ ସପ୍ତାହ ପାଳନ ହୋଇପାରିନାହିଁ କିମ୍ବା ସମସ୍ତ ବିଭାଗରେ ଓଡ଼ିଆ ଭାଷା ଉପଯୁକ୍ତ ଭାବେ ବ୍ୟବହାର ହୋଇ ପାରି


ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ବିଭାଗ
*****
ସଂଖ୍ୟା- ୨୦୩୪୮/ସା. ପ୍ର. ଭୁବନେଶ୍ୱର, ତା୨୨.୯.୧୬ରିଖ
ଅଧିସୂଚନା
ଓଡ଼ିଶା ସରକାରୀ ଭାଷା ସଂଶୋଧିତ ଅଧିନିୟମ, ୨୦୧୬ ର ଧାରା ୨ ର ଉପଧାରା (୨) ଅନୁଯାୟୀ
କ) ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ କରିବା ପାଇଁ ଉଦ୍ୟମ କରାଯିବ;
ଖ) ସମସ୍ତ ବିଭାଗରେ ଓଡ଼ିଆ ଭାଷାରେ ହସ୍ତଗତ ହେଉଥିବା ଦରଖାସ୍ତ/ ପତ୍ରର ଫଏସଲା କରାଯାଇ ଆବେଦନକାରୀଙ୍କୁ ଓଡ଼ିଆ ଭାଷାରେ ଜଣାଇଦିଆଯିବ;
ଗ) ସରକାରୀ ସ୍ତରରେ ବ୍ୟବହାର ହେଉଥିବା ସମସ୍ତ ନିମନ୍ତ୍ରଣ ପତ୍ର, ନାମ ଫଳକ ଓଡ଼ିଆ ଭାଷା ଅଥବା ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ କରାଯିବ;
ଘ) ବିଧାନ ସଭା ସଂକ୍ରାନ୍ତୀୟ ସମସ୍ତ ବିଲ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ କରାଯିବ।
ରାଜ୍ୟପାଳଙ୍କ ଆଦେଶ କ୍ରମେ
ସ୍ୱତନ୍ତ୍ର ଶାସନ ସଚିବ
ଜ୍ଞାପକ ସଂଖ୍ୟା- ୨୦୩୪୯/ସା.ପ୍ର. ତା୨୨.୯.୧୬ରିଖ
ଏହାର ଏକକିତା ନକଲ ଭାରପ୍ରାପ୍ତ ଅଧିକାରୀ, ଓଡ଼ିଶା ଗେଜେଟ ପ୍ରକୋଷ୍ଠ, ବାଣିଜ୍ୟ ବିଭାଗଙ୍କ ସଦୟ ଅବଗତି ନିମନ୍ତେ ପଠାଯିବା ସହିତ ଏହି ଅଧିସୂଚନାକୁ ଅସାଧାରଣ ଓଡ଼ିଶା ଗେଜେଟରେ ପ୍ରକାଶ କରି ଏହାର ୨୦୦ କିତା ନକଲ ଯୋଗାଇଦେବା ପାଇଁ ଅନୁରୋଧ କରାଗଲା।
ସ୍ୱତନ୍ତ୍ର ଶାସନ ସଚିବ

ଜାରି ହୋଇଥିବା ଅଧିସୂଚନା।

କହିଛନ୍ତି, ଆମ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ଆଶା କରାଯାଉଥିଲା ଏ ଭାଷାର ବିକାଶ ସହ ଏହାର ସାହିତ୍ୟର ଯଥେଷ୍ଟ ଉନ୍ନତି ସାଧନ ହେବ। ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଏ ଭାଷାରେ ପ୍ରକାଶିତ ପୁସ୍ତକର ଆଦର ଓ ଚାହିଦା ବଢ଼ିବ। ମାତ୍ର ୭ ବର୍ଷରୁ ଊର୍ଦ୍ଧ୍ୱକାଳ ଧରି ଶାସ୍ତ୍ରୀୟ ମାନ୍ୟତା ପାଇଥିଲେ ମଧ୍ୟ ଆମେ ଏବେବି 'ଯଥା ପୂର୍ବଂ ତଥା ପରଂ' ସ୍ଥିତିରେ ଅଛୁ। ଭାଷାର ବିକାଶ ପାଇଁ ସ୍ୱତନ୍ତ୍ର ଭାବେ ପ୍ରତିଷ୍ଠିତ ଓଡ଼ିଆ ଭାଷା ବିଶ୍ୱବିଦ୍ୟାଳୟର ପ୍ରଗତି ମଧ୍ୟ ଆଖିଦୃଶିଆ ନୁହେଁ। ଗୋଟିଏ

ନ ଥିବା ଅଭିଯୋଗ ହେଉଛି। ସାହିତ୍ୟିକ ହରେକୃଷ୍ଣ ପଣ୍ଡା କୁହନ୍ତି, ସରକାରଙ୍କ ଘୋଷଣାକୁ କାର୍ଯ୍ୟକାରୀ କରିବାରେ ଅମଲାମାନଙ୍କ ଆନ୍ତରିକତା ପ୍ରକାଶ ପାଉନାହିଁ। ଅନ୍ୟ ରାଜ୍ୟରେ ନିଜ ଭାଷା ପ୍ରତି ଥିବା ଆଦର ଆମ ରାଜ୍ୟରେ ନାହିଁ। ପ୍ରଶାସନିକ ବ୍ୟବସ୍ଥା ଓଡ଼ିଆ ଭାଷା ପ୍ରତି ଯତ୍ନବାନ ନୁହଁ ବୋଲି ମନେହେଉଛି।

ଗାଳ୍ପିକ ରାଜ୍ୟବର୍ଦ୍ଧନ ଧଳମହାପାତ୍ର ଜାତି ବଞ୍ଚେ ତା'ର ଭାଷାକୁ ନେଇ। ଓଡ଼ିଶାର ଅନ୍ୟତମ ବୈଶିଷ୍ଟ୍ୟ ହେଉଛି ଭାରତର ଏକ ମାତ୍ର ରାଜ୍ୟ ଯିଏ ଭାଷା ଭିତ୍ତିରେ ଗଠିତ ହୋଇଛି। ମାତ୍ର କେତେଦିନ ଯାଏ ଆମେ ସେଇ କଥାକୁ ପୁଞ୍ଜିକରି ଚଳିପାରିବା। ତେଣୁ ପ୍ରତ୍ୟେକ ଭାଷାପ୍ରେମୀ ଓ ବୁଦ୍ଧିଜୀବୀଙ୍କର ଦାୟିତ୍ୱ ହେଉଛି ଏ ଭାଷାକୁ ବଞ୍ଚାଇବା ସହ ଏହାର ପ୍ରଚାର, ପ୍ରସାର ଓ ବିକାଶରେ ଭାଗୀଦାରି ହେବା।

## ଟଙ୍କା ଆତ୍ମସାତ୍ ଅଭିଯୋଗରେ ବନପାଳ ନିଲମ୍ବିତ

ନବରଙ୍ଗପୁର, ୨୭।୬(ବି.ପ୍ର.)


ରାମଚନ୍ଦ୍ର ଜାନି

ବନ ବିଭାଗର ପୋଖରୀଖୋଳା ଦୁର୍ନୀତିରେ ଡାବୁଗାଁ ବନାଞ୍ଚଳ ଅଧୀନ ତତ୍କାଳୀନ ବନପାଳ ରାମଚନ୍ଦ୍ର ଜାନିଙ୍କୁ ନିଲମ୍ବନ କରାଯାଇଛି। ନବରଙ୍ଗପୁର ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ମଗର ଧନାଜି ରାଓସୋ ତାଙ୍କୁ ନିଲମ୍ବନ କରିଛନ୍ତି। ପୋଖରୀଖୋଳା ନ ହୋଇ ଅର୍ଥ ତୋସରପାତ ଅଭିଯୋଗ ଆସିବା ପରେ ଡିଏଫ୍‌ଓ ଏସିଏଫ୍‌ଓ ଧନୁର୍ଜ୍ୟୟ ମହାପାତ୍ରଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ରିପୋର୍ଟ ଆଧାରରେ ଡିଏଫ୍‌ଓ, ରାମଚନ୍ଦ୍ର ଜାନିଙ୍କୁ କାର୍ଯ୍ୟରୁ ନିଲମ୍ବନ କରି ନବରଙ୍ଗପୁର ବନାଞ୍ଚଳ ଅଧୀନରେ ଅବସ୍ଥାପିତ କରିଛନ୍ତି। ସେ ବର୍ତ୍ତମାନ କୋଡ଼ିଙ୍ଗା ବନାଞ୍ଚଳରେ କାର୍ଯ୍ୟ କରୁଥିଲେ। ସୂଚନା ଅନୁଯାୟୀ, କିଛି କାମ ନ କରି ଡାବୁଗାଁ ବନାଞ୍ଚଳ ଅଧୀନ ହାତୀବେଡା ପଞ୍ଚାୟତ ବଡ଼ପାଞ୍ଜିରିଆଗୁଡ଼ା ଗ୍ରାମରେ ପୋଖରୀ ଖୋଳାଯାଇଥିବା ଦର୍ଶାଇ ରାମଚନ୍ଦ୍ର ୧ ଲକ୍ଷ ୬ ହଜାର ୮୧୨ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗ ଆସିଥିଲା। ପ୍ରଥମ ପର୍ଯ୍ୟାୟରେ ବନପାଳ ନିଲମ୍ବିତ ହୋଇଥିବା ବେଳେ ଏଥିରେ ଯେଉଁମାନେ ସମ୍ପୃକ୍ତ, ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନବରଙ୍ଗପୁର ବନଖଣ୍ଡ ଅଧିକାରୀ କହିଛନ୍ତି।

## ଆଜି ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର, ୨୭।୬(ବ୍ୟୁରୋ)

**ବିଜେଡି ସହ ସମତାଳରେ ନିର୍ବାଚନ ଲଢ଼ିବାକୁ ଗୁରୁତ୍ୱ**

ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ସୋମବାର ଅନୁଷ୍ଠିତ ହେବ। କାର୍ଯ୍ୟକାରିଣୀ ବୈଠକ ଭର୍ଚୁଆଲ ମୋଡ୍‌ରେ ପୂର୍ବାହ୍ନ ୧୦ଟା ୪୫ରୁ ଆରମ୍ଭ ହୋଇ ୪ଟା ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି। ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକାରିଣୀରେ ପଞ୍ଚାୟତ ନିର୍ବାଚନ ନେଇ ଏଜେଣ୍ଡା ପାସ୍ ହେବ ବୋଲି ଦଳର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ଗତ ଶନିବାର ବିଜେଡି ପକ୍ଷରୁ ଜିଲା ପର୍ଯ୍ୟବେକ୍ଷକ ତାଲିକା ପ୍ରକାଶ ପାଇଥିବା ବେଳେ ସମତାଳରେ ଭାଜପା ମଧ୍ୟ କ୍ରିୟାଶୀଳ ହୋଇଥିବା ଦେଖିବାକୁ ମିଳିଛି। ସମାନଭାବେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ରାଜ୍ୟ ଭାଜପା ପକ୍ଷରୁ ପଞ୍ଚାୟତ ନିର୍ବାଚନ ନେଇ ଏକ କମିଟି ଗଠନ କରାଯାଇଛି।

ମିଳିଥିବା ସୂଚନା ମୁତାବକ, ରବିବାର ଭାଜପା ପକ୍ଷରୁ ଏକ ୱେବିନାର ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମୁଖ୍ୟତଃ ପଞ୍ଚାୟତ ନିର୍ବାଚନରେ ଦଳ କିପରି ପ୍ରସ୍ତୁତ ହେବ ସେ ନେଇ ଆଲୋଚନା କରାଯାଇଛି। ୱାର୍ଡକୁ ଏକକ କରି ନିର୍ବାଚନ ବୈତରଣୀ ପାର୍ ହେବା ଲାଗି ଭାଜପାର ୱେବିନାର୍‌ରେ ମୁଖ୍ୟ ନିଷ୍ପତ୍ତି ହୋଇଛି। ଏହାସହ କାର୍ଯ୍ୟକାରିଣୀ ଲାଗି ଚିଠା ପ୍ରସ୍ତାବ ପ୍ରସ୍ତୁତ କରିବା ଉପରେ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସମୀରଙ୍କ ନୂତନ ଟିମ୍ ପଞ୍ଚାୟତ ନିର୍ବାଚନରେ ମୁଖ୍ୟ ଭୂମିକା ନିର୍ବାହ କରିପାରନ୍ତି। ଗତଥର ପଞ୍ଚାୟତ ନିର୍ବାଚନରେ ଭାଜପା ପଶ୍ଚିମ ଓଡ଼ିଶାରେ ଭଲ ପ୍ରଦର୍ଶନ କରିପାରିଥିବା ବେଳେ ଏଥର ଅନ୍ୟ ସ୍ଥାନଗୁଡ଼ିକରେ କିପରି ସଫଳ ଭାବେ ବିଜେଡିକୁ ଚେକ୍ ଦେବ ସେ ନେଇ ପ୍ରସ୍ତୁତି ଚାଲିଛି। ଅନ୍ୟପଟେ ପ୍ରାର୍ଥୀ ଚୟନ ଲାଗି କେଉଁ ପ୍ରସଙ୍ଗକୁ ଗୁରୁତ୍ୱ ପ୍ରଦାନ କରାଯିବ ସେ ନେଇ ମଧ୍ୟ ବିଶେଷ ଆଲୋଚନା ହୋଇଥିବା ଜଣାପଡ଼ିଛି।




ଭୁବନେଶ୍ୱରରେ ରବିବାର ପୋଲିସ ଅଧିକାରୀମାନେ ପିସିଆର୍ ଭ୍ୟାନ୍‌ରେ ସହର ବୁଲି କୋଭିଡ୍ ନିୟମ ମାନିବା ପାଇଁ ଲୋକଙ୍କୁ ସଚେତନ ଓ ସତର୍କ କରାଉଛନ୍ତି।

# ସହର ବୁଲି ସଚେତନ କଲା କମିଶନରେଟ ପୋଲିସ

ଭୁବନେଶ୍ୱର, ୨୭।୬(ବ୍ୟୁରୋ)

**କୋଭିଡ୍ ନିୟମ ନ ମାନିଲେ କଠୋର କାର୍ଯ୍ୟାନୁଷ୍ଠାନ**

ରାଜ୍ୟରେ କରୋନା ସଂକ୍ରମଣ କମୁଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ଅମାନିଆଙ୍କ ପାଇଁ ଚିନ୍ତା ବଢ଼ିଛି। ରାସ୍ତାଘାଟ, ହାଟ ବଜାର ସବୁଠି ଭିଡ଼ ଜମାଉଥିବାରୁ ସହରରେ ପୁଣି ସଂକ୍ରମଣ ବଢ଼ିଯିବା ଆଶଙ୍କା ଦେଖାଦେଇଛି। ସମ୍ଭାବ୍ୟ ତୃତୀୟ ଲହରକୁ ଦୃଷ୍ଟିରେ ରଖି ରବିବାର ଶଟ୍‌ଡାଉନରେ ସହରର ଗଳିକନ୍ଦି ବୁଲି ଲୋକଙ୍କୁ ସଚେତନ କରିବା ସହ ଅମାନିଆଙ୍କୁ ସତର୍କ କରାଇଛି କମିଶନରେଟ ପୋଲିସ। ୩୦ରୁ ଅଧିକ ପିସିଆର ଭ୍ୟାନ ଧାଡ଼ି ହୋଇ ସାଇରନ୍ ବଜାଇ ପଇଁତରା ମାରିଥିଲା। ସମସ୍ତ ଜୋନ୍ ଏସିପି, ଅତିରିକ୍ତ ଏସିପି ଓ ଥାନାଧିକାରୀଙ୍କ ନେତୃତ୍ୱରେ ଏହି ନିଆରା ସଚେତନତା ରାଲି କରାଯାଇଥିଲା। ଡାକବାଜି ଯନ୍ତ୍ରରେ ପୋଲିସ ଅଧିକାରୀ ଲୋକଙ୍କୁ କରୋନା ସଂକ୍ରମଣରୁ ନିଜକୁ ସୁରକ୍ଷିତ ରଖିବାକୁ ସଚେତନ କରିଥିଲେ। ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ପାଳନ କରିବା, ଗାଡ଼ି ଧରି ନ ବୁଲିବା, ମର୍ଣ୍ଣିଂ ୱାକ୍ ଓ ଅତ୍ୟାବଶ୍ୟକ ଜିନିଷ କିଣିବା ଆଳରେ ଅଯଥା ଗହଳି ନ କରିବା, ଘରେ ସୁରକ୍ଷିତ ରହିବା ଆଦି ନେଇ କମିଶନରେଟ ପୋଲିସ ସଚେତନ କରିଥିଲା। ନିୟମ ନ ମାନିଲେ କଠୋର କାର୍ଯ୍ୟାନୁଷ୍ଠାନ ହେବ ବୋଲି କୁହାଯାଇଥିଲା।

## ଜଣେ ଓଡ଼ିଆଙ୍କୁ ଏତେ ସମ୍ମାନ ମିଳିବା ଗୌରବର କଥା: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୭।୬(ବ୍ୟୁରୋ)

**'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଗୁରୁପ୍ରସାଦଙ୍କୁ ଶ୍ରଦ୍ଧାଞ୍ଜଳି**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଦକ୍ଷ ପ୍ରଶାସକ ସ୍ୱର୍ଗତ ଗୁରୁପ୍ରସାଦ ମହାପାତ୍ରଙ୍କ କର୍ତ୍ତବ୍ୟ ଓ ପ୍ରତିବଦ୍ଧତାର ସ୍ମୃତିଚାରଣ ସହ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି କହିଛନ୍ତି। ନୂଆଦିଲ୍ଲୀରେ ନିଜ ସହଯୋଗୀଙ୍କ ସହ ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଶୁଣିବା ପରେ ଧର୍ମେନ୍ଦ୍ର କହିଛନ୍ତି, 'ମନ୍ କୀ ବାତ୍'ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଓଡ଼ିଶାର ସୁପୁତ୍ର ଗୁରୁପ୍ରସାଦ ମହାପାତ୍ରଙ୍କ ଭଳି କର୍ମଯୋଗୀଙ୍କ କଥା ଉଲ୍ଲେଖ କରାଯିବା ସମସ୍ତଙ୍କୁ ଗୌରବାନ୍ୱିତ କରିଛି। ହସ୍ପିଟାଲରେ ଚିକିତ୍ସାଧୀନ ଥିବା ସମୟରେ ମଧ୍ୟ ନିଷ୍ଠାର ସହ ଦେଶବାସୀଙ୍କୁ ଅକ୍ସିଜେନ୍ ପହଞ୍ଚାଇବାରେ ତାଙ୍କର କାର୍ଯ୍ୟ ଅତୁଳନୀୟ। କରୋନା ବିରୋଧୀ ଲଢ଼େଇରେ ଶାସନ, ପ୍ରଶାସନ, ଡାକ୍ତର ଏବଂ ଅନ୍ୟ ସମସ୍ତ ଲୋକମାନେ ନିଜ ନିଜ ସ୍ତରରେ ମୁଖ୍ୟ ଭୂମିକା ନିର୍ବାହ କରିଛନ୍ତି। ଗୁରୁପ୍ରସାଦ ମହାପାତ୍ର ତାଙ୍କର କର୍ତ୍ତବ୍ୟନିଷ୍ଠା ଓ ସମାଜ ପ୍ରତି ସମର୍ପଣ ଭାବ ପାଇଁ ସମସ୍ତଙ୍କ ପ୍ରେରଣାର ସ୍ରୋତ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ଇଣ୍ଡିଆ ଫାଷ୍ଟ, ଅମୃତ ମହୋତ୍ସବ, ଜଳ ଏବଂ ପରିବେଶ ସୁରକ୍ଷା, ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ସକାରାତ୍ମକ ଭୂମିକା ତଥା ଟୋକିଓରେ ଭାରତୀୟ କ୍ରୀଡ଼ାବିତଙ୍କ ମନୋବଳ ବଢ଼ାଇବା ଏବଂ ଚିୟର୍ସ ଫର ଇଣ୍ଡିଆ ଭଳି ଅଭିନବ ପ୍ରୟାସ ଉପରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଇଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

# ବଙ୍ଗ ନବାବମହଲ ଅଳଙ୍କାରରେ କୁଳତୁଙ୍ଗମାଢ଼

ଐତିହ୍ୟର ଓଡ଼ିଶା

ଡ. ସୁରେନ୍ଦ୍ର କୁମାର ମିଶ୍ର

ଇତିହାସରେ ବର୍ଣ୍ଣିତ ଅଛି ଗଜପତି ନରସିଂହ ଦେବ ଲକ୍ଷ୍ମଣାବତୀ ଆକ୍ରମଣ କରିବା ପରେ ବଙ୍ଗ ନବାବ ତୁଘ୍ରାନ ଖାଁ ପ୍ରାଣରକ୍ଷା କରିବାକୁ ପଳାୟନ କରିଥିଲେ। ବାୟାଚକଡ଼ା ପୋଥିରେ ଲେଖାଯାଇଛି 'ତୁଗଇନ୍ ଖାନ୍ ପୋଥି ବର୍ଣ୍ଣନା ଅନୁଯାୟୀ ତା' ମହଲ ବା ଉଆସକୁ ଓଡ଼ିଆ ସୈନ୍ୟ ପ୍ରବେଶ କରି ଚିକିନିଖି ଖୋଜାଖୋଜି କରିଥିଲେ। ନେତୃତ୍ୱ ନେଇଥିଲେ 'ଭୋଗିକ ଅମୃତ ଦଣ୍ଡାଧିକାରୀ ମଦନ ସୁନ୍ଦର ଦେବ।'

ନବାବଙ୍କ ମହଲରୁ ସମସ୍ତ ମୂଲ୍ୟବାନ୍ ଦ୍ରବ୍ୟ ପ୍ରଥମେ ସୈନ୍ୟମାନେ ଆଣି 'କୃତ୍ତିବାସ ଦଣ୍ଡପାଟ'ରେ ରଖିଥିଲେ। ସେଠାରୁ ଚାରୋଟି ହାତୀ ପିଠିରେ ଲଦି ଆଣିଲେ ପଦ୍ମକେଶର କୋଷାଗାରକୁ। ମନ୍ଦିରର ନାମ ପଦ୍ମକେଶର ମନ୍ଦିର, ତେଣୁ ନିର୍ମାଣ ସମୟରେ ସେଠାରେ ଯେଉଁ କୋଷାଗାର ଅର୍ଥାତ୍ ଆଜିକା ଭାଷାରେ 'ଟ୍ରେଜେରୀ' ତା'ର ନାମ ହୋଇଥିଲା ପଦ୍ମକେଶର କୋଷାଗାର, ସାକିନ-କୋଣାର୍କ।

କୋଣାର୍କରେ ହାତୀ ପହଞ୍ଚିଲେ ୬୬୨ ସାଲ ମାର୍ଗଶିର ଶୁକ୍ଳ ଏକାଦଶୀ ଦିନ ଅର୍ଦ୍ଧରାତ୍ରିରେ। ଏଇଠି ସମ୍ଭାବନା ହୁଏ ଲକ୍ଷ୍ମଣାବତୀ ମହଲରୁ ଧନରତ୍ନ ଓ ସୁନା ରୁପା ପ୍ରଭୃତି ପ୍ରଥମେ ଆସି କୃତ୍ତିବାସ ଦଣ୍ଡପାଟର କୋଷାଗାରରେ ରଖିଥିଲେ। ଆବଶ୍ୟକ ଅନୁଯାୟୀ ପାଖାପାଖି ଦଶବର୍ଷ ପରେ ପଦ୍ମକେଶର କୋଷାଗାରକୁ ଅଣାଯାଇଥିଲା। ରାତିରେ କୋଷାଗାର ବନ୍ଦ ଥିଲା। ତିନି ଜଣ ପାଇକ ସୁରକ୍ଷା ଦାୟିତ୍ୱରେ ଥିଲେ। ଶ୍ରୀ ଧାରସିଂହ ହାତୀ ପିଠିରେ ଆସିଥିବା ଦ୍ରବ୍ୟକୁ ଗ୍ରହଣ କରିଥିଲେ। ପୋଥି ଅନୁଯାୟୀ ତା'ର ତାଲିକା ହେଲା-

**୧. ବଙ୍କା ଲେଖା ମାଢ଼- ସୁନାର ମୋଗଲମୁଦ୍ରା- ୬୦୦୦ କୁରୁଜାତକା।**
**୨. କୁଳତୁଙ୍ଗ ଗେଡ଼ି-୦୮ ରତିର ଛୋଟ ସୁନାମୁଦ୍ରା- ୩୭,୦୦୦।**
**୩. ଗୁନ୍ଥା ହୋଇଥିବା ଗୋଲାକାର କଡ଼ାର ଚେନ୍- ୨୭ଟି।**
**୪. ବହୁ ମୂଲ୍ୟବାନ୍ ପଥର ଥିବା ପଗଡ଼ି ଅଳଙ୍କାର- ୧୨ଟି।**
**୫. ସୁନାବେଷ୍ଟ ଲଗା ଅଳଙ୍କାର ଗୁଚ୍ଛା- ୧୨୩ ମାଢ଼।**
**୬. ବାଘ ମାର୍କା ଛୁରି-ସୁନାର ବେଷ୍ଟ ଲାଗିଥିଲା, ଭିତରପଟେ ମାଣିକ୍ୟ ଓ ମୁକ୍ତା ଲାଗିଥିଲା- ୧୮ ମାଢ଼।**
**୭. ରୁପା ଇଟା - ୩୨୭ ଭିସା, ୦୩ ପଳା।**

ଏଥିମଧ୍ୟରୁ ବାଘମାର୍କା ଛୁରିଟି ଶ୍ରୀପୁରୁଷୋତ୍ତମ କୋଷାଗାରକୁ ପରେ ପଠାଯାଇଥିଲା। ଛଅ ହଜାର କୁରୁଜାତକ ଗଜପତିଙ୍କ ଆଦେଶରେ ତରଳାଗଲା। ସେଇ ସୁନାରେ ୨,୪୩୧ଟି କୁଳତୁଙ୍ଗମାଢ଼ ନିର୍ମାଣ ହେବାକୁ ସ୍ଥିର ହୋଇଥିଲା। ସେଥିପାଇଁ ହାରୁ ପାଇକ ଓ ଭଣ୍ଡାର ନିକାପ କୁରୁଜାତକ ସବୁ ନେଇ ବିଡ଼ାନାସୀ ଦୁର୍ଗକୁ ଯାଇଥିଲେ। ସେଠାରୁ କୁଳତୁଙ୍ଗମାଢ଼ ପ୍ରସ୍ତୁତ ହୋଇ ଆସିବା ପରେ ଶିଳ୍ପୀମାନଙ୍କୁ ପାରିଶ୍ରମିକ ଦିଆଯାଇଥିଲା।


ଏମାର ମଠରୁ ଉଦ୍ଧାର ରୁପା ଇଟା। **(ଫାଇଲ ଫଟୋ)**

ପୋଥିରେ ୬୬୨ ସାଲ ବ୍ୟବହାର ହୋଇଅଛି। ଓଡ଼ିଶାରେ ପ୍ରାଚୀନକାଳରୁ ୪୯ଟି କାଳଗଣନା ବିଧି ରହିଛି। ତା' ମଧ୍ୟରେ 'ସାଲ' ଅନ୍ୟତମ। ଅନେକ ପୋଥିରେ 'ସ୍ନ' ବା 'ସ୍ଲା' ଲେଖାଯାଇଛି। ଯାକୁ 'ସାଲ' ବୋଲି ବୁଝିବାକୁ ହୁଏ। 'ସାଲ'ର ପ୍ରଚଳନ ରାଜା ଯଯାତି କେଶରୀ କରିଥିଲେ। ଭାଦ୍ରମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି ଅର୍ଥାତ୍ ସୁନିଆଁ ଦିନ ଏହା ପ୍ରଚଳନ ହୋଇଥିଲା। ରାଜା ଯଯାତି କେଶରୀ (୧ମ) ଯେଉଁ ବର୍ଷ ପ୍ରଚଳନ କରିଥିଲେ, ତାହା ୫୯୩ ମସିହା ବୋଲି ସ୍ଥିର ହୋଇଛି। ତେଣୁ ୬୬୨ ସାଲ କହିଲେ ୧୨୫୫ ମସିହା ହେବ।

ଅଠରମାଢ଼ର ବାଘମାର୍କା ଛୁରି, ଯାହାର ବେଷ୍ଟ ସୁନାରେ ନିର୍ମିତ ହୋଇଥିଲା ଓ ଭିତରପଟେ ମାଣିକ୍ୟ ଆଉ ମୁକ୍ତା ଲାଗିଥିଲା, ତାହା ପୁରୁଷୋତ୍ତମ କୋଷାଗାରକୁ ଆସିଥିଲା। ପୁରୁଷୋତ୍ତମରେ ଥିବା ରାଜନଅରକୁ କି ପୁରୁଷୋତ୍ତମ ଦେଉଳ କୋଷାଗାରକୁ ଆସିଥିଲା ତାହାର ସ୍ପଷ୍ଟ ଉଲ୍ଲେଖ ନାହିଁ। ଯଦି ଏହା ପୁରୁଷୋତ୍ତମ ଦେଉଳ କୋଷାଗାରକୁ ଆସିଥିବ, ତେବେ ତାହାର ସୂଚନା ମିଳନ୍ତା। ମହାପ୍ରଭୁଙ୍କ ଭିତର ରତ୍ନଭଣ୍ଡାରରେ ଗଚ୍ଛିତ ଥିବା ଏବଂ ବ୍ୟବହୃତ ହେଉ ନ ଥିବା ଅଳଙ୍କାର ତାଲିକା ସଂଖ୍ୟା ୫୧୮। ତା' ମଧ୍ୟରେ ବାଘମାର୍କା ଛୁରି ତାଲିକାଭୁକ୍ତ ନାହିଁ। ବାହାର ରତ୍ନଭଣ୍ଡାରରେ ଥିବା ଏବଂ ବ୍ୟବହୃତ ହେଉଥିବା ୧୧୮ ପ୍ରକାରର ଅଳଙ୍କାର ଓ ସାଜ (ସୁନାଖଡ଼ିକା ସମେତ) ମଧ୍ୟରେ ବାଘମାର୍କା ଛୁରି ନାହିଁ। ଅବଶ୍ୟ ଏହା ୧୯୭୮ ମସିହାରେ ପ୍ରସ୍ତୁତ ଶ୍ରୀଜଗନ୍ନାଥ ମନ୍ଦିର ରତ୍ନଭଣ୍ଡାର ତାଲିକା। ହେଇପାରେ, ସେତେବେଳେ ରାଜନଅରକୁ ଯାଇଥିବ କିମ୍ବା ମହାପ୍ରଭୁଙ୍କର ତାଲିକାଭୁକ୍ତ ନ ହୋଇଥିବା ଅଳଙ୍କାର ମଧ୍ୟରେ ରହିଥିବ।

CLASSIFIED DISPLAY

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

ଲୋନ୍ ଧମାକା
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
(ଢେଙ୍କାନାଳ)
9999268493, 7310635591
Whatsapp No.: 9953557897

»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଲେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି
ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଥାଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଳୀ
9520764524

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9911436726
8800979262

ALL EDITION - B/W
(Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପୁରୁଣା ଲୋକଙ୍କୁ ପୁଣି ଠିକା ଚକ୍ରାନ୍ତ

■ ଯୋଗାଣ ବିଭାଗ ଟେଣ୍ଡରକୁ ନେଇ ଆପତ୍ତି
■ ଫିକ୍ସିଂ ଅଭିଯୋଗ ଆଣିଲେ କେତେଜଣ ଆଶାୟୀ
■ ନିୟମରେ କରାଯାଇଛି କହିଲେ ବିଭାଗୀୟ ଅଧିକାରୀ



ଅନୁଗୋଳ ଜିଲା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ କାର୍ଯ୍ୟାଳୟ।

ଅନୁଗୋଳ ଅଫିସ, ୨୭।୬

ଅନୁଗୋଳ ଜିଲାର ୮ଟି ବ୍ଲକରେ ଥିବା ଡିଲରମାନଙ୍କ ନିକଟରେ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ରେ ଚାଉଳ ଓ ଗହମ ପହଞ୍ଚାଇବାକୁ ଜିଲା ଯୋଗାଣ ବିଭାଗ ପକ୍ଷରୁ ଠିକାଦାର (ଏଲ୍-୨ କଣ୍ଟ୍ରାକ୍ଟର) ନିଯୁକ୍ତି ନିମନ୍ତେ ହୋଇଥିବା ଟେଣ୍ଡରକୁ ନେଇ ଉଠିଛି ଆପତ୍ତି। ଏପରି କି ଏଥିରେ ଫିକ୍ସିଂ କରାଯାଇଥିବା କେତେଜଣ ଆଶାୟୀ ଅଭିଯୋଗ କରିଛନ୍ତି। ପ୍ରତିବର୍ଷ ନୂଆ ଠିକାଦାର ଚୟନ କରାଯିବାର ନିୟମ ଥିଲେ ମଧ୍ୟ ବିଭାଗ ପକ୍ଷରୁ ଏହାକୁ ଅଣଦେଖା କରାଯାଇ ଚଳିତବର୍ଷ ପୁରୁଣା କଣ୍ଟ୍ରାକ୍ଟରଙ୍କୁ ପୁଣି ଦାୟିତ୍ୱ ଅର୍ପଣ କରାଯିବାକୁ ଚକ୍ରାନ୍ତ ହୋଇଥିବା ଅଭିଯୋଗ ହେଉଛି। ତେବେ ଜିଲା ଯୋଗାଣ ବିଭାଗ ପକ୍ଷରୁ ଏହାକୁ ଖଣ୍ଡନ କରାଯିବା ସହ କୌଣସି ଅନିୟମିତତା ହୋଇ ନ ଥିବା କୁହାଯାଇଛି।

ଅଭିଯୋଗ ମୁତାବକ, ଜିଲା ଯୋଗାଣ ବିଭାଗର ବିଭିନ୍ନ ଗୋଦାମରୁ ପ୍ରାୟ ୧ ଲକ୍ଷ କୁଇଣ୍ଟାଲ ଚାଉଳ ଓ ଗହମ ଏଲ୍-୨ କଣ୍ଟ୍ରାକ୍ଟରମାନେ ଡିଲରମାନଙ୍କ ପର୍ଯ୍ୟନ୍ତ ପରିବହନ କରିଥାନ୍ତି। ସେହିପରି ଗୋଦାମରୁ ଗାଡ଼ିରେ ଲୋଡ୍ ଓ ଅନ୍‌ଲୋଡ୍ କରିବାକୁ ଥିବା ଶ୍ରମିକ ଯୋଗାଇବାକୁ ଅନ୍ୟ କଣ୍ଟ୍ରାକ୍ଟର (ହ୍ୟାଣ୍ଡଲିଙ୍ଗ) ମଧ୍ୟ ନିଯୁକ୍ତ ହୋଇଥାନ୍ତି। ସରକାରଙ୍କ ନିୟମ ଅନୁଯାୟୀ ଏଭଳି ଟେଣ୍ଡର ନିମନ୍ତେ ଦୁଇଟି ଓଡ଼ିଆ ଓ ଗୋଟିଏ ଇଂଲିଶ ଖବରକାଗଜରେ ବିଜ୍ଞାପନ ପ୍ରକାଶ କରାଯିବା କଥା। କିନ୍ତୁ ଚଳିତବର୍ଷ ଅନୁଗୋଳ ଯୋଗାଣ ବିଭାଗ ପକ୍ଷରୁ କୌଣସି ଖବରକାଗଜରେ ବିଜ୍ଞାପନ ଦିଆଯାଇ ନାହିଁ। ସାଧାରଣରେ ନୋଟିସ୍ ମଧ୍ୟ କରାଯାଇ ନାହିଁ। କେବଳ ଅନ୍‌ଲାଇନ୍‌ରେ ବିଜ୍ଞାପନ ଛଡ଼ାଯାଇଥିବାରୁ ଟେଣ୍ଡର ପକାଇବାକୁ ଆଶାୟୀ ଥିବା ବହୁ ବ୍ୟକ୍ତି ଏହି ପ୍ରକ୍ରିୟାରେ ଭାଗ ନେଇପାରି ନାହାନ୍ତି। ଏପରି କି କୋରିଜେଣ୍ଡମ ମଧ୍ୟ ଅନ୍‌ଲାଇନ୍‌ରେ ଦିଆଯାଇଛି। ୧୩ ମେ ୨୦୨୧ରେ ଅନ୍‌ଲାଇନ୍‌ରେ ବିଜ୍ଞାପନ ଦିଆଯାଇଥିବା ବେଳେ ୨୩ ଜୁନ ୨୦୨୧ରେ ଏହାକୁ ଖୋଲାଯାଇଛି। ପୁରୁଣା ଠିକାଦାରମାନଙ୍କୁ ପୁନର୍ବାର ନିଯୁକ୍ତି ନିମନ୍ତେ ବିଭାଗର କେତେଜଣ ଅସାଧୁ କର୍ମଚାରୀ ଏଭଳି କାର୍ଯ୍ୟ କରୁଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି। ସେହିପରି ପୂର୍ବରୁ କାର୍ଯ୍ୟ ନେଇଥିବା ଠିକାଦାର କିମ୍ବା ସେମାନଙ୍କ ପରିବାର ଲୋକ ବିଭାଗ ପକ୍ଷରୁ ଦିଆଯାଉଥିବା ଏଲ୍-୨, ହ୍ୟାଣ୍ଡଲିଙ୍ଗ, ମିଲର ଓ ଏମ୍‌ଡିଏମ୍ ଆଦି ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ ନାହିଁ ବୋଲି ନିୟମ ରହିଛି। କିନ୍ତୁ ଚଳିତବର୍ଷ ଯେଉଁ ୮ ଜଣ ଠିକାଦାରଙ୍କୁ ଦାୟିତ୍ୱ ଦେବାକୁ ଚକ୍ରାନ୍ତ ହେଉଛି, ସେମାନେ ପୂର୍ବରୁ କାର୍ଯ୍ୟ କରୁଛନ୍ତି। ଏପରି କି ଏଯାଏ ସେମାନେ ଇସ୍ତଫା ମଧ୍ୟ ଦେଇନାହାନ୍ତି। ତେଣୁ ୨୦୨୧-୨୨ ବର୍ଷ ପାଇଁ ଚାଉଳ ଓ ଗହମ ପରିବହନ କରିବାକୁ ଏହି ପୁରୁଣା କଣ୍ଟ୍ରାକ୍ଟରମାନେ କିପରି ଯୋଗ୍ୟ ବିବେଚିତ ହେଉଛନ୍ତି ତାହାକୁ ନେଇ ଅନ୍ୟ ଆଶାୟୀମାନେ ପ୍ରଶ୍ନ ଉଠାଇଛନ୍ତି।

### କୌଣସି ଫିକ୍ସିଂ ହୋଇନାହିଁ



"ଯୋଗାଣ ବିଭାଗ ପକ୍ଷରୁ କରାଯାଇଥିବା ଟେଣ୍ଡରରେ କୌଣସି ଫିକ୍ସିଂ ହୋଇନାହିଁ। ସରକାରଙ୍କ ସମସ୍ତ ନିୟମ ପାଳନ କରାଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ଖବର କାଗଜରେ ବିଜ୍ଞାପନ ବାହାର କରିବାକୁ ଦିଆଯାଇଥିଲା। କିନ୍ତୁ କେଉଁଥିରେ ଏହା ପ୍ରକାଶିତ ହୋଇଛି ଜାଣିନାହିଁ। ନୂଆ ଲୋକଙ୍କୁ ମଧ୍ୟ ଟେଣ୍ଡର ପ୍ରଦାନ କରାଯାଇଛି।

-ଶ୍ରୀନିବାସ ମିଶ୍ର, ଜିଲା ସହକାରୀ ଯୋଗାଣ ଅଧିକାରୀ, ଅନୁଗୋଳ

### ବିଭାଗରେ ପ୍ରିୟାପ୍ରୀତି ତୋଷଣ ଚାଲିଛି

"ଯୋଗାଣ ବିଭାଗରେ ପ୍ରିୟାପ୍ରୀତି ତୋଷଣ ଚାଲିଛି। ସେଥିପାଇଁ କୌଣସି ଖବର କାଗଜରେ ବିଜ୍ଞାପନ ଦିଆଯାଇ ନାହିଁ। ବାରମ୍ବାର ଅନ୍‌ଲାଇନ୍‌ରେ କୋରିଜେଣ୍ଡମ ବାହାର କରି କେତେବେଳେ ଟେଣ୍ଡର ସାରିଦେଲେ ଜଣାପଡ଼ିଲା ନାହିଁ। ପୁରୁଣା ଲୋକଙ୍କୁ ଟେଣ୍ଡର ଦେବାକୁ ଏପରି ଚକ୍ରାନ୍ତ କରାଯାଇଛି।

-ତପନ ପ୍ରଧାନ, ଟେଣ୍ଡର ଆଶାୟୀ, ଅନୁଗୋଳ

### ପୂର୍ବରୁ ଅନିୟମିତତା ଚାଲି ଆସିଛି



"ବିଭିନ୍ନ ସମୟରେ ଯୋଗାଣ ବିଭାଗ ପକ୍ଷରୁ କରାଯାଇଥିବା ଟେଣ୍ଡରରେ ଅନିୟମିତତା ହୋଇଛି। ପୁରୁଣା ଠିକାଦାରଙ୍କ ଠାରୁ ଲାଭାନ୍ୱିତ ହେଉଥିବା କେତେଜଣ କର୍ମଚାରୀ ଏପରି ଭାବେ ସରକାରୀ ନିୟମ ପାଳନ କରୁନାହାନ୍ତି। ଏ ନେଇ ଜିଲାପାଳ ହସ୍ତକ୍ଷେପ କରିବା ଆବଶ୍ୟକ।

-ରଶ୍ମିରଞ୍ଜନ ସାହୁ, ଯୁବନେତା, ଅନୁଗୋଳ


### ଅନ୍‌ଲାଇନ୍‌ରୁ ଦେଖି ଆବେଦନ କରିଛୁ

"ଯୋଗାଣ ବିଭାଗ ପକ୍ଷରୁ ଅନ୍‌ଲାଇନ୍‌ରେ ଦିଆଯାଇଥିବା ଏଲ-୨ ଟେଣ୍ଡର ଦେଖି ଆବେଦନ କରିଥିଲି। ବିଭିନ୍ନ ସମୟରେ ଯେଉଁ ବିଜ୍ଞାପନ ଅନ୍‌ଲାଇନ୍‌ରେ ପ୍ରକାଶ ପାଉଛି, ତାହା ଦେଖିବା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି। ବର୍ତ୍ତମାନ ଯୋଗାଣ ବିଭାଗର ଏଲ-୨ କଣ୍ଟ୍ରାକ୍ଟର ଭାବେ କାର୍ଯ୍ୟ କରୁଛି।

-ସୁଧୀର ରଞ୍ଜନ ସାହୁ, ଟେଣ୍ଡର ପାଇଥିବା କଣ୍ଟ୍ରାକ୍ଟର

## ସଂକ୍ଷେପରେ

### ପୁଣି ବାହାରିଲେ ୭୩ ଆକ୍ରାନ୍ତ



ଢେଙ୍କାନାଳ ଅଫିସ, ୨୭।୬: ଢେଙ୍କାନାଳ ଜିଲାରୁ ରବିବାର ୭୩ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୭୮ ଜଣ ସୁସ୍ଥ ହୋଇଛନ୍ତି। ସଂକ୍ରମିତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳରୁ ସର୍ବାଧିକ ୨୪ ଜଣ ରହିଛନ୍ତି। ଏଥିସହ ସଦର ବ୍ଲକରୁ ୧୪, ଓଡ଼ାପଡ଼ା ବ୍ଲକରୁ ୮, ଗଁଦିଆ ବ୍ଲକରୁ ୭, କାମାକ୍ଷାନଗର ବ୍ଲକରୁ ୬ ଏବଂ ଏନ୍‌ଏସିରୁ ୧, ପରଜଙ୍ଗ ବ୍ଲକରୁ ୫, ହିନ୍ଦୋଳ ବ୍ଲକରୁ ୪, ଭୁବନ ଏନ୍‌ଏସିର ୧ ଏବଂ ବିଭିନ୍ନ ଚିକିତ୍ସାଳୟରୁ ୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଜିଲାରେ ମୋଟ ୭୨୦ ସକ୍ରିୟ ମାମଲା ରହିଥିବା ବେଳେ ଅଦ୍ୟାବଧି କରୋନାରେ ୫୮ ଜଣଙ୍କ ମୃତ୍ୟୁ ଘଟିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### କୁକୁରକୁ ପିଟି ମାରିଦେଲେ, ଥାନାରେ ମାମଲା

ଢେଙ୍କାନାଳ ଅଫିସ, ୨୭।୬: ଢେଙ୍କାନାଳ ସହର ଉପକଣ୍ଠ ଶ୍ୟାମାଚରଣପୁର ଅଞ୍ଚଳର ଜଣେ ବ୍ୟକ୍ତି ଏକ ବୁଲା କୁକୁରକୁ ପିଟି ପିଟି ମାରି ଦେଇଥିବା ନେଇ ରବିବାର ଟାଉନ ଥାନାରେ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଅଭିଯୁକ୍ତଙ୍କ ନାମରେ ବଜରଙ୍ଗ କ୍ଲବ ପକ୍ଷରୁ ନଂ. ୨୪୮/୨୧ରେ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଥିବା ଥାନାଧିକାରୀ ନମିତା ନାୟକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସମ୍ପୃକ୍ତ ବ୍ୟକ୍ତି କୁକୁରକୁ ନିସ୍ତୁକ ପିଟିଥିଲେ। ଗୁରୁତର ଅବସ୍ଥାରେ ରାସ୍ତାରେ ପଡ଼ିଥିବାବେଳେ କୁକୁରକୁ ଉଦ୍ଧାର କରି ବଜରଙ୍ଗ କ୍ଲବ ସଦସ୍ୟମାନେ ଚିକିତ୍ସା କରାଇଥିଲେ। ତେବେ ଆଭ୍ୟନ୍ତରୀଣ ଅଙ୍ଗରେ ଗୁରୁତର କ୍ଷତ ସୃଷ୍ଟି ହୋଇଥିବାରୁ ତାକୁ ବଞ୍ଚାଇବା ସମ୍ଭବ ହୋଇ ନ ଥିଲା।

### ଜିଲା ଭାଜପା ସଭାପତିଙ୍କ ମାତୃ ବିୟୋଗ

ଅନୁଗୋଳ ଅଫିସ, ୨୭।୬: ଅନୁଗୋଳ ଜିଲା ଭାଜପା ସଭାପତି ଦିଲେଶ୍ୱର ପ୍ରଧାନଙ୍କ ମା' ଉର୍ବଶୀ ପ୍ରଧାନ (୮୨)ଙ୍କ ରବିବାର ସକାଳେ ଟାଇଁସିସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ଖବରପାଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକାଶ କରିବା ସହ ଫୋନ ଯୋଗେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଛନ୍ତି। ସେହିପରି ରାଜ୍ୟ ସଭାପତି ସମୀର ମହାନ୍ତି, ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଅଶୋକ ମହାନ୍ତି, ଅଗସ୍ତି ବେହେରା, ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ ପ୍ରମୁଖ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଜିଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା, ମିଡିଆସେଲ ସଂଯୋଜକ ପର୍ଶୁରାମ ବାରିକ, ସହ ସଂଯୋଜକ ସମୀର ପରିଡା, ଯୁବମୋର୍ଚ୍ଚା ସଭାପତି ସୁଦୀପ୍ତ ସ୍ୱାଇଁ, ମହିଳା ମୋର୍ଚ୍ଚା ସଭାନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନ, ଚୋଧୁରୀ ପ୍ରଧାନ, ଚିତ୍ତରଞ୍ଜନ ମେହେର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ପ୍ରଧାନ ଶିକ୍ଷକଙ୍କ ପରଲୋକ

ବଇଣ୍ଡା,୨୭।୬(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ନୂଆଁଗା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଗନ ବିହାରୀ



ପ୍ରଧାନ(୫୦)ଙ୍କ ଶୁକ୍ରବାର ମୃତ୍ୟୁ ହୋଇଛି। ସେ କରୋନାରେ ସଂକ୍ରମିତ ଥିଲେ। ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ବ୍ଲକ ଶିକ୍ଷକ ସଂଘ କାର୍ଯ୍ୟକାରୀ ସମ୍ପାଦକ ସୁଧାଂଶୁ ଭୂଷଣ ନାୟକ ସୂଚନା ଦେଇଛନ୍ତି। ଗଗନଙ୍କ ଘର ଛେଣ୍ଡିପଦା ଥାନା କୁଞ୍ଜବିହାରୀପୁର ଗ୍ରାମରେ। କରୋନାରେ ଆକ୍ରାନ୍ତ ପରେ ତାଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ସେଠାରୁ ଭୁବନେଶ୍ୱର ପଠାଯାଇଥିଲା। ତାଙ୍କ ପରଲୋକଙ୍କୁ ନେଇ ଶିକ୍ଷକ ସଂଘ ତରଫରୁ ଶୋକ ପ୍ରକାଶ ପାଇଛି। ପ୍ରଧାନ ଶିକ୍ଷକଙ୍କ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

■ ଆତ୍ମହତ୍ୟା ବୋଲି କହିଲେ ଶାଶୁଘର ଲୋକେ
■ ଯୌତୁକ ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ

କାମାକ୍ଷାନଗର, ୨୭।୬(ଡି.ଏନ.ଏ.)

ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ଅନ୍ତର୍ଗତ ନୂଆ ବୁଢ଼ୀବିଲି ଗ୍ରାମର ଦୁଷ୍ମନ୍ତ ଦାସଙ୍କ ସ୍ତ୍ରୀ ରୁନି ଦାସଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ରବିବାର ଅପରାହ୍ନରେ ପୋଲିସ ଜବତ କରିଛି। ପାରିବାରିକ କଳହରୁ ସେ ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ କହୁଥିବାବେଳେ ଯୌତୁକ ପାଇଁ ତାଙ୍କୁ ହତ୍ୟା କରାଯାଇଥିବା ମୃତ ମହିଳାଙ୍କ ବାପା ବାଉରୀବନ୍ଧୁ ଦାସ ଥାନାରେ ଅଭିଯୋଗ କରିଛନ୍ତି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ଅନୁଯାୟୀ, କଣିହାଁ ବ୍ଲକ ତାଳପଦା ଗ୍ରାମର ବାଉରୀବନ୍ଧୁଙ୍କ ଝିଅ ରୁନିଙ୍କ ପ୍ରଥମ ବିବାହ ୧୦ ବର୍ଷ ତଳେ ଶ୍ରୀକାନ୍ତ ଦାସଙ୍କ ସହିତ ବୈଦିକ ରୀତିରେ ହୋଇଥିଲା। ୨ବର୍ଷ ତଳେ ଶ୍ରୀକାନ୍ତଙ୍କ ମୃତ୍ୟୁ ହୋଇଯିବା ପରେ ତାଙ୍କ ସାନ ଭାଇ ଦୁଷ୍ମନ୍ତଙ୍କୁ ରୁନି ଦ୍ୱିତୀୟ ବିବାହ କରିଥିଲେ। ତେବେ ରବିବାର ଶୋଇବା ଘରୁ ଝୁଲନ୍ତା ଅବସ୍ଥାରେ ତାଙ୍କର ମୃତଦେହ ମିଳିଥିଲା। ଏ ସଂକ୍ରାନ୍ତରେ ଶାଶୁଘର ଲୋକେ ପୋଲିସ ଏବଂ ବାପଘର ଲୋକଙ୍କୁ ଜଣାଇଥିଲେ। ତେବେ ଝିଅକୁ ଶାଶୁଘର ଲୋକେ ହତ୍ୟା କରିଥିବା ବାଉରୀବନ୍ଧୁ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ନଂ. ୯୦/୨୧ ରେ ମାମଲା ରୁଜୁ ହୋଇଥିବା ତୁମୁସିଙ୍ଗା ଥାନାଧିକାରୀ ଆଶିଷ କୁମାର ଜେନା ସୂଚନା ଦେଇଛନ୍ତି।

## ବିଦ୍ୟୁତ୍‌ଲତା, ସାଗରିକା ସଭାନେତ୍ରୀ

ଅନୁଗୋଳ / ଢେଙ୍କାନାଳ ଅଫିସ, ୨୭।୬


ସାଗରିକା ମିଶ୍ର


ବିଦ୍ୟୁତ୍‌ଲତା ପ୍ରଧାନ

ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତି କ୍ରମେ ଅନୁଗୋଳ ଜିଲା ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଭାବେ ବିଦ୍ୟୁତଲତା ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଛି। ବିଦ୍ୟୁତ୍‌ଲତାଙ୍କ ଘର କିଶୋରନଗର ବ୍ଲକ ନାକଚି ଗ୍ରାମରେ। ଆଗାମୀ ଦିନରେ ଜିଲା ସଙ୍ଗଠନକୁ ସୁଦୃଢ଼ ଓ ମିଶନ ଶକ୍ତି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଉଦ୍ୟମ କରିବେ ବୋଲି ବିଦ୍ୟୁତ୍‌ଲତା ପ୍ରକାଶ କରିଛନ୍ତି। ଏହି ଦାୟିତ୍ୱ ପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଜୁ ମହିଳା ଜନତା ଦଳର ରାଜ୍ୟ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ରାଜ୍ୟ ସଭାନେତ୍ରୀ ପ୍ରମିଳା ମଲ୍ଲିକ, ଜିଲା ପର୍ଯ୍ୟବେକ୍ଷକ ପୁଷ୍ପାଞ୍ଜଳୀ ରାଣା, ଏମ୍‌ପି ମହେଶ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନଳିନୀକାନ୍ତ ପ୍ରଧାନ, ସମସ୍ତ ବିଧାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି ଢେଙ୍କାନାଳ ଜିଲା ମହିଳା ବିଜେଡି ସଭାନେତ୍ରୀ ଭାବେ ସାଗରିକା ମିଶ୍ର ନିଯୁକ୍ତି ପାଇଛନ୍ତି। ତୃଣମୂଳସ୍ତରରୁ ଦଳର ମହିଳା ସଙ୍ଗଠନକୁ ସୁଦୃଢ଼ କରିବା ଲାଗି ଉଦ୍ୟମ କରିବେ ବୋଲି ସାଗରିକ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଏଥିଲାଗି ସେ ଦଳୀୟ ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ମହିଳା ବିଜେଡି ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର ସାମଲ, ଡା. ନୃସିଂହ ଚରଣ ସାହୁ, ବିଧାୟିକା ସୀମାରାଣୀ ନାୟକ ଏବଂ ଜିଲା ପର୍ଯ୍ୟବେକ୍ଷକ ବିଜୟ ନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ଭାଉଜଙ୍କୁ ମାଡ଼ ମାରି ଦିଅର ଗିରଫ

ଅନୁଗୋଳ ଅଫିସ, ୨୭।୬

ଅନୁଗୋଳ ସଦର ଥାନା ନୂଆସାହିରେ ପାରିବାରିକ ଗଣ୍ଡଗୋଳ ଘଟିଥିବା ଥାନାରେ ଅଭିଯୋଗ ହୋଇଛି। ଭାଉଜଙ୍କୁ ମାଡ଼ ମାରିବା ଅଭିଯୋଗରେ ନୂଆସାହିର ମଣ୍ଟୁ ପ୍ରଧାନ ଗିରଫ ହୋଇଛନ୍ତି। ସଦର ଥାନା ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଗତ ୨୨ ତାରିଖରେ ମଣ୍ଟୁ ମକା ଲଗାଇବାକୁ ବାଡ଼ିପଟେ ଜମି ସଫା କରୁଥିଲେ। ଜମିରୁ ବାହାରୁଥିବା ଅଳିଆ ସବୁକୁ ନେଇ ଭାଇଙ୍କ ଘର ପଛ ପାର୍ଶ୍ୱରେ ପକାଉଥିଲେ। ଏ ନେଇ ଭାଉଜ ସରୋଜିନୀ ପ୍ରଧାନ ପ୍ରତିବାଦ କରିଥିଲେ। ଅଳିଆ ସେଠାରେ ନ ପକାଇବାକୁ ସେ ମଣ୍ଟୁଙ୍କୁ ବାରଣ କରିଥିଲେ। ଏହାକୁ ନେଇ ଦିଅର ଓ ଭାଉଜଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ମଣ୍ଟୁ ଉତ୍‌କ୍ଷିପ୍ତ ହୋଇ ଭାଉଜଙ୍କୁ ମାଡ଼ ମାରିଥିଲେ। ଏ ନେଇ ଭାଉଜ ସରୋଜିନୀ ସଦର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ମଣ୍ଟୁଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ସୂତ୍ରରୁ ସୂଚନା ପ୍ରଦାନ କରାଯାଇଛି।

## ନୂଆ ପଞ୍ଚାୟତ ଗଠନ ନ ହେଲେ ଆନ୍ଦୋଳନ


୧୨ ଗ୍ରାମବାସୀ ଏକ ବୈଠକ କରୁଛନ୍ତି।

ଆଠମଲ୍ଲିକ,୨୭।୬(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ନୂଆଗଡ଼ ସମେତ ଏହାର ଆଖପାଖ ୧୨ ଗ୍ରାମକୁ ମିଶାଇ ଏକ ନୂଆ ପଞ୍ଚାୟତ ଗଠନ କରିବାକୁ ଦାବି ହୋଇଛି। ଶନିବାର ଏ ନେଇ ୧୨ ଗ୍ରାମବାସୀ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଗ୍ରାମବାସୀ ଦର୍ଶାଇଛନ୍ତି, ଆଠମଲ୍ଲିକ ବ୍ଲକର ନୂଆଗଡ, ଯଦୁପୁର, ଖମ୍ବେଶ୍ୱରପାଲି, ମଳିପଦର, ମହେନ୍ଦ୍ରପୁର, ଜିରାଡ଼, କଇରୀଘଣ୍ଟି, ଗୋପାଳପୁର, କୁସପୁର ଆଦି ଗ୍ରାମ ନଅଗାଁ ଓ ପୁରୁଣାମାଣିତ୍ରୀ ପଞ୍ଚାୟତରେ ରହିଛି। ଏହି ଗ୍ରାମଗୁଡିକର ଲୋକ ସଂଖ୍ୟା ୩ ହଜାରରୁ ଉର୍ଦ୍ଧ୍ୱ। ଏହି ଗାଁଗୁଡିକ ପାହାଡ଼ ଜଙ୍ଗଲ ମଧ୍ୟରେ ଅବସ୍ଥିତ। ଏକ ପାହାଡି ନାଳ ଗାଁ ନିକଟରେ ପ୍ରବାହିତ ହେଉଛି। ଏଠାକାର ଅଧିକାଂଶ ଆଦିବାସୀ। ନୂଆଗଡ, ଯଦୁପୁର ଗ୍ରାମ ନଅଗାଁ ପଞ୍ଚାୟତରୁ ୧୪ କି.ମି. ଓ ଅନ୍ୟ ଗ୍ରାମ ଗୁଡିକ ପୁରୁଣାମାଣିତ୍ର ପଞ୍ଚାୟତରୁ ୮ କି.ମି. ଦୂରରେ ରହିଛି। ଫଳରେ ଭତ୍ତା, ଅନ୍ତୋଦୟ ଚାଉଳ ଆଦି ପାଇଁ ହିତାଧିକାରୀମାନଙ୍କୁ ଚାଲି ଚାଲି ପଞ୍ଚାୟତ ଅଫିସ ଯାଏ ଯିବାକୁ ପଡୁଛି। ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହେବାକୁ ଆବେଦନ ନିମନ୍ତେ ମଧ୍ୟ ସେମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସେହିପରି ଆଠମଲ୍ଲିକରେ ଥିବା ରାଜସ୍ୱ ନିରୀକ୍ଷକ ଅଫିସକୁ ମଧ୍ୟ ଲୋକଙ୍କୁ ହଇରାଣ ହୋଇ ଆସିବାକୁ ପଡୁଛି। ତେଣୁ ଏହି ୧୨ ଗ୍ରାମକୁ ନେଇ ଏକ ନୂତନ ପଞ୍ଚାୟତ ଗଠନ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏ ନେଇ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ପୂର୍ବତନ ସରପଞ୍ଚ ନିରଞ୍ଜନ ପାତ୍ର, ମଧୁସୂଦନ ନାୟକ, ମାନସ ପାତ୍ର, ଜିତେନ୍ଦ୍ର ନାୟକ, ଶେଷଦେବ ନାୟକ, ପ୍ରଫୁଲ୍ଲ ନାୟକ ପ୍ରମୁଖ ଦାବି କରିଛନ୍ତି।

## ମେଡିକାଲ ପରିଦର୍ଶନ କଲେ ବିଧାୟକ

ଖମାର,୨୭।୬

ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ରବିବାର ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ଅବସରରେ ବିଧାୟକ ସ୍ୱାସ୍ଥ୍ୟକେନ୍ଦ୍ରର ପାରିପାର୍ଶ୍ୱିକ ସ୍ଥିତି, ପରିମଳ, ବର୍ଜ୍ୟବସ୍ତୁ ପରିଚାଳନା ଆଦିର ତଦାରଖ କରିଥିଲେ। ଏଥିସହ ଖମାର ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ କିପରି ଆହୁରି ଅଧିକ ସେବା ମିଳିପାରିବ ସେ ବିଷୟରେ ଆଲୋଚନା କରିଥିଲେ। ପରେ ଖମାର ପଞ୍ଚାୟତର ସାହୁପଡା ଓ ନୂଆଁପଡା ଗ୍ରାମରେ ମାସ୍କ ବଣ୍ଟନ ସହ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇ ଲୋକମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ନବକିଶୋର ନାଏକ, ଖମାର ସରପଞ୍ଚ ସସ୍ମିତା ସାହୁ, ବ୍ଲକ ବିଜେଡି ସଭାପତି ଗଙ୍ଗାଧର ଜିତ, ଜିଲା ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳ, ଖମାର ପାଞ୍ଚାୟତ ବିଜେଡି ସଭାପତି ପବିତ୍ରମୋହନ ସାହୁ, ସମ୍ପାଦକ ରାଜା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ବିଧାୟକ ମେଡିକାଲ ପରିଦର୍ଶନ କରୁଛନ୍ତି।

## ଉନ୍ନତ ସ୍ୱାସ୍ଥ୍ୟସେବା ନାଗରିକଙ୍କ ମୌଳିକ ଅଧିକାର

■ ସ୍ୱାସ୍ଥ୍ୟ ଭିତ୍ତିଭୂମି ସଜାଡ଼ିବା ଲାଗି ପ୍ରଶାସନକୁ ପରାମର୍ଶ
■ ନିର୍ମାଣାଧୀନ ଆୟୁଷ ଚିକିତ୍ସାଳୟ କାର୍ଯ୍ୟକ୍ଷମ କରିବା ଦାବି

ଢେଙ୍କାନାଳ ଅଫିସ, ୨୭।୬

ଢେଙ୍କାନାଳର ଚିନ୍ତାଶୀଳ ଜନସାଧାରଣଙ୍କୁ ନେଇ ଗଠିତ 'ରେସ୍‌ପନ୍ସିବଲ ସିଟିଜେନ' ପକ୍ଷରୁ ଶନିବାର ଭର୍ଚୁଆଲ ମୋଡ୍‌ରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହାର ଶୀର୍ଷକ ରହିଥିଲା 'ଆମ ଢେଙ୍କାନାଳର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସୁଧାର ଆଣିବାରେ ଚିନ୍ତାଶୀଳ ନାଗରିକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ'। ସ୍ୱାସ୍ଥ୍ୟ ହିଁ ସମ୍ପଦ। ଏକ ଜନମଙ୍ଗଳ ରାଷ୍ଟ୍ରରେ ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସରକାରଙ୍କ ପ୍ରାଥମିକତା ହୋଇଥିବାବେଳେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇବା ପ୍ରତି ନାଗରିକଙ୍କ ମୌଳିକ ଅଧିକାର। ତେବେ କରୋନା ମହାମାରୀ ସମୟରେ ଢେଙ୍କାନାଳ ଜିଲାରେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦୃଷ୍ଟିଗୋଚର ହେଉଛି। ଜିଲାର ଜନସାଧାରଣ ସର୍ବନିମ୍ନ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବା ଅନେକ ସମୟରେ ଅଭିଯୋଗ ହେଉଛି। ମେଡିକାଲ ଭିତ୍ତିଭୂମିରେ ସୁଧାର ଆଣିବା ଲାଗି ପ୍ରଶାସନକୁ ବିଭିନ୍ନ ପରାମର୍ଶ ଦେବା, ଗଠନମୂଳକ କାର୍ଯ୍ୟରେ ଅଂଶୀଦାର ହେବାକୁ ନିଷ୍ପତ୍ତି ହୋଇଥିଲା। ଜିଲା ଚିକିତ୍ସାଳୟରେ ବାୟୋମେଟ୍ରିକ ଉପସ୍ଥାନ ପ୍ରଚଳନ, ଏମ୍‌ଆରଆଇ, ସିଟିସ୍କାନ୍, ଅଲଟ୍ରାସାଉଣ୍ଡର ବ୍ୟବସ୍ଥା, ସୁରକ୍ଷା କର୍ମୀ, ସେବିକା ଏବଂ ହେଲ୍‌ପଡେସ୍କ କର୍ମଚାରୀ ସେବା ମନୋଭାବ ରଖି କାର୍ଯ୍ୟ କରିବା, ସିଏଚ୍‌ସି, ପିଏଚ୍‌ସିର ଭିତ୍ତିଭୂମି ସୁଦୃଢ଼ କରିବା, ଗ୍ରାମାଞ୍ଚଳବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା, ମହିଷାପାଟରେ ନିର୍ମାଣାଧୀନ ଆୟୁଷ ଚିକିତ୍ସାଳୟକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା, ବାଜିଚୌକସ୍ଥିତ ପୁରୁଣା ଚିକିତ୍ସାଳୟ ପରିସରରେ ଆଚାର୍ଯ୍ୟ ହରିହର କର୍କଟ ଗବେଷଣାକେନ୍ଦ୍ରର ଏକ ଶାଖା ଖୋଲିବା, ଜିଲାର ବିଭିନ୍ନ ସଙ୍ଗଠନ, ରୋଗୀ କଲ୍ୟାଣ ସମିତି ସଭ୍ୟଙ୍କୁ ନେଇ କମିଟି ଗଠନ, ନିୟମିତ ବ୍ୟବଧାନରେ ଚିକିତ୍ସାଳୟ ପରିଦର୍ଶନ, ଆପତ୍‌କାଳୀନ ବିଭାଗର ଡାକ୍ତର ଓ ସହାୟକଙ୍କ ସଂଖ୍ୟାବୃଦ୍ଧି, ପରିମଳ ପ୍ରତି ଦୃଷ୍ଟି ଦେବା, କରୋନାର ତୃତୀୟ ଲହରକୁ ଦୃଷ୍ଟିରେ ରଖି ଶିଶୁମାନଙ୍କ ପାଇଁ ଶଯ୍ୟା ବ୍ୟବସ୍ଥା କରିବା, ରୋଗୀ ସେବାରେ ସୁଧାର ଆଣିବା ନେଇ ଜିଲା ପ୍ରଶାସନ ଗୁରୁତ୍ୱ ଦେବାକୁ ଦାବି ଉପସ୍ଥାପନ କରାଯାଇଥିଲା।

ପୂର୍ବତନ ବିଧାୟକ ନବୀନ ନନ୍ଦ, ପୂର୍ବତନ ନଗରପାଳ ସୁରେନ୍ଦ୍ର ମିଶ୍ର, ପୂର୍ବତନ ସିଡିଏମ୍‌ଓ ଡା. ସୁରେନ୍ଦ୍ର ମହାନ୍ତି, ପରିବେଶବିତ୍ ପ୍ରଦ୍ୟୁମ୍ନ ରଥ, ମିଳିତବଜାର ପୂଜା କମିଟି ସଭାପତି ବିଶ୍ୱନାଥ ବେହେରା, ରେଡକ୍ରସ୍ ଉପସଭାପତି ବିରଞ୍ଚି ନାରାୟଣ ପାଣି, ଡା. ପ୍ରେମାନନ୍ଦ ସାହୁ, ରାଜନାରାୟଣ ତ୍ରିପାଠୀ, ସୌମେନ୍ଦୁ ଶତପଥୀ, ମନମୋହନ ମହାପାତ୍ର, ଯୋଗୀନାଥ ମହାନ୍ତି, ନିରଞ୍ଜନ ମିଶ୍ର, ନୁରୁଲ୍ ଇସ୍‌ଲାମ୍ ପ୍ରମୁଖ ବହୁ ବୁଦ୍ଧିଜୀବୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଲୋଚନାଚକ୍ରକୁ ରୋଟାରିଆନ ରାଜକିଶୋର ସାହୁ ସଂଯୋଜନା କରିଥିବାବେଳେ ଜିଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ଉପସଭାପତି ଶିବ ପ୍ରସାଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ୯୩ ସଂକ୍ରମିତ, ୧୫୪ ସୁସ୍ଥ

ଅନୁଗୋଳ ଅଫିସ, ୨୭।୬

**ଦୁଇମାସ ପରେ ଦୁଇ ଅଙ୍କ**

ଦୀର୍ଘ ୨ ମାସ ପରେ ଅନୁଗୋଳ ଜିଲାରେ ଦୈନିକ କରୋନା ସଂକ୍ରମଣ ଦୁଇ ଅଙ୍କକୁ ଖସିଛି। ଫଳରେ ଜିଲାବାସୀ ସାମାନ୍ୟ ଆଶ୍ୱସ୍ତ ହୋଇଛନ୍ତି। ରବିବାର ଜିଲାରୁ ୯୩ ଜଣ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୦ ହଜାର ୪୮୬ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ତାଳଚେର ବ୍ଲକରୁ ସର୍ବାଧିକ ୧୫ ଜଣ, କଣିହାଁ ବ୍ଲକରୁ ୧୩, ବଣଁରପାଳ ବ୍ଲକରୁ ୧୨, ଅନୁଗୋଳ ପୌରାଞ୍ଚଳରୁ ୧୧, ଛେଣ୍ଡିପଦା ବ୍ଲକରୁ ୧୦, ଅନୁଗୋଳ ବ୍ଲକରୁ ୮, କିଶୋରନଗର ବ୍ଲକରୁ ୭, ତାଳଚେର ପୌରାଞ୍ଚଳରୁ ୬, ଆଠମଲ୍ଲିକ ବ୍ଲକରୁ ୫, ଆଠମଲ୍ଲିକ ଏନ୍‌ଏସିରୁ ୪ ଓ ପାଲଲହଡ଼ା ବ୍ଲକରୁ ୨ ଜଣ ରହିଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୧୫୪ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ଜିଲାରେ ୧ ହଜାର ୩୦୩ ସଂକ୍ରମିତ ଚିକିତ୍ସାଧୀନ ଅଛନ୍ତି।

# ଭାରତକୁ ଆହୁରି ୩ ସ୍ୱର୍ଣ୍ଣ ପଦକ

ପ୍ୟାରିସ,୨୭।୬ (ପି.ଟି.)

## ତୀରନ୍ଦାଜୀ ବିଶ୍ୱକପ୍ ଷ୍ଟେଜ୍-୩

ଦୀପିକା କୁମାରୀଙ୍କ ଚମତ୍କାର ଫର୍ମ ଯୋଗୁ ତୀରନ୍ଦାଜୀ ବିଶ୍ୱକପ୍ ଷ୍ଟେଜ୍-୩ରେ ଭାରତ ଅଭୂତପୂର୍ବ ସଫଳତା ହାସଲ କରିଛି। ଭାରତୀୟ ତୀରନ୍ଦାଜମାନେ ରବିବାର ଦେଶ ପାଇଁ ୩ ସ୍ୱର୍ଣ୍ଣ ପଦକ ଆଣି ଦେଇଛନ୍ତି। ଫଳରେ ସ୍ୱର୍ଣ୍ଣପଦକ ସଂଖ୍ୟା ୪କୁ ବୃଦ୍ଧି ପାଇଛି। ଆସନ୍ତା ମାସରେ ହେବାକୁଥିବା ଟୋକିଓ ଅଲିମ୍ପିକ୍ସ ପାଇଁ ଏହା ଏକ ଖୁସି ଖବର। ମହିଳା ବ୍ୟକ୍ତିଗତ ରିକର୍ଭ ଇଭେଣ୍ଟ ଫାଇନାଲରେ ରୁଷିଆର ଏଲିନା ଓସିପୋଭାଙ୍କୁ ୬-୦ରେ ପରାସ୍ତ କରି ଦୀପିକା ଗୋଟିଏ ଦିବସରେ ହ୍ୟାଟ୍ରିକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପୂର୍ବରୁ ସେ ମିକ୍ସଡ ଟିମ୍ ଇଭେଣ୍ଟ ଏବଂ ସ୍ୱର୍ଣ୍ଣ ଜିତିଥିବା ଭାରତୀୟ ମହିଳା ଟିମ୍‌ର ଅଂଶବିଶେଷ ରହିଥିଲେ।

ମିକ୍ସଡ ଇଭେଣ୍ଟ ଫାଇନାଲରେ ଦୀପିକା ଓ ଅତନୁ ଦାସ ପ୍ରଥମେ ନେଦରଲାଣ୍ଡର ଏସ୍‌ଜେଫ୍ ଭାନ୍ ଡେନ୍ ବର୍ଗ ଓ ଗାବ୍ରିଏଲା ସ୍କ୍ଲୋଏସ୍‌ରଙ୍କଠାରୁ ୦-୨ରେ ପଛୁଆ ରହିଥିଲେ। ମାତ୍ର ପରେ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ୫-୩ରେ ବିଜୟ ଲାଭ କରି ଭାରତ ପାଇଁ ତୃତୀୟ ସ୍ୱର୍ଣ୍ଣ ଆଣି ଦେଇଥିଲେ। ଦୀପିକା କୁମାରୀ, ଅଙ୍କିତା ଭକତ ଓ କୋମଲିକା ବାରିଙ୍କୁ ନେଇ ମହିଳା ରିକର୍ଭ ଟିମ୍ ଫାଇନାଲରେ ମେକ୍ସିକୋକୁ ପରାସ୍ତ କରିଥିଲା। ସୂଚନାଯୋଗ୍ୟ, କମ୍ପାଉଣ୍ଡ ତୀରନ୍ଦାଜ ଅଭିଷେକ ବର୍ମା ଶନିବାର ବ୍ୟକ୍ତିଗତ ଇଭେଣ୍ଟରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅତନୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ପ୍ରଥମ ଥର ସେମାନେ ଏକତ୍ର ଫାଇନାଲ ଜିତିଥିବାରୁ ସେ ଖୁବ୍ ଆନନ୍ଦିତ। ଅତନୁ ଓ ଦୀପିକା ଜୁନ୍ ୩୦ରେ ପ୍ରଥମ ବିବାହ ବାର୍ଷିକୀ ପାଳନ କରିବେ। ଅତନୁ କହିଛନ୍ତି, ସେମାନେ ଦମ୍ପତି ହୋଇଥିଲେ ହେଁ ପଡ଼ିଆରେ କିନ୍ତୁ ଅନ୍ୟ ପ୍ରତିଯୋଗୀଙ୍କ ଭଳି ପରସ୍ପରକୁ ଉତ୍ସାହିତ କରିଥାଉ। ସୂଚନାଯୋଗ୍ୟ, ବିଶ୍ୱର ପୂର୍ବତନ ନମ୍ବର ୱାନ ଦୀପିକା ଏହି ଇଭେଣ୍ଟରେ ଇତିମଧ୍ୟରେ ୫ ରୌପ୍ୟ ଓ ୩ ବ୍ରୋଞ୍ଜ ଜିତିସାରିଛନ୍ତି, ହେଲେ ପ୍ରଥମଥର ମିକ୍ସଡ ଯୋଡ଼ିରେ ସ୍ୱର୍ଣ୍ଣ ଲାଭ କରିପାରିଛନ୍ତି। ସୂଚନାଯୋଗ୍ୟ ପୂର୍ବରୁ ଯୋଗ୍ୟତା ହାସଲ କରିସାରିଥିବା କୋରିଆ ବ୍ୟତୀତ ଚାଇନା ଓ ଚାଇନିଜ୍ ତାଇପେ ଭଳି ଅନ୍ୟ ଏସିଆନ ହେଭିୱେଟ୍ ଦେଶଗୁଡ଼ିକ ଏହି ପ୍ରତିଯୋଗିତାରୁ ଓହରିଯାଇଛନ୍ତି। ଫଳରେ ଭାରତ ପଦକ ତାଲିକାରେ ୪ ସ୍ୱର୍ଣ୍ଣ ସହ ଶୀର୍ଷରେ ରହିଛି।



ସ୍ୱର୍ଣ୍ଣ ପଦକ ସହ ଦୀପିକା କୁମାରୀ, ଅଙ୍କିତା ଭକତ ଓ କୋମଲିକା ବାରି।

# ମହିଳା ଦିନିକିଆ: ଇଂଲଣ୍ଡ ବିଜୟୀ

ବ୍ରିଷ୍ଟଲ,୨୭।୬

ଭାରତ ବିପକ୍ଷ ପ୍ରଥମ ମହିଳା ଦିନିକିଆ କ୍ରିକେଟ ମ୍ୟାଚ୍‌ରେ ୯୧ ବଲ ବାକିଥାଇ ଇଂଲଣ୍ଡ ୮ ଉଇକେଟରେ ବିଜୟୀ ହୋଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୨୦୧ ରନ ସଂଗ୍ରହ କରିଥିଲା। ଜବାବରେ ଇଂଲଣ୍ଡ ୩୪.୫ ଓଭରରେ ୨ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଓପନର ଟମି ବିମଣ୍ଟ ୮୭ ଓ ନାତାଲି ସ୍କିଭର ୭୪ ରନକରି ଅପରାଜିତ ରହିଥିଲେ। ଅଧିନାୟିକା ହିଥର ନାଇଟ ୧୮ ଓ ଲରେନ ୱିନ୍‌ଫିଲ୍ଡ-ହିଲ୍ ୧୬ ରନକରି ଯଥାକ୍ରମେ ଏକତା ବିଷ୍ଟ ଓ ଝୁଲଣ ଗୋସ୍ୱାମୀଙ୍କ ଦ୍ୱାରା ଆଉଟ ହୋଇଥିଲେ। ବିଜୟ ସହ ଇଂଲଣ୍ଡ ୩ ମ୍ୟାଚ୍ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ହୋଇଛି। ବିମଣ୍ଟ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

## ମିଥାଲିଙ୍କ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ୨୭ ରନରେ ଦୁଇ ଓପନରଙ୍କୁ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଶେଫାଳି ବର୍ମା ୧୫ ଓ ସ୍ମୃତି ମାନ୍ଧନା ୧୦ ରନକରି ଆଉଟ ହୋଇଥିଲେ। ଏହାପରେ ଅଧିନାୟିକା ମିଥାଲି ରାଜ ଓ ପୁନମ ରାଉତ୍ ତୃତୀୟ ଉଇକେଟରେ ୯୪ ବଲରୁ ୫୬ ରନକରି ସ୍ଥିତି ସମ୍ଭାଳିଥିଲେ। ପୁନମ ୩୨ ରନ୍ କରି ଆଉଟ ହୋଇଥିଲେ। ପଞ୍ଚମ ଉଇକେଟ ମିଥାଲି ଓ ଦୀପ୍ତି ଶର୍ମା ୮୫ ବଲରୁ ୬୫ ରନ ସଂଗ୍ରହ କରିଥିଲେ। ୩୦ ରନକରିବା ପରେ ଦୀପ୍ତି ଶ୍ରୁବସଲେଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ୧୩୬ ମିନିଟ କ୍ରିଜରେ ରହି ୧୦୮ଟି ବଲ୍ ଖେଳି ୭ ଚୌକା ସହ ୭୨ ରନର ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକୀୟ ଇନିଂସ ଖେଳି ସେ ଏକ୍‌ଲେଷ୍ଟୋନଙ୍କ ଦ୍ୱାରା ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏଥିସହ ମିଥାଲି କ୍ୟାରିୟରର ୫୬ତମ ଅର୍ଦ୍ଧଶତକ ହାସଲ କରିଛନ୍ତି। ପୂଜା ବସ୍ତ୍ରକାର ୧୭ ବଲରୁ ୨ ଚୌକା ସହ ୧୫ ରନ ଏକଲେଷ୍ଟୋନଙ୍କ ତୃତୀୟ ଶିକାର ହୋଇଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ଏକ୍‌ଲେଷ୍ଟୋନ ସର୍ବାଧିକ ୩, ବ୍ରଣ୍ଟ ଓ ଶ୍ରୁବସଲେ ୨ଟି ଲେଖାଏ, କେଟ୍ କ୍ରସ୍ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।



କ୍ୟାରିୟରର ୫୬ତମ ଦିନିକିଆ ଅର୍ଦ୍ଧଶତକ ହାସଲ ଅବସରରେ ମିଥାଲି ରାଜ।

# ଭର୍ଷ୍ଟାପେନ୍‌ଙ୍କୁ କ୍ରମାଗତ ଦ୍ୱିତୀୟ ଟାଇଟଲ



**ସ୍ପିଲବର୍ଗ, ୨୭।୬:** ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଷ୍ଟାଇରିଆନ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ଏଥିସହିତ ସେ ଚାମ୍ପିୟନଶିପ ଷ୍ଟାଣ୍ଡିଂରେ ତାଙ୍କ ଅଗ୍ରଣୀ ବ୍ୟବଧାନ ୧୮କୁ ବୃଦ୍ଧି କରିପାରିଛନ୍ତି। ଭର୍ଷ୍ଟାପେନ୍‌ଙ୍କର ଏହା କ୍ରମାଗତ ଦ୍ୱିତୀୟ ଏବଂ ରେଡ୍‌ବୁଲ୍‌ର କ୍ରମାଗତ ଚତୁର୍ଥ ବିଜୟ। ମର୍ସିଡିଜ୍‌ର ଦୁଇ ଡ୍ରାଇଭର ଲୁଇସ୍ ହାମିଲଟନ ଓ ଭାଲଟେରୀ ବୋଟାସ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ।

# ଅଷ୍ଟ୍ରିଆକୁ ହରାଇ କ୍ୱାର୍ଟର ଫାଇନାଲରେ ଇଟାଲୀ

ଲଣ୍ଡନ,୨୭।୬

## ୟୁରୋକପ୍ ଫୁଟବଲ

ଚଳିତ ୟୁରୋକପ୍ ଫୁଟବଲ ଟୁର୍ନାମେଣ୍ଟରେ ଶକ୍ତିଶାଳୀ ଇଟାଲୀ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ରବିବାର ଅନୁଷ୍ଠିତ ରାଉଣ୍ଡ ଅଫ୍ ୧୬ ମ୍ୟାଚ୍‌ରେ ଇଟାଲୀ ୨-୧ ଗୋଲରେ ଅଷ୍ଟ୍ରିଆକୁ ପରାସ୍ତ କରି କ୍ୱାର୍ଟରକୁ ଉନ୍ନୀତ ହୋଇଛି। ଏହାପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ଡେନମାର୍କ ୪-୦ ଗୋଲ ୱେଲ୍‌ସକୁ ହରାଇ ପ୍ରଥମଦଳ ଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା।

ସ୍ଥାନୀୟ ୱେମ୍ବଲେ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଅଷ୍ଟ୍ରିଆକୁ ହରାଇବା ପାଇଁ ଇଟାଲୀକୁ କିନ୍ତୁ ଖୁବ୍ ସଂଘର୍ଷ କରିବାକୁ ପଡିଥିଲା। ଅତିରିକ୍ତ ସମୟରେ ଇଟାଲୀ ତରଫରୁ ବିଜୟ ସୂଚକ ଗୋଲ ଦିଆଯାଇଥିଲା। ପ୍ରଥମ ଥର ପାଇଁ ଅଷ୍ଟ୍ରିଆ ଗ୍ରୁପ୍ ପର୍ଯ୍ୟାୟରେ ପ୍ରବେଶ କରିଥିଲା। ଏହାପୂର୍ବରୁ ପ୍ରତିଥର ଅଷ୍ଟ୍ରିଆ ଗ୍ରୁପ୍ ପର୍ଯ୍ୟାୟରେ ପରାସ୍ତ ହୋଇ ଟୁର୍ନାମେଣ୍ଟରୁ ବାଦ୍ ପଡିଆସୁଥିଲା। ଏଥିସହି ଇଟାଲୀ କ୍ରମାଗତ ଦ୍ୱାଦଶ ବିଜୟ ହାସଲ କରିଛି। ଇଟାଲୀ ପ୍ରଭାବ ବିସ୍ତାର କରି ଖେଳିଥିଲେ ମଧ୍ୟ ଗୋଲ ଦେବାକୁ ସଂଘର୍ଷ କରୁଥିବାର ଦେଖାଯାଇଥିଲା। ଇଟାଲୀ ଏବେ ମ୍ୟୁନିକ୍‌ରେ ଶୁକ୍ରବାର କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ରବିବାର ଦ୍ୱିତୀୟ ରାଉଣ୍ଡ ଅଫ୍ ୧୬ ମ୍ୟାଚ୍ ବିଜେତା ଗତଥରର ଚାମ୍ପିୟନ ପର୍ତ୍ତୁଗାଲ କିମ୍ବା ବିଶ୍ୱର ୧ ନମ୍ବର ଦଳ ବେଲଜିୟମକୁ ଭେଟିବ।

ମ୍ୟାଚ୍ ପ୍ରଥମ ଓ ଦ୍ୱିତୀୟାର୍ଦ୍ଧରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା ଓ ଗୋଲ ହୋଇପାରି ନ ଥିଲା। ଅତିରିକ୍ତ ସମୟରେ ଅର୍ଥାତ ୯୫ତମ ମିନିଟ୍‌ରେ ୱିଙ୍ଗର ଫେଡେରିକୋ ଚିଏସା ପ୍ରଥମ ଗୋଲ ଦେଇ ଇଟାଲୀକୁ ଅଗ୍ରଣୀ କରାଇଥିଲେ। ଏହାପରେ ୧୦୫ତମ ମିନିଟ୍‌ରେ ମାଟେଓ ପେସିନା ଗୋଲ ଦେଇ ଇଟାଲୀକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଏହାପରେ ଅବଶ୍ୟ ଅଷ୍ଟ୍ରିଆ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲା। ୧୧୪ତମ ମିନିଟ୍‌ରେ ଅଷ୍ଟ୍ରିଆର ସାସା କାଲାଜିଚ୍ ଗୋଲ ଦେଇ ପରାଜୟ ବ୍ୟବଧାନକୁ କମାଇଥିଲେ। ଏହାପରେ ଉଭୟ ଦଳ ତରଫରୁ କୌଣସି ଗୋଲ ହୋଇ ନ ଥିଲା। ଶେଷରେ ଇଟାଲୀ ବିଜୟୀ ହୋଇଥିଲା ଓ ଅଷ୍ଟ୍ରିଆ ଟୁର୍ନାମେଣ୍ଟରୁ ବାଦ୍ ପଡିଥିଲା। କ୍ରମାଗତ ୧୨ଟି ବିଜୟ ହାସଲ କରିଥିବା ଇଟାଲୀ ଗତ ୩୧ଟି ମ୍ୟାଚ୍‌ରେ ଅପରାଜେୟ ରହିଛି। ୨୫ଟିରେ ବିଜୟୀ ହୋଇଥିବା ବେଳେ ୫ଟି ମ୍ୟାଚ୍ ଇଟାଲୀ ଡ୍ର ରଖିଛି। ୨୦୧୮ରେ ଇଟାଲୀ ଶେଷଥର ପାଇଁ ମ୍ୟାଚ୍ ହାରିଥିଲା। ସେତେବେଳ ପର୍ତ୍ତୁଗାଲ ଇଟାଲୀକୁ ହରାଇଥିଲା। ପୁଣି ଗତ ୧୮ଟି ୟୁରୋକପ୍ ମ୍ୟାଚରେ ଇଟାଲୀ ମାତ୍ର ୨ଟି ପରାଜିତ ହୋଇଛି। ଦଳ ବିଜୟରେ ଇଟାଲୀ କୋଚ୍ ରୋବେର୍ଟୋ ମାନସିନି ଖୁସି ଜାହିର କରିଛନ୍ତି। ଅନ୍ୟପଟେ ଅଷ୍ଟ୍ରିଆ କୋଚ୍ ଫ୍ରାଙ୍କୋ ଫୋଡା ପରାଜୟପାଇଁ ଅସନ୍ତୋଷ ପ୍ରକଟ କରିଛନ୍ତି।



ବିଜୟ ହାସଲ ପରେ ଇଟାଲୀ ଖେଳାଳି ଖୁସି ମନାଉଛନ୍ତି।

# ସବୁ ଫର୍ମାଟ୍ ଡେବ୍ୟୁରେ ଶେଫାଳି ସର୍ବକନିଷ୍ଠ

ବ୍ରିଷ୍ଟଲ,୨୭।୬

କ୍ରିକେଟର ୩ଟି ଯାକ ଫର୍ମାଟ (ଟି୨୦, ଟେଷ୍ଟ ଓ ଦିନିକିଆ)ରେ ଡେବ୍ୟୁ କରିବାରେ ଭାରତୀୟ ମହିଳା ଓପନର ଶେଫାଳି ବର୍ମା ରେକର୍ଡ କରିଛନ୍ତି। ସେ ଭାରତ ସର୍ବକନିଷ୍ଠ କ୍ରିକେଟର ଭାବେ ୩ଟି ଫର୍ମାଟରେ ପଦାର୍ପଣ କରିବାର ଗୌରବ ଅର୍ଜନ କରିଛନ୍ତି। ରବିବାର ଏଠାରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ପଦାର୍ପଣ କରିଥିଲେ। ପୂର୍ବରୁ ସେ ଟି୨୦ ଓ ଗତ ସପ୍ତାହରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ପଦାର୍ପଣ କରିଥିଲେ।

ତେବେ ଦିନିକିଆ ପଦାର୍ପଣରେ ଶେଫାଳି ସେତେଟା ପ୍ରଭାବୀ ସାବ୍ୟସ୍ତ ହୋଇନାହାନ୍ତି। ସେ ୧୪ଟି ବଲ୍ ଖେଳି ମାତ୍ର ୧୫ ରନ ସଂଗ୍ରହ କରି କାଥେରାଇନ ବ୍ରଣ୍ଟଙ୍କ ଦ୍ୱାରା ଆଉଟ ହୋଇଛନ୍ତି। ହରିୟାଣାର ଶେଫାଳି ୧୭ ବର୍ଷ ୧୫୦ ଦିନରେ ସବୁ ଫର୍ମାଟରେ ଡେବ୍ୟୁ କରିଛନ୍ତି। ଏହିକ୍ରମରେ ସେ ବିଶ୍ୱର ପଞ୍ଚମ ସର୍ବକନିଷ୍ଠ ଖେଳାଳିଭାବେ ସବୁ ଫର୍ମାଟରେ ଡେବ୍ୟୁ କରିଛନ୍ତି। ଏହି ତାଲିକାରେ ଆଫଗାନିସ୍ତାନର ମୁଜିବ ଉର ରହମାନ ଶୀର୍ଷରେ ରହିଛନ୍ତି। ରହମାନ ୧୭ ବର୍ଷ ୭୮ ଦିନରେ ଏହି ରେକର୍ଡ ସୃଷ୍ଟି କରିଥିଲେ। ଇଂଲଣ୍ଡର ସାରା ଟେଲର ୧୭ ବର୍ଷ ୮୬ ଦିନରେ ଡେବ୍ୟୁ କରି ଦ୍ୱିତୀୟ, ଅଷ୍ଟ୍ରେଲିଆର ଏଲିସ ପେରୀ ୧୭ ବର୍ଷ ୧୦୪ ଦିନରେ ତୃତୀୟ ଓ ପାକିସ୍ତାନର ମହମ୍ମଦ ଆମୀର ୧୭ ବର୍ଷ ୧୦୮ ଦିନରେ ସବୁ ଫର୍ମାଟରେ ଡେବ୍ୟୁ କରି ଚତୁର୍ଥ ସ୍ଥାନରେ ରହିଛନ୍ତି।



ଦିନିକିଆ କ୍ୟାପ ସହ ଶେଫାଳି ବର୍ମା।

## ରାଜ୍ୟ ଖବର

# ଜୁଲାଇ-୧ରେ ମାଓବାଦୀଙ୍କ ବନ୍ଦ ଡାକରା

### ଏନ୍‌କାଉଣ୍ଟରରେ ୬ କ୍ୟାଡର ମାଓବାଦୀ ନିହତ ଘଟଣା

ମାଲକାନଗିରି,୨୭।୬ (ଡି.ଏନ.ଏ.)

ପୋଲିସ ଏନ୍‌କାଉଣ୍ଟରରେ ଜୁନ୍-୧୬ରେ ନିହତ ହୋଇଥିବା ୬ ମାଓବାଦୀଙ୍କ ସ୍ମୃତିରେ ମାଓବାଦୀ ସଙ୍ଗଠନର ସ୍ପେଶାଲ ଜୋନାଲ କମିଟି ଜୁଲାଇ ୧ରେ ବନ୍ଦ ଡାକରା ଦେଇଛି। ଆନ୍ଧ୍ର-ଓଡ଼ିଶା ସୀମାରେ ଏହି ବନ୍ଦ ଡାକରା ପାଳନ କରିବା ପାଇଁ କମିଟି ସଚିବ ଗଣେଶ ଏକ ପ୍ରେସ ଇସ୍ତାହାରରେ ରବିବାର ଜଣାଇଛନ୍ତି। ଆନ୍ଧ୍ର ପ୍ରଦେଶ ବିଶାଖାପାଟଣା ଜିଲାରେ ଆନ୍ଧ୍ର ଗ୍ରେହାଉଣ୍ଡ ଯବାନଙ୍କ ଦ୍ୱାରା ଏନ୍‌କାଉଣ୍ଟରରେ ୬ କ୍ୟାଡର ମାଓବାଦୀ ନିହତ ହେବା ସଙ୍ଗଠନ ପାଇଁ ଅପୂରଣୀୟ କ୍ଷତି ସୃଷ୍ଟି କରିଛି। ଏହାକୁ କେବେ ମାଓବାଦୀ ସଙ୍ଗଠନ ଭୁଲିବ ନାହିଁ ବୋଲି ଇସ୍ତାହାରରେ ଉଲ୍ଲେଖ ରହିଛି। ବନ୍ଦକୁ ସଫଳ କରିବା ପାଇଁ ସମସ୍ତ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କୁ ମାଓବାଦୀ ସଙ୍ଗଠନ ପକ୍ଷରୁ ନିବେଦନ କରାଯାଇଛି।

# ପ୍ରେସର ମାଇନ ନିଷ୍କ୍ରିୟ କଲେ ଯବାନ

ମାଲକାନଗିରି,୨୭।୬ (ଡି.ଏନ.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ରାଜ୍ୟ ସୁକୁମା ଜିଲା ଚିନ୍ତଲନାର ଥାନା ଅଞ୍ଚଳରୁ ରବିବାର ସକାଳୁ କୋବ୍ରାବାହିନୀ ୨୦ କେଜି ଓଜନର ଏକ ପ୍ରେସର ମାଇନକୁ ଉଦ୍ଧାର କରି ନିଷ୍କ୍ରିୟ କରିଛି। ଚିନ୍ତଲନାର ଥାନାଠାରୁ ଦେଢ଼ କିଲୋମିଟର ଦୂରରେ ଥିବା ରାବାଗୁଡା ପାହାଡ଼ରେ ମାଓବାଦୀମାନେ ଯବାନଙ୍କୁ ଟାର୍ଗେଟ କରି ଏହି ପ୍ରେସର ମାଇନ ଲଗାଇଥିବା ଜଣାପଡିବା ପରେ ପୂର୍ବାହ୍ନ ୯ଟାରେ ୨୦୧ କୋବ୍ରା ବାଟାଲିୟନର ଯବାନମାନେ ପାହାଡ଼ରେ ସର୍ଚ୍ଚ ଅପରେଶନ କରିଥିଲେ। ଏକ ଗଛ ନିକଟରେ ମାଓବାଦୀମାନେ ପ୍ରେସର ମାଇନ ଲଗାଇଥିବା ଦେଖିବାକୁ ପାଇ ତୁରନ୍ତ ନିଷ୍କ୍ରିୟକାରୀ ଦଳଙ୍କୁ ଖବର ଦେଇଥିଲେ। ମାଇନ ନିଷ୍କ୍ରିୟକାରୀ ଟିମ୍ ସେଠାରେ ପହଞ୍ଚି ସୁରକ୍ଷିତ ଭାବେ ଏହାକୁ ଉଦ୍ଧାର କରି ନିଷ୍କ୍ରିୟ କରିଥିଲେ।

# ରାଜ୍ୟ ସରକାରଙ୍କ ପକ୍ଷରୁ ୩୫ କୋଟି ଅନୁଦାନ ମଞ୍ଜୁର

### ଭିମ୍‌ସାରରେ କ୍ୟାନ୍‌ସର ମେଡିକାଲ ଆଧୁନିକୀକରଣ ପ୍ରସଙ୍ଗ

ସମ୍ବଲପୁର,୨୭।୬(ବ୍ୟୁରୋ)

ସମ୍ବଲପୁରର ବୁର୍ଲା ବୀର ସୁରେନ୍ଦ୍ର ସାଏ ମେଡିକାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟର (ଭିମ୍‌ସାର)ରେ ଥିବା କ୍ୟାନ୍‌ସର ବିଭାଗକୁ ଆଧୁନିକୀକରଣ ପାଇଁ ଓଡ଼ିଶା କ୍ୟାନ୍‌ସର କେୟାର ଫାଉଣ୍ଡେଶନ ଓ ଟାଟା ଟ୍ରଷ୍ଟର ମିଳିତ ଯୋଜନା ରହିଥିଲା। ତେବେ ବିଭିନ୍ନ କାରଣରୁ ପ୍ରସ୍ତାବିତ ଏହି କ୍ୟାନ୍‌ସର ମେଡିକାଲ ନିର୍ମାଣ କରିବାରୁ ସେମାନେ ଓହରି ଯାଇଛନ୍ତି। ପ୍ରାୟ ୬ ମାସରୁ ଊର୍ଦ୍ଧ୍ୱ ହେବ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ଟ୍ରଷ୍ଟ ପକ୍ଷରୁ ନିଆଯାଇଥିବା ଜଣାଯାଇଛି। ଏହାପରେ କ୍ୟାନ୍‌ସର ରୋଗୀଙ୍କୁ ଉତ୍ତମ ସେବା ଯୋଗାଇ ଦେବା ପାଇଁ ଏହି କାମ ହାତକୁ ନେବାକୁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ଏଥିପାଇଁ ନିକଟରେ ୩୫ କୋଟି ଅନୁଦାନ ମଞ୍ଜୁର ହୋଇଛି ।

ଭିମ୍‌ସାର ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର କହିଛନ୍ତି, ଭିମ୍‌ସାର କ୍ୟାନ୍‌ସର ବିଭାଗ ଆଧୁନିକୀକରଣ ଓ ଉନ୍ନତମାନର କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଯଦି ସମସ୍ତ କାର୍ଯ୍ୟ ଠିକ୍ ଭାବେ ଚାଲେ, ଆସନ୍ତା ୩ ମାସ ଭିତରେ କାର୍ଯ୍ୟକ୍ଷମ ହୋଇଯିବାର ଆଶା କରାଯାଉଛି। ସେ ଆହୁରି କହିଥିଲେ ଯେ, ବର୍ତ୍ତମାନ କ୍ୟାନ୍‌ସର ବିଭାଗ ୩୦ ଶଯ୍ୟା ବିଶିଷ୍ଟ ରହିଛି। ଏହାକୁ ବୃଦ୍ଧି କରାଯାଇ ୧୦୦ ଶଯ୍ୟା କରାହେବ। ଏଥିପାଇଁ ୫ ମହଲା କୋଠା ନିର୍ମାଣ ହେବ। ସେଥିରେ କେମୋ ଥେରାପି ପାଇଁ ଭିତ୍ତିଭୂମି ନିର୍ମାଣ ହେବ। ରାଜ୍ୟ ସରକାର ଏଥିପାଇଁ ୩୫ କୋଟି ଅନୁଦାନ ମଞ୍ଜୁର କରିଛନ୍ତି। ପୂର୍ତ୍ତ ବିଭାଗ ପକ୍ଷରୁ ଏହି ପ୍ରକଳ୍ପ କାମ କରାଯିବ। ଆର୍କୁଲେଟର ମେଶିନ ମଧ୍ୟ ମେଡିକାଲରେ ରହିବ। ରାଜ୍ୟ ସରକାର ଭିତ୍ତିଭୂମି ଓ ଆନୁଷଙ୍ଗିକ ସାମଗ୍ରୀ ପାଇଁ ସମସ୍ତ ଖର୍ଚ୍ଚ ବହନ କରିବେ। ଏଥିପାଇଁ ସରକାରୀ ସ୍ତରରେ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଇ-ଲୋରାକୁ ଅନୁମତି ପାଇଁ ଚିଠି କରାଯାଇଛି। ସୂଚନାଯୋଗ୍ୟ, ବୁର୍ଲା ଭିମ୍‌ସାରରେ ପଶ୍ଚିମ ଓଡ଼ିଶାର ଜିଲାଗୁଡ଼ିକ ସମେତ ପଡ଼ୋଶୀ ରାଜ୍ୟ ଛତିଶଗଡ଼, ଝାରଖଣ୍ଡର ରୋଗୀମାନେ ଚିକିତ୍ସା ପାଇଁ ନିର୍ଭର କରିଥା'ନ୍ତି। ତେଣୁ ଏଠାରେ କ୍ୟାନ୍‌ସର ମେଡିକାଲ ପାଇଁ ଦାବି ହୋଇଥିବା ବେଳେ ସରକାରୀ ସ୍ତରରେ ୨୦୧୭ରେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ବିଭାଗକୁ ଉନ୍ନତୀକରଣ କରିବା ପାଇଁ ଯୋଜନା ହୋଇଥିଲା। ଏଥିପାଇଁ ୨୦୧୯ ଅଗଷ୍ଟରେ ଓସିସିଏଫ୍ ଓ ଟାଟା ଟ୍ରଷ୍ଟର ୩ ଜଣିଆ ଟିମ୍ ଭିମ୍‌ସାର ପରିଦର୍ଶନ କରିଥିଲେ। ଉକ୍ତ ବିଭାଗ ନିକଟରେ ଥିବା ପୁରୁଣା କୋଠା ଭାଙ୍ଗିବାକୁ ଯୋଜନା କରାଯାଇଥିଲା। ହେଲେ ସରକାରଙ୍କ ଅବହେଳା ସାଙ୍ଗକୁ ଅନ୍ୟ କୌଣସି କାରଣରୁ ପ୍ରକଳ୍ପ ବିଳମ୍ବ ହୋଇଥିଲା।



ବୁର୍ଲା ଭିମ୍‌ସାର

## ଓସିସିଏଫ୍ ଓହରିବା ପରେ ହାତକୁ ନେଲେ ସରକାର

# ବିଜୁ ମହିଳା ଜନତା ଦଳ ସାଙ୍ଗଠନିକ କର୍ମକର୍ତ୍ତା ନିଯୁକ୍ତ

ଭୁବନେଶ୍ୱର,୨୭।୬(ବ୍ୟୁରୋ)

ବିଜୁ ମହିଳା ଜନତା ଦଳ କର୍ମକର୍ତ୍ତା ନିଯୁକ୍ତି କରାଯାଇଛି। ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସୁପାରିସ କ୍ରମେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ରାଜ୍ୟ ସଂଗଠନରେ ୫ ଜଣଙ୍କୁ ଉପଦେଷ୍ଟା, ୩ କାର୍ଯ୍ୟକାରୀ ସଭାନେତ୍ରୀ, ୭ ଜୋନ୍ ସଭାନେତ୍ରୀ, ୯ ବରିଷ୍ଠ ଉପ ସଭାନେତ୍ରୀ, ୨୭ ଉପ ସଭାନେତ୍ରୀ, ୩୫ ସାଧାରଣ ସମ୍ପାଦିକା, ୩୬ ସମ୍ପାଦିକା, ୨୮ ଯୁଗ୍ମ ସମ୍ପାଦିକା, ୩୩ ସାଙ୍ଗଠନିକ ଜିଲା ସଭାନେତ୍ରୀ, ୬୯ ଜଣଙ୍କୁ ଏକ୍‌ଜିକ୍ୟୁଟିଭ ସଦସ୍ୟ ଭାବେ ନିଯୁକ୍ତି ଦେଇଛନ୍ତି। ଶନିବାର ବିଜେଡି ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

ରାଜଶ୍ରୀ ମଲ୍ଲିକ, ମଞ୍ଜୁଲତା ମଣ୍ଡଳ, ରୀତା ତରାଇ, ଲତିକା ପ୍ରଧାନ ଏବଂ ନନ୍ଦିନୀ ଦେବୀଙ୍କୁ ଉପଦେଷ୍ଟା ଭାବେ ନିଯୁକ୍ତି ଦିଆଯାଇଛି। କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ସୁଭାଷିନୀ ଜେନା, ସୁଲତା ଦେଓ ଏବଂ ନିବେଦିତା ମହାନ୍ତି, ସାଧାରଣ ସମ୍ପାଦିକା ଭାବେ କସ୍ତୁରୀ ମହାପାତ୍ର, ରାଜ୍ୟ କୋଷାଧ୍ୟକ୍ଷା ଭାବେ ଜୟଶ୍ରୀ ଦାସ ଏବଂ ସାମାଜିକ ଗଣମାଧ୍ୟମ ସଂଯୋଜିକା ଭାବେ ମାନସୀ ସୁନ୍ଦରରାୟଙ୍କୁ ନିଯୁକ୍ତି ଦିଆଯାଇଛି।

ଭୁବନେଶ୍ୱର ଜୋନ୍ ସଭାନେତ୍ରୀ ଭାବେ ରଞ୍ଜୁଲତା ରାୟ ଏବଂ କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ପୁଷ୍ପାଞ୍ଜଳି ରଣାଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ସୁଭଦ୍ରା ଦାସ କଟକ ଜୋନ୍‌ର ସଭାନେତ୍ରୀ ଓ ପ୍ରଭାସିନୀ ଷଡ଼ଙ୍ଗୀ କାର୍ଯ୍ୟକାରୀ ସଭାନେତ୍ରୀ, ବାଲେଶ୍ୱର ସଭାନେତ୍ରୀ ଭାବେ ବୀଣାପାଣି ସାହୁ ଓ କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ମୀନା ମାଝି, ସମ୍ବଲପୁର ସଭାନେତ୍ରୀ ଭାବେ ସବିତା ଆଚାର୍ଯ୍ୟ ଓ କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ସନ୍ଧ୍ୟାରାଣୀ ଲାକ୍ରା, ବଲାଙ୍ଗୀର ସଭାନେତ୍ରୀ ଭାବେ କଲ୍ୟାଣୀ ନାୟକ ଓ କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ପୁଷ୍ପାଞ୍ଜଳି ପାଣ୍ଡେ, ଗଞ୍ଜାମ ସଭାନେତ୍ରୀ ଭାବେ ମମତା ବିଶୋଇ ଏବଂ କୋରାପୁଟ ସଭାନେତ୍ରୀ ଭାବେ ରୀତା ପାଣିଗ୍ରାହୀଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ସନ୍ଧ୍ୟାରାଣୀ ବିଶ୍ୱାଳ, ସଂଯୁକ୍ତା ମହାନ୍ତି, ପଦ୍ମିନୀ ଶେଖର ଦେଓ, ଜ୍ୟୋତି ପାଣିଗ୍ରାହୀ, ନିବେଦିତା ନାୟକ, କନକ ପ୍ରଭା ଲେଙ୍କା, ପ୍ରଭାସିନୀ ନନ୍ଦ, ସଂଯୁକ୍ତା ମାହାଲ ଓ ଉର୍ମିଳତା ଦାସଙ୍କୁ ବରିଷ୍ଠ ଉପ ସଭାନେତ୍ରୀ ଭାବେ ନିଯୁକ୍ତି ଦିଆଯାଇଛି। ଉପ ସଭାନେତ୍ରୀ ଭାବେ ମହାମାୟା ସ୍ୱାଇଁ, ସୁନୀତା ବିଶ୍ୱାଳ, କ୍ୟୁ. ସୁଲତାନା, ଉଷାରାଣୀ ମହାନ୍ତି, ବାସନ୍ତୀ ମହାପାତ୍ର, ମାଳତୀ ଗୁରୁ, ଗୋପା ମହାନନ୍ଦ, ପ୍ରୀତିନନ୍ଦା ରାଉତରାୟ, ଉଷା ପ୍ରଧାନ, ସୁଜାତା ପଣ୍ଡା, କବିତା ପୁରୋହିତ, ସିପ୍ରା ମହାନ୍ତି, ରୁନୁ ଜେନା, ମାଳତୀ ସାହୁ, ରେଜୱାନା ବେଗମ, କେ. ମାଧବୀ, ସାଇଶ୍ରୀ ପଟ୍ଟନାୟକ, ଶ୍ରଦ୍ଧାଞ୍ଜଳି ରାୟ, ସାଧନା ସାମନ୍ତରାୟ, ବବିତା ସ୍ୱାଇଁ, ନିନାରାଣୀ ସାମଲ, ସଂଯୁକ୍ତା ପାଳ, ମାନିନୀ ଭୋଇ, ସୀମା ନାୟକ, ମିନତି ଦେବତା, ସମ୍ପତ୍ତି ମୋଡା, ଜ୍ୟୋତିରେଖା ନାୟକଙ୍କୁ ନିଯୁକ୍ତି ଦିଆଯାଇଛି।

ସାଧାରଣ ସମ୍ପାଦିକା ଭାବେ ଆରତି ଚୌଧୁରୀ, ସବିତା ବେହେରା, ଲୋରା ମହାପାତ୍ର, ସମ୍ପା ମଜୁମଦାର, ରୀନା ଗଡ଼ନାୟକ, ଶକୁନ୍ତଳା ସାହୁ, ଅରୁଣିମା ନନ୍ଦ, ଜ୍ୟୋତ୍ସ୍ନାରାଣୀ ଜେନା, ମଞ୍ଜୁ ପଣ୍ଡା, ତେହେରା ଖାତୁନ, ଲିଙ୍କନ ସୁବୁଦ୍ଧି, ପୁଷ୍ପା ଦାସ, ସ୍ୱର୍ଣ୍ଣପ୍ରଭା ରାୟ, ମିତା ରାଉତ, ସୁନନ୍ଦା କୁମାରୀ ପତି, ପୂଜାରାଣୀ ବଳ, ନମିତା ନାୟକ, ସୋନାଲି ଡାକୁଆ, ରୋଜାଲିନ୍ ପଟେଲ, ଜ୍ୟୋତ୍ସ୍ନା ପାଢ଼ୀ, ମାଳତୀ ମାଝି, ଇତିଶ୍ରୀ ଜେନା, କଳ୍ପନା ଭୋଳ, ତନ୍ମୟୀ ରାୟ, ସୁନୀତି ସିଂ, ଉଷା ସାମଲ, ମମତା ଦଣ୍ଡପାଟ, ବନ୍ଦନା କର, ଲକ୍ଷ୍ମୀ ନାୟକ, ସ୍ୱପ୍ନା ସରିତା ବଳ, ମିନତି ନାୟକ, ସୀମା ଦାସ, ସୁମିତ୍ରା ମହାପାତ୍ର, ପୁଷ୍ପା ସ୍ୱାଇଁଙ୍କୁ ନିଯୁକ୍ତି ଦିଆଯାଇଛି।

ଦଳର ସମ୍ପାଦିକା ଭାବେ ବାସନ୍ତୀ ସିଂ, ଶୋଭାଙ୍ଗିନୀ ଜେନା, ଶେଫାଳି ସାମଲ, ସ୍ନେହପ୍ରଭା ତ୍ରିପାଠୀ, ସୁରଭି ଜେନା, ଝୁଲଣା ବେହେରା, ରଞ୍ଜିତା ଖାଲି, ନର୍ମଦା ଦଳାଇ, ମଧୁମତି ଅଗ୍ରୱାଲ, କବିତା ମଞ୍ଜରୀ ପରିଡ଼ା, ସ୍ୱର୍ଣ୍ଣଲତା ନାୟକ, ପ୍ରଜ୍ଞା ପଣ୍ଡା, ନବୀନା ନାୟକ, ସୁନନ୍ଦା ସାହୁ, ବାସନ୍ତୀ ମାଝି, କଳ୍ପନା ମିଶ୍ର, ଡଲି ସାହୁ, ବିଜୟଲକ୍ଷ୍ମୀ କନ୍ଦପନ, ସୁପ୍ରଭା ପ୍ରଧାନ, କଳ୍ପନା ଜେନା, ଶକୁନ୍ତଳା ମହାପାତ୍ର, ଶ୍ରାବଣୀ ଦାସ, ବୀଣାପାଣି ସାହୁ, ସୁଜାତା ଦିଗଲ, ସୌମ୍ୟ ସାଗରିକା ଶୁକ୍ଳା, ସଂଘମିତ୍ରା ଦଳାଇ, ଜୟନ୍ତୀ ପଣ୍ଡା, ରାଜଲକ୍ଷ୍ମୀ ପ୍ରଧାନ, ଅନୀତା ପାତ୍ର, ତୁଳସୀ କ୍ରିସାନି, ମିନତି ବିଶ୍ୱାଳ, ସୌଦାମିନୀ ଜେନା, ଅନୁପମା ଦାଶ, ସୁନୀତା ପ୍ରଧାନ, ଶକୁନ୍ତଳା ନୁଦ୍ରୁକା ଏବଂ ମଞ୍ଜୁଶ୍ରୀ ଦଳାଇଙ୍କୁ ନିଯୁକ୍ତି ଦିଆଯାଇଛି।

**ବ୍ୟାଙ୍କ ଘରୋଇକରଣ ପ୍ରକ୍ରିୟା ତ୍ୱରାନ୍ୱିତ**

ସରକାର ୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଘରୋଇକରଣ ନେଇ ପ୍ରକ୍ରିୟା ଜୋର୍‌ଦାର କରିଛନ୍ତି। ଏହି କ୍ରମରେ କ୍ୟାବିନେଟ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ନିୟାମକ ଏବଂ ପ୍ରଶାସନିକ ପ୍ରସଙ୍ଗରେ ଆଲୋଚନା କରାଯାଇଛି। ଏହି ପ୍ରସ୍ତାବକୁ ବିନିବେଶ ସଂକ୍ରାନ୍ତ ମନ୍ତ୍ରୀ ସମୂହ କିମ୍ବା ଅଲଟରନେଟିଭ୍ ମେକାନିଜମ୍ ନିକଟରେ ମଞ୍ଜୁରି ଲାଗି ରଖାଯିବ।

## ସଂକ୍ଷେପରେ

### ନୂଆ ୫ଜି ଫୋନ ଆଣିଲା ରିୟଲ ମି

**ନୂଆଦିଲ୍ଲୀ,୨୭।୬:** ରିୟଲ ମି ଇଣ୍ଡିଆ ପକ୍ଷରୁ ନୂଆ ୫ଜି ଟେକ୍ନୋଲୋଜିଭିତ୍ତିକ ସ୍ମାର୍ଟଫୋନ ରିୟଲ ମି ନାର୍ଜୋ ୩୦ ୫ଜି ଏବଂ ରିୟଲ ମି ନାର୍ଜୋ ୩୦ ସ୍ମାର୍ଟଫୋନ ବଜାରକୁ ଆସିଛି। ଏହାବାଦ ରିୟଲ ମି ସ୍ମାର୍ଟ ଟିଭି ଫୁଲ ଏଚ୍‌ଡି ୩୨ ଇଞ୍ଚ ଏବଂ ରିୟଲ ମି ବଡ କ୍ୟୁ ୨ ଶୁଭାରମ୍ଭ ହୋଇଛି। ନୂଆ ରିୟଲ ମି ନାର୍ଜୋ ୫ଜି ଏକ ୬ ଜିବି କ୍ଷମତା ବିଶିଷ୍ଟ ସ୍ମାର୍ଟଫୋନ। ସେହିଭଳି ରିୟଲ ମି ନାର୍ଜୋ ୩୦ରେ ଶକ୍ତିଶାଳୀ ଜି ୯୫ ରହିଛି। ଏଗୁଡିକ ଗ୍ରାହକଙ୍କ ସୁଲଭତାକୁ ନଜରରେ ରଖି ପ୍ରସ୍ତୁତ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ୫ଜି ଫ୍ୟାନ୍ସ ଏବଂ ଯଙ୍ଗ ପ୍ଲେୟରମାନେ ଏହା ଦ୍ୱାରା ଏକ ଉନ୍ନତ ଅଭିଜ୍ଞତା ଲାଭ କରିବାକୁ ସକ୍ଷମ ହେବେ। ସେହିଭଳି କମ୍ପାନୀର ନୂଆ ସ୍ମାର୍ଟ ଫୁଲ ଏଚ୍‌ଡି ଟିଭି ଉନ୍ନତ ଅଭିଜ୍ଞତା ପ୍ରଦାନ କରିବାକୁ ସକ୍ଷମ ହେବ। ରିୟଲମି ବଡ୍ସ କ୍ୟୁ୨ ଆକ୍ଟିଭ ନଏଜ କ୍ୟାନସେଲେଶନ ଫିଚର ସହ ଆସିଛି।

### ଆପୋଲୋରେ ବିରଳ ଅସ୍ତ୍ରୋପଚାର

**ଭୁବନେଶ୍ୱର,୨୭।୬:** ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍ପିଟାଲ୍‌ରେ ଏକ ବିରଳ ଅସ୍ତ୍ରୋପଚାର ସମ୍ପନ୍ନ ହୋଇଛି। ଜନୈକ ଅବସରପ୍ରାପ୍ତ ରେଳବାଇ କର୍ମଚାରୀ ଧାରୁଆ ମେଶିନ୍‌ରେ କାର୍ଯ୍ୟରତ ଥିବା ସମୟରେ ତାଙ୍କ ବାମହାତର ବୁଢା ଆଙ୍ଗୁଠିଟି ସମ୍ପୂର୍ଣ୍ଣ ଭାବରେ କଟିଯାଇଥିଲା। ତାଙ୍କୁ ଆପୋଲୋ ହସ୍ପିଟାଲକୁ ସ୍ଥାନାନ୍ତରଣ କରାଯାଇଥିଲା। କଟି ଯାଇଥିବା ଆଙ୍ଗୁଠିକୁ ପରୀକ୍ଷା କରାଯିବା ପରେ ଡିଜିଟାଲ୍ ଆର୍ଟେରୀ, ନର୍ଭ, ଡୋର୍ସାଲ୍ ଭେନ୍, ଏକ୍ସଟେନସର୍ ଓ ଫ୍ଲେକ୍ସର ଟେଣ୍ଡନ୍‌ଗୁଡ଼ିକୁ ପୁନଃସ୍ଥାପିତ କରାଯାଇଥିଲା। ଦୀର୍ଘ ସାଢେ ତିନି ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ଡାକ୍ତରମାନେ କଟା ଆଙ୍ଗୁଠିକୁ ଯୋଡ଼ିବାରେ ସଫଳ ହୋଇଥିଲେ। ପ୍ଲାଷ୍ଟିକ୍ ଏବଂ ମାଇକ୍ରୋ ଭାସ୍କୁଲାର ସର୍ଜରି ବିଭାଗ ମୁଖ୍ୟ ଡ. ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ନେତୃତ୍ୱରେ ଏହି ଅସ୍ତ୍ରୋପଚାରରେ ଡ. ସନ୍ତୋଷ ପାଣିଗ୍ରାହୀ ସହାୟତା କରିଥିଲେ। ଡ. ସିଦ୍ଧାର୍ଥ ମହାନ୍ତି ରୋଗୀଙ୍କୁ ଆନାସ୍ଥେସିଆ ପ୍ରଦାନ କରିଥିଲେ।

# ଜୁଲାଇରୁ ମିଳିବନି ବର୍ଦ୍ଧିତ ମହଙ୍ଗା ଭତ୍ତା

**ନୂଆଦିଲ୍ଲୀ,୨୭।୬**

କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟରତ କର୍ମଚାରୀ ଏବଂ ପେନ୍‌ସନଭୋଗୀଙ୍କୁ ଅର୍ଥ ମନ୍ତ୍ରାଳୟର ସ୍ପଷ୍ଟୀକରଣ ନିରାଶ କରିବ। ଚଳିତବର୍ଷ ଜୁଲାଇରୁ କେନ୍ଦ୍ର କର୍ମଚାରୀଙ୍କୁ ବର୍ଦ୍ଧିତ ମହଙ୍ଗା ଭତ୍ତା (ଡିଏ) ଏବଂ ପେନ୍‌ସନଭୋଗୀଙ୍କୁ ଡିୟରନେସ ରିଲିଫ(ଡିଆର୍) ମିଳିବନି ବୋଲି ମନ୍ତ୍ରାଳୟ ରବିବାର ସ୍ପଷ୍ଟ କରିଛି। ଏ ନେଇ କୌଣସି ଅଫିସିଆଲ ମେମୋରାଣ୍ଡମ ଜାରି କରାଯାଇ ନ ଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଗତବର୍ଷ ଏପ୍ରିଲରେ ବଢିଥିବା ମହଙ୍ଗା ଭତ୍ତା ଏବଂ ଡିଆର୍ ପ୍ରଦାନକୁ ଅର୍ଥ ମନ୍ତ୍ରାଳୟ ୨୦୨୧ ଜୁଲାଇ ପର୍ଯ୍ୟନ୍ତ ରୋକ୍ ଲଗାଇଥିଲା।

ଜୁଲାଇରୁ ସରକାର ଡିଏ ଏବଂ ଡିଆର୍ ଜାରି କରିବେ ବୋଲି ସୋସିଆଲ

**ସ୍ପଷ୍ଟ କଲା ଅର୍ଥ ମନ୍ତ୍ରାଳୟ**



ମିଡିଆରେ ଏକ ମିଥ୍ୟା ନୋଟିଫିକେଶନ ଘୁରି ବୁଲୁଛି। ଡିଏ ଏବଂ ଡିଆର୍ ପୁଣି ଥରେ ଜାରି କରାଯିବ ବୋଲି ଏଥିରେ କୁହାଯାଇଛି। ମାତ୍ର ଏହି ବିଜ୍ଞପ୍ତି ମିଥ୍ୟା ବୋଲି ମନ୍ତ୍ରାଳୟ କହିଛି। କେନ୍ଦ୍ର ସରକାର ଏପ୍ରିଲ ୨୩ରେ ଏକ ନୋଟିଫିକେସନ ଜାରି କରି କହିଥିଲେ, ୧ ଜାନୁୟାରୀ ୨୦୨୦ରୁ ୩୦ ଜୁନ ୨୦୨୧ ଅବଧିରେ କୌଣସି ପ୍ରକାରର ଏରିୟର ବା ବକେୟା ଜାରି କରାଯିବ ନାହିଁ। ଜୁଲାଇ ପହିଲାରୁ ଡିଏ-ଡିଆର୍ ଲାଗୁ କରିବା ଏବଂ ଏରିୟର ପ୍ରଦାନ ନେଇ ଅର୍ଥ ମନ୍ତ୍ରାଳୟ, ନ୍ୟାଶନାଲ କାଉନସିଲ ଫର ଜଏଣ୍ଟକନସଲଟେଟିଭ ମେଶିନାରୀ(ଜେସିଏମ), ଡିପାର୍ଟମେଣ୍ଟ ଅଫ୍ ପର୍ସୋନେଲ ଆଣ୍ଡ ଟ୍ରେନିଂ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମାତ୍ର ଏହି ବୈଠକରେ କ'ଣ ନିଷ୍ପତ୍ତି ହେଲା ସେ ନେଇ ଅର୍ଥ ମନ୍ତ୍ରାଳୟ କିମ୍ବା ଜେସିଏମ୍ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଦିଆଯାଇନାହିଁ।

**୧୮ ମାସରୁ ମିଳିନି ଡିଏ-ଡିଆର୍**

କୋଭିଡ୍-୧୯ ଯୋଗୁ ୧ ଜାନୁୟାରୀ ୨୦୨୦ରୁ ଡିଏ ଏବଂ ଡିଆର୍ ପ୍ରଦାନ ଉପରେ ରୋକ୍ ଲାଗିଛି। ଏହି କାରଣରୁ କେନ୍ଦ୍ର କର୍ମଚାରୀ ଏବଂ ପେନ୍‌ସନଭୋଗୀଙ୍କୁ ୨୦୨୦ ଜାନୁୟାରୀ ପହିଲାରୁ ୨୦୨୧ ଜୁନ ୩୦ ମଧ୍ୟରେ (୧୮ ମାସ) ଡିଏ-ଡିଆର୍ ମିଳିନାହିଁ। କେନ୍ଦ୍ର କର୍ମଚାରୀ ଏବଂ ପେନ୍‌ସନଭୋଗୀଙ୍କ ଡିଏ ପ୍ରତି ୬ ମାସରେ ବୃଦ୍ଧି ହୋଇଥାଏ। ୨୦୨୦ ଜାନୁୟାରୀରେ ଡିଏ ୪%, ଜୁନ ୨୦୨୦ରେ ୩% ଏବଂ ଜାନୁୟାରୀ ୨୦୨୧ରେ ୪% ବୃଦ୍ଧି ହୋଇଥିଲା।

**୨୮%ରେ ପହଞ୍ଚିବ ଡିଏ**

ବର୍ତ୍ତମାନ କେନ୍ଦ୍ର କର୍ମଚାରୀଙ୍କୁ ୧୭% ମହଙ୍ଗା ଭତ୍ତା ମିଳୁଛି। ଗତ ୩ଟି କିସ୍ତିରେ ବଢିଥିବା ଭତ୍ତାର ହାରକୁ ଦେଖିଲେ ଏହା ୨୮%ରେ ପହଞ୍ଚିବ। କେନ୍ଦ୍ର ସରକାର ଯଦି ଚଳିତ ବର୍ଷ ଜୁଲାଇରୁ ମହଙ୍ଗା ଭତ୍ତା ପ୍ରଦାନ ନେଇ ନିଷ୍ପତ୍ତି ନିଅନ୍ତି ତେବେ ୨୮% ହାରରେ ଭତ୍ତା ଦେବାକୁ ପଡିବ। ଏହାର ଲାଭ ପେନ୍‌ସନଭୋଗୀଙ୍କୁ ମଧ୍ୟ ମିଳିବ। ଉଲ୍ଲେଖଯୋଗ୍ୟ କେନ୍ଦ୍ର ସରକାରଙ୍କ ଅଧୀନରେ ୫୨ ଲକ୍ଷ କର୍ମଚାରୀ ଏବଂ ୬୦ ଲକ୍ଷ ପେନ୍‌ସନଭୋଗୀ ରହିଛନ୍ତି।

# ପ୍ରଥମ ତ୍ରୈମାସ ଅଭିବୃଦ୍ଧି ୧୧.୫% ରହିପାରେ

**ନୂଆଦିଲ୍ଲୀ,୨୭।୬**



ଚଳିତ ଆର୍ଥିକବର୍ଷ ପ୍ରଥମ ତ୍ରୈମାସରେ ଭାରତର ମୋଟ ଘରୋଇ ଉତ୍ପାଦ(ଜିଡିପି) ଅଭିବୃଦ୍ଧି ୧୧.୫% ରହିପାରେ। ସେହିଭଳି ଚଳିତ ଆର୍ଥିକ ବର୍ଷରେ ଜିଡିପି ୮.୪%ରୁ ୧୦.୧% ରହିପାରେ ବୋଲି ନ୍ୟାଶନାଲ କାଉନ୍‌ସିଲ ଅଫ ଆପ୍ଲାଏଡ୍ ଇକୋନୋମିକ ରିସର୍ଚ୍ଚ(ଏନ୍‌ସିଏଇଆର୍) ପକ୍ଷରୁ ରବିବାର ଏକ ରିପୋର୍ଟ ପ୍ରକାଶ ପାଇଛି। ୨୦୨୦-୨୧ରେ ଜିଡିପି ୧୪୬ ଲକ୍ଷ କୋଟି ରହିବ ବୋଲି ଆକଳନ କରାଯାଇଛି। ଏହା ୨୦୧୯-୨୦ରେ ସମାନ ରହିଥିଲା। ଗତ ବର୍ଷ କରୋନା ଯୋଗୁ ଜିଡିପି -୭.୩% ଖସିଛି। ଏହାକୁ ଭରଣା କରିବାକୁ ବଜାରକୁ କିଛି ସମୟ ଲାଗିବ। ଦ୍ୱିତୀୟ ଲହର ବଜାରକୁ ପ୍ରଭାବିତ କରିଥିବା ବେଳେ ଅନେକ ଲୋକ ମୃତ୍ୟୁ ମୁଖରେ ପଡିଛନ୍ତି। ଚଳିତବର୍ଷ ଏପ୍ରିଲ ଏବଂ ମେ ମାସରେ ଦେଶ ମଧ୍ୟରେ ଆର୍ଥିକ କାର୍ଯ୍ୟକଳାପ ଗଭୀର ଭାବେ ପ୍ରଭାବିତ ହୋଇଛି। ବର୍ତ୍ତମାନ ଅନ୍‌ଲକ୍ ଜାରି ହୋଇଥିବାରୁ ଆର୍ଥିକ କାର୍ଯ୍ୟକଳାପରେ ସୁଧାର ପରିଲକ୍ଷିତ ହେଉଥିବା ଜଣାପଡିଛି। ସେହିଭଳି ଚଳିତ ଆର୍ଥିକ ବର୍ଷରେ ଅର୍ଥ ବ୍ୟବସ୍ଥାରେ ସୁଧାର ପରିଲକ୍ଷିତ ହେବ ବୋଲି ଏସ୍‌ବିଆଇ ଅଧ୍ୟକ୍ଷ ଦିନେଶ କୁମାର ଖାରା ମତବ୍ୟକ୍ତ କରିଛନ୍ତି। କରୋନା ଦ୍ୱିତୀୟ ଘରୋଇ ବଜାର ଏବଂ ଆର୍ଥିକ କାର୍ଯ୍ୟକଳାପକୁ ସ୍ଥିର କରିଦେଇଥିବା ବେଳେ ବଜାର ପୁଣି ଥରେ କ୍ରିୟାଶୀଳ ହେବ ବୋଲି ସେ ଆଶାବାଦୀ ଥିବା କହିଛନ୍ତି।

# ଏସ୍‌ବିଆଇର ଆରୋଗ୍ୟମ୍ ହେଲ୍‌ଥ କେୟାର ବ୍ୟବସାୟ ଋଣ

**ମୁମ୍ବାଇ,୨୭।୬**

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ) ପକ୍ଷରୁ ଏକ ନୂଆ ଉତ୍ପାଦ 'ଆରୋଗ୍ୟମ୍ ହେଲ୍‌ଥ କେୟାର ବ୍ୟବସାୟ ଋଣ'ର ଶୁଭାରମ୍ଭ କରାଯାଇଛି। ଏହି ନୂତନ ଉତ୍ପାଦ ଜରିଆରେ ମେଡିକାଲ, ନର୍ସିଂ ହୋମ, ରୋଗ ନିଦାନ କେନ୍ଦ୍ର, ପରୀକ୍ଷାଗାର (ପାଥଲୋଜି), ଉତ୍ପାଦନକାରୀ, ଯୋଗାଣକାରୀ, ଆମଦାନୀକାରୀ, ଲଜିଷ୍ଟିକ ଭଳି ସଂସ୍ଥାଗୁଡିକୁ ପ୍ରାୟ ୧୦୦ କୋଟିର ଋଣ ଆକାରରେ ସହାୟତା ଯୋଗାଇ ଦେବାକୁ ବ୍ୟାଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ସେହିଭଳି ଏହି ଋଣ କେବଳ ମେଟ୍ରୋ ସହରଗୁଡିକରେ ୧୦୦ କୋଟି ଟଙ୍କା ପର୍ଯ୍ୟନ୍ତ ସୁବିଧା ପ୍ରଦାନ କରାଯାଉଛି। ଏହି ସୁବିଧା ଟିୟର ୧ ଏବଂ ସହରାଞ୍ଚଳରେ ୨୦ କୋଟି ଟଙ୍କା ଏବଂ ଟିୟର ୨ ଠାରୁ ଟିୟର ୬ ପର୍ଯ୍ୟନ୍ତ ବିଭିନ୍ନ ସହରରେ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ଦିଆଯାଉଛି।



ଏହା ମିଆଦୀ ଋଣ ହୋଇଥିବା ବେଳେ ୧୦ ବର୍ଷ ମଧ୍ୟରେ ପରିଶୋଧ କରିବାକୁ ପଡ଼ିବ। ସେହିପରି ୨ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ନେଇଥିବା ବ୍ୟକ୍ତି ବା ସଂସ୍ଥାକୁ କୌଣସି ବନ୍ଧକ କିମ୍ବା ସିକ୍ୟୁରିଟି ଦେବାକୁ ପଡିବ ନାହିଁ ବୋଲି ଜଣାପଡିଛି। ଏ ସମ୍ପର୍କରେ ଏସବିଆଇର ଅଧ୍ୟକ୍ଷ ଦିନେଶ ଖାରା କହିଛନ୍ତି, ଏହି ନୂତନ ପ୍ରଡକ୍ଟ ଶୁଭାରମ୍ଭ କରି ଆମେ ବେଶ୍ ଆଶାବାଦୀ ରହିଛୁ ଯେ ଦେଶର ସ୍ୱାସ୍ଥ୍ୟସେବା ଉନ୍ନତ ହେବା ସହିତ ଏହା ସହ ଜଡ଼ିତ ସଂସ୍ଥାଗୁଡିକର ମଧ୍ୟ ବିକାଶ ହୋଇପାରିବ।


## ପିଏନ୍‌ବିର ନୂଆ ମଣ୍ଡଳ ମୁଖ୍ୟ

**ଭୁବନେଶ୍ୱର,୨୭।୬**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ମିଶ୍ରଣ ପରେ ପଶ୍ଚିମ ଓଡ଼ିଶାର ୯ଟି ଜିଲାକୁ ନେଇ ଗଠିତ ନୂଆ ସମ୍ବଲପୁର ମଣ୍ଡଳର ମୁଖ୍ୟ ଭାବେ ଅରବିନ୍ଦ ପଣ୍ଡା କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ପଣ୍ଡା ଏହା ପୂର୍ବରୁ ପଞ୍ଜାବର ଜଳନ୍ଧର(ପୂର୍ବ) ମଣ୍ଡଳର ମଣ୍ଡଳ ମୁଖ୍ୟ ଭାବେ କାର୍ଯ୍ୟରତ ଥିଲେ। ୧୯୮୯ରେ ସେ ପିଏନ୍‌ବିରେ ଅଫିସର ଭାବେ ଯୋଗଦେଇଥିଲେ। ସେ ବିହାର, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଏବଂ ପଞ୍ଜାବରେ ବିଭିନ୍ନ ପଦପଦବୀରେ ରହି କାର୍ଯ୍ୟ କରିଛନ୍ତି। ସମ୍ବଲପୁର ମଣ୍ଡଳର ମୁଖ୍ୟ ଭାବେ ସେ କରୋନା ମହାମାରୀ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ରିଟେଲ, ଏମ୍‌ଏସ୍‌ଏମ୍‌ଇ ଏବଂ କୃଷି କ୍ଷେତ୍ରକୁ ସହାୟତା ପ୍ରଦାନ କରିବା ଦିଗରେ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ, ପଶ୍ଚିମ ଓଡ଼ିଶାର ଦେବଗଡ, ସମ୍ବଲପୁର, ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ନୂଆପଡା, ବଲାଙ୍ଗୀର, ବୌଦ୍ଧ ଏବଂ ସୋନପୁରର ୭୪ଟି ଶାଖା ସମ୍ବଲପୁର ମଣ୍ଡଳରେ ରହିଛି।

# ବକ୍ସାଇଟ ଆମଦାନୀ ବିଲ୍ ଯୋଗାଣ ଚେନ୍‌ରେ ବିନିଯୋଗ ହେଉ

**ନୂଆଦିଲ୍ଲୀ,୨୭।୬**



ଆଲୁମିନିୟମ୍ ଉତ୍ପାଦନ ପାଇଁ ବ୍ୟବହୃତ ହେଉଥିବା କଞ୍ଚାମାଲ ବକ୍ସାଇଟ୍ ଆମଦାନୀ ଯୋଗୁ ଭାରତ ବୃହତ୍ତ ପରିମାଣର ବିଦେଶୀ ମୁଦ୍ରା କ୍ଷତି ସହୁଛି। ୨୦୨୧ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଏଥିଯୋଗୁ ୫୧.୯୭ ନିୟୁତ ଡଲାର(୩୯୦ କୋଟି ଟଙ୍କା)ର କ୍ଷତି ହୋଇଥିବା ଇଣ୍ଡିଆନ ଇଣ୍ଡଷ୍ଟ୍ରିଆଲ ଭାଲ୍ୟୁ ଚେନ୍ କଲେକ୍ଟିଭ (ଆଇଆଇଭିସିସି) ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ଏହାଦ୍ୱାରା ଉତ୍ତୋଳନ, ପରିବହନ, ପ୍ରକ୍ରିୟାକରଣ ଏବଂ ବକ୍ସାଇଟ୍ ଯୋଗାଣ ତଥା ଶେଷ ଉତ୍ପାଦ ପ୍ରସ୍ତୁତିରେ ବିସ୍ତୃତ ପରିମାଣର ଭାଲ୍ୟୁଚେନ୍ ଉପଲବ୍ଧ ହୋଇପାରିଥାନ୍ତା। ଏହି ଅବସରରେ ଆଇଆଇଭିସିସିର ସଦସ୍ୟ ତଥା ପବ୍ଲିକ୍ ରେସପନ୍ସ ଏଗନେଷ୍ଟ ହେଲ୍ପଲେସ୍ ଆଣ୍ଡ ଆକ୍ସନ ଫର୍ ରିଡ୍ରେସାଲ୍(ପିଆର୍‌ଏଏଚ୍‌ଏଆର୍)ର ସଭାପତି ଅଭୟରାଜ ମିଶ୍ର କହିଛନ୍ତି, କୌଣସି ଅଞ୍ଚଳର ପ୍ରାକୃତିକ ସମ୍ପଦର ସୁବିନିଯୋଗ ଏହାର ସାମାଜିକ ଆର୍ଥିକ ବିକାଶ କ୍ଷେତ୍ରରେ ହେବା ଆବଶ୍ୟକ। ଏପରିସ୍ଥଳେ ଭାରତ ପୃଥିବୀର ପଞ୍ଚମ ବୃହତ୍ ବକ୍ସାଇଟ୍ ଗଚ୍ଛିତ ଥିବା ଦେଶର ମାନ୍ୟତା ହାସଲ କରିଛି।

ଓଡ଼ିଶାରେ ୫୦ ପ୍ରତିଶତ ବକ୍ସାଇଟ୍ ସମ୍ପଦ ମହଜୁଦ୍ ଥିଲେ ମଧ୍ୟ ବାହାର ଦେଶରୁ ଏହା ଲଗାତର ଆମଦାନୀ ଦ୍ୱାରା ଗତ ୬ ବର୍ଷ ମଧ୍ୟରେ ଦେଶ ୫୭୧ ନିୟୁତ ଡଲାର( ୪,୪୦୦କୋଟି ଟଙ୍କା)ର ବିଦେଶୀ ମୁଦ୍ରାର କ୍ଷତି ସହିଛି। ଭାରତରେ ୩.୮ ବିଲିୟନ୍ ଟନ୍ ବକ୍ସାଇଟ୍ ଗଚ୍ଛିତ ଥିଲେ ମଧ୍ୟ ଚାହିଦା ପୂରଣ ପାଇଁ ବାହାର ଦେଶରୁ ଏହା ଆମଦାନୀ କରାଯାଉଛି। ଦେଶରେ ଗୋଟିଏ ବକ୍ସାଇଟ୍ ଖଣି ନିଲାମ କରାଗଲେ ୫ ହଜାର କୋଟିର ରାଜସ୍ୱ ସଂଗ୍ରହ ହେବା ସହିତ ୧୦ ହଜାରରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ହୋଇପାରିବ। ଏହାଦ୍ୱାରା ସାମାଜିକ ଆର୍ଥିକ ବିକାଶ ସମ୍ଭବ ହୋଇପାରିବ। ଭାରତ ବକ୍ସାଇଟ୍‌ଆମଦାନୀ ଯୋଗୁ ବିପୁଳ ପରିମାଣର ବିଦେଶୀ ମୁଦ୍ରା ହରାଉଛି। ଭାରତ ସରକାରଙ୍କ ବାଣିଜ୍ୟ ମନ୍ତ୍ରାଳୟ ଦ୍ୱାରା ପ୍ରକାଶିତ ହୋଇଥିବା ଇମ୍ପୋର୍ଟ-ଏକ୍ସପୋର୍ଟ ଡାଟାବ୍ୟାଙ୍କ ଅନୁସାରେ ଗତ ୬ ବର୍ଷ ମଧ୍ୟରେ ବକ୍ସାଇଟ୍ ଆମଦାନୀ ୩୦୦ ପ୍ରତିଶତ ବୃଦ୍ଧି ହୋଇଥିବା ରିପୋର୍ଟରେ ପ୍ରକାଶ ପାଇଛି।

## ଫୁରସତ୍

### ୟୁକ୍ରେନ୍‌ର ବେବି ଫ୍ୟାକ୍ଟ୍ରି

**କିଭ୍:** ମାତୃତ୍ୱ ପାଇବା ପାଇଁ କିଛି ମହିଳା ସରୋଗେସିକୁ ଆପଣାଇଥାନ୍ତି। ୟୁକ୍ରେନରେ ସରୋଗେସିକୁ ସ୍ୱୀକୃତି ମିଳିଥିବାବେଳେ ସେଠାରେ ରହିଛି ଶିଶୁ ଫ୍ୟାକ୍ଟ୍ରି। ପ୍ରତିବର୍ଷ ହଜାର ହଜାର ଦମ୍ପତି ଏଠାରୁ ସନ୍ତାନ ପ୍ରାପ୍ତ କରନ୍ତି। ସରୋଗେସି ମାଧ୍ୟମରେ ସନ୍ତାନ ଜନ୍ମ ପାଇଁ ୟୁକ୍ରେନ ଏହି ବ୍ୟବସାୟ ଚଲାଉଛି। ଏଠାରେ ଖୋଲାଖୋଲି ଭାବେ ସରୋଗେଟ୍ ମଦରଙ୍କୁ କାମରେ ଲଗାଯାଇଥାଏ। ନିଜେ ପିଲା ଜନ୍ମ କରିବାରେ ସକ୍ଷମ ନ ଥିବା ଦମ୍ପତି ୪୦ରୁ ୪୨ ଲକ୍ଷ ଟଙ୍କା ଦେଇ ସରୋଗେସି ଜରିଆରେ ସେଠାରୁ ସନ୍ତାନ ନେଇଥାନ୍ତି।

# ନାମ ବଦଳାଇଥିଲେ ଶାହରୁଖ



**ମୁମ୍ବାଇ:** ବଲିଉଡ୍ କିଙ୍ଗ୍ ଖାନ୍ ଶାହରୁଖ ଏକ ସାକ୍ଷାତକାରରେ ତାଙ୍କ ପିଲାଦିନର ନାମ ବିଷୟରେ କହିଥିଲେ। ଶାହରୁଖଙ୍କ ପିଲାଦିନର ନାଁ ଥିଲା ଅବଦୁର ରେହମାନ। ଏହି ନାମ ତାଙ୍କ ଜେଜେମା ଦେଇଥିଲେ। ତେବେ ଏହି ନାମ କେବେ ଅଫିସିଆଲି ପଞ୍ଜୀକୃତ ହୋଇ ନ ଥିଲା। ପରେ ପିତା ତାଙ୍କ ନାମ ଅବଦୁରକୁ ବଦଳାଇ ଶାହରୁଖ ଖାନ ରଖିଥିଲେ। ଅବଦୁର ରେହମାନ ନାମ ରହିଥିଲେ କିପରି ଲାଗିଥାନ୍ତି ତାହ ଭାବିଲେ ଅଜବ ଅନୁଭବ ହେଉଛି ବୋଲି ସେ ଶାହରୁଖ କହିଥିଲେ। ଶାହାରୁଖ ଖାନ ଏହା ମଧ୍ୟ କହିଛନ୍ତି ଯେ, ତାଙ୍କ ସମ୍ପର୍କୀୟମାନେ ପିଲାଦିନେ ତାଙ୍କୁ ଏହି ନାମରେ ଡାକି ଥଟ୍ଟା କରୁଥିଲେ। ତାଙ୍କ ସାଙ୍ଗମାନେ କହୁଥିଲେ, ତୁମେ ଯେତେବେଳେ ବିବାହ କରିବ, ଆମେ 'ଅବଦୁର ରେହମାନିଆ' ଗୀତ ଗାଇବୁ। ଏ ତ ଗଲା ଶାହରୁଖଙ୍କ ପିଲାଦିନର ନାଁ ସମ୍ପର୍କରେ। ଯଦି ତାଙ୍କ ୱାର୍କଫ୍ରଣ୍ଟ କଥା କହିବା ତେବେ ସେ ଖୁବ୍‌ଶୀଘ୍ର ଫିଲ୍ମ 'ପଠାନ୍'ରେ ନଜର ଆସିବେ। ଏହା ଏକ ଗୁପ୍ତଚର ଭିତ୍ତିକ ଫିଲ୍ମ। ଏଥିରେ ଦୀପିକା ପାଦୁକୋନ ଏବଂ ଜନ ଆବ୍ରାହମ୍‌ଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗତ ଜାନୁୟାରୀରେ ଏହା ରିଲିଜ ହେବାକୁ ସ୍ଥିର ହୋଇଥିଲେ ହେଁ କରୋନା ଯୋଗୁ ତାହା ହୋଇପାରି ନ ଥିଲା। ଆସନ୍ତା ବର୍ଷ ଇଦ୍ ଅବସରରେ ଏହି ଫିଲ୍ମ ମୁକ୍ତିଲାଭ କରିପାରେ। ଏହା ବ୍ୟତୀତ ଶାହାରୁଖ ସାଉଥ୍ ଫିଲ୍ମ ନିର୍ମାତା ଅଟ୍‌ଲିଙ୍କ ପରବର୍ତ୍ତୀ ପ୍ରୋଜେକ୍ଟରେ ନଜର ଆସିବେ ବୋଲି ଚର୍ଚ୍ଚା ହେଉଛି। ଏଥିସହ ରାଜ ଏବଂ କ୍ରିଷ୍ଣା ଡି.କେ.ଙ୍କ ସହ ମିଶି ଏକ କମେଡି-ଆକ୍ସନ ଥ୍ରିଲର ଫିଲ୍ମ ନିର୍ମାଣ ପାଇଁ ଆଲୋଚନା ହୋଇଥିବା ରିପୋର୍ଟରୁ ଜଣାଯାଇଛି। ୨୦୧୮ରେ ଶାହରୁଖ ଶେଷଥର ପାଇଁ 'ଜିରୋ'ରେ ନଜର ଆସିଥିଲେ। ଆନନ୍ଦ ଏଲ. ରାୟ ଏହାର ନିର୍ଦ୍ଦେଶନା ଦେଇଥିଲେ।

# ବନ୍ୟା ଉପରେ ବିଜୟ

ରଙ୍ଗବେରଙ୍ଗର ବିସ୍ତୀର୍ଣ୍ଣ ଟୁଲିପ୍ କ୍ଷେତ, ନଭଶ୍ଚୁମ୍ବୀ ପବନଚକି ଏବଂ ଜାଲ ପରି ଛନ୍ଦି ହୋଇଥିବା କେନାଲ ନେଦରଲାଣ୍ଡକୁ ଦେଇଛି ସ୍ୱତନ୍ତ୍ର ପରିଚୟ। ତେବେ ଊନବିଂଶ ଶତାବ୍ଦୀର ମଧ୍ୟ ଭାଗରେ ଉତ୍ତରପଶ୍ଚିମ ୟୁରୋପର ଅନ୍ୟତମ ସମୃଦ୍ଧିଶାଳୀ ଏହି ଦେଶର ଚିତ୍ର ଭିନ୍ନ ଥିଲା। ପ୍ରତିବର୍ଷ ପ୍ରଳୟଙ୍କରୀ ବନ୍ୟା ବିକାଶ ପଥରେ କଣ୍ଟା ସାଜିଥିଲା। ସମୁଦ୍ର ପାଇଁ ସମ୍ପୂର୍ଣ୍ଣ ଦେଶ ଜଳପ୍ଲାବନର ଶିକାର ହେବା ଆଶଙ୍କା ମଧ୍ୟ ସୃଷ୍ଟି ହୋଇଥିଲା। ତେବେ ବିଶେଷଜ୍ଞମାନଙ୍କ ସମସ୍ତ ଅନୁମାନକୁ ଭୁଲ ପ୍ରମାଣିତ କରି ନେଦରଲାଣ୍ଡ ବନ୍ୟା ଉପରେ ବିଜୟ ହାସଲ କରିପାରିଛି।



**ନୂଆଦିଲ୍ଲୀ:** ନେଦରଲାଣ୍ଡର ମୋଟ ଭୂଭାଗର ଏକ ଚତୁର୍ଥାଂଶ ସମୁଦ୍ର ପତ୍ତନରୁ ନିମ୍ନରେ ଅବସ୍ଥିତ। ସେହିପରି ଅର୍ଦ୍ଧେକ ଭୂମି ସମୁଦ୍ର ଜଳସ୍ତରଠାରୁ ମାତ୍ର କିଛି ମିଟର ଉପରେ ରହିଛି। ସାମୁଦ୍ରିକ ଜଳବାୟୁ ଲାଗି ପ୍ରତିବର୍ଷ ହେଉଥିବା ପ୍ରବଳ ବୃଷ୍ଟିପାତରେ ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ହୋଇଥାଏ। ତେବେ ନେଦରଲାଣ୍ଡ ସରକାର ବନ୍ୟା ବିପତ୍ତିରୁ ଧନଜୀବନ ହାନି କମାଇବା ଲାଗି ସ୍ଥାୟୀ ସମାଧାନର ବାଟ ଖୋଜି ପାଇଛନ୍ତି। ମାତ୍ର କେଇ ଦଶନ୍ଧି ମଧ୍ୟରେ ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ କରି ବନ୍ୟାକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇଥିବା ଏହି ଡଚ୍ ଦେଶଠାରୁ ପୃଥିବୀର ଅନ୍ୟ ରାଷ୍ଟ୍ରଗୁଡ଼ିକୁ ଅନେକ କିଛି ଶିଖିବାର ଅଛି ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

ନେଦରଲାଣ୍ଡରେ ୧୯୫୩ରେ ଆସିଥିଲା ପ୍ରଳୟଙ୍କରୀ ବନ୍ୟା। ଅଶାନ୍ତ ସମୁଦ୍ର ଗର୍ଭରେ ବିଲୀନ ହୋଇଗଲା ହାରାହାରି ୬୦୦ ବର୍ଗ କିମି ଭୂଭାଗ। ଏହି ବିପର୍ଯ୍ୟୟରେ ପାଖାପାଖି ୨୦୦୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଲକ୍ଷାଧିକ ପରିବାର ବାସହରା ହୋଇପଡ଼ିଥିଲେ। ଏଭଳି ବଡ଼ ଧରଣର ଦୁର୍ବିପାକ ପରେ ନେଦରଲାଣ୍ଡ ସରକାର ବନ୍ୟାର ସ୍ଥାୟୀ ସମାଧାନ ଲାଗି ଯୋଜନା

**ଭିନ୍ନ ଉଦାହରଣ ନେଦରଲାଣ୍ଡସ୍**

(ଫ୍ଲଡ୍ ଡିଫେନ୍ସ ସିଷ୍ଟମ୍) ପ୍ରସ୍ତୁତ କରିଥିଲେ।

ନେଦରଲାଣ୍ଡର ୨୦% ଜନବସତି ସମୁଦ୍ର ପତ୍ତନରୁ ନିମ୍ନରେ ଥିବା ଭୂଭାଗରେ ଗଢ଼ିଉଠିଛି। ବର୍ଷାଜଳ ସମୁଦ୍ରକୁ ନିଷ୍କାସିତ ହୋଇ ନ ପାରିଲେ ଏଭଳି ତଳୁଆ ଅଞ୍ଚଳରେ ପ୍ରବେଶ କରି ବ୍ୟାପକ କ୍ଷୟକ୍ଷତି କରୁଥିଲା। ତେବେ ୧୯୫୩ର ବିପର୍ଯ୍ୟୟ ଦେଶର ସାଧାରଣ ନାଗରିକ ଏବଂ ସରକାରଙ୍କୁ ଏଥିରୁ ମୁକୁଳିବାର ରାସ୍ତା ବିଷୟରେ ଭାବିବାକୁ ବାଧ୍ୟ କରିଥିଲା। ଏହାପରେ ବନ୍ୟା ଆଶଙ୍କା ରହୁଥିବା ଅଞ୍ଚଳକୁ ସମୁଦ୍ର ଜୁଆରରୁ ସୁରକ୍ଷା ଦେବା ଲାଗି ତଟବର୍ତ୍ତୀ ଅଞ୍ଚଳରେ ବିରାଟ ବନ୍ଧ ନିର୍ମାଣ କରାଗଲା। ଦେଶର ବନ୍ଦର ନଗରୀ 'ରୋଟେରଡମ୍'ରେ ସମୁଦ୍ର ଜଳକୁ ରୋକିବା ଲାଗି ବିଶାଳକାୟ ଗେଟ ନିର୍ମାଣ କରାଗଲା। ଅପରପକ୍ଷେ ସପ୍ତଦଶ ଶତାବ୍ଦୀରେ ନିର୍ମିତ ନେଦରଲାଣ୍ଡର ଡ୍ରେନେଜ୍ ସିଷ୍ଟମ ବେଶ୍ ଉନ୍ନତଧରଣର। ସରକାର ଏହାର ରକ୍ଷଣାବେକ୍ଷଣରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ପାଣି ଜମି ରହୁଥିବା ସମ୍ବେଦନଶୀଳ ସ୍ଥାନଗୁଡ଼ିକୁ ଚିହ୍ନଟ କରି ଶକ୍ତିଶାଳୀ ମୋଟର ଦ୍ୱାରା ଜଳ ନିଷ୍କାସନ ବ୍ୟବସ୍ଥା କରାଯାଇଛି। ଉଦ୍‌ବୃତ୍ତ ବନ୍ୟାଜଳକୁ ତୁରନ୍ତ ବିଭିନ୍ନ ଉପାୟରେ ନିଷ୍କାସନ ଏବଂ ସଂରକ୍ଷଣ କରି କୃଷିକାର୍ଯ୍ୟରେ ବ୍ୟବହାର ହେଉଛି। ଏହାକୁ ବାଦ୍‌ଦେଲେ ବନ୍ୟାରୁ ଘରକୁ ସୁରକ୍ଷା ଦେବାଲାଗି ବ୍ୟାପକ ବନୀକରଣ ସହ ପାଣିରେ ଭାସମାନ ଘର ନିର୍ମାଣ ଲାଗି ପ୍ରୋତ୍ସାହନ ଦିଆଯାଉଛି। ସେହିପରି ଉଦ୍‌ବୃତ୍ତ ବନ୍ୟାଜଳକୁ ଉପଯୋଗ କରି 'ୱାଟର ସ୍ପୋର୍ଟସ୍' ଆୟୋଜନରେ ନେଦରଲାଣ୍ଡ ଗୋଟିଏ ପାଦ ଆଗରେ ରହିଛି।

**କୃତ୍ରିମ ତରଙ୍ଗ ପ୍ରୟୋଗ**

ବର୍ଷାଦିନେ ସମୁଦ୍ର ଅଧିକ ଜୁଆରିଆ ହୋଇ ଭୂଭାଗ ଆଡ଼କୁ ମାଡ଼ି ଆସିଥାଏ। ଏଥିରୁ ବର୍ତ୍ତିବା ଲାଗି ନେଦରଲାଣ୍ଡର ଲ୍ୟୁମ୍‌ବର୍ଗ ସହରରେ ହାଇଡ୍ରୋଲିକ୍ ପଦ୍ଧତିରେ ପୃଥିବୀର ସବୁଠାରୁ ବଡ଼ କୃତ୍ରିମ ତରଙ୍ଗ ସୃଷ୍ଟି କରାଯିବା ଭଳି ବ୍ୟବସ୍ଥା ହୋଇଛି। ସମୁଦ୍ରରୁ ଭୂଭାଗ ଆଡ଼କୁ ପିଟି ହେଉଥିବା ଜୁଆରକୁ ଏଭଳି କୃତ୍ରିମ ତରଙ୍ଗ ରୋକିଥାଏ। ଝଡ଼ତୋଫାନ ଶାନ୍ତ ହୋଇଯିବା ପରେ କୃତ୍ରିମ ତରଙ୍ଗ ସୃଷ୍ଟି କରିବା ଲାଗି ବ୍ୟବହୃତ ପାଣି (ପ୍ରାୟ ୯ ମିଲିୟନ ଲିଟର)କୁ କେନାଲ ମାଧ୍ୟମରେ ନିଷ୍କାସନ କରିଦିଆଯାଏ।

**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ବସନ୍ତ କୁମାର ମହାପାତ୍ର
ଜିଏଲ-୩୦, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର
ଆବିର୍ଭାବ: ୧୨।୧୧।୧୯୩୭
ତିରୋଧାନ: ୧୮।୦୬।୨୦୨୧
ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା, କର୍ତ୍ତବ୍ୟବୋଧ ଓ ସମୟାନୁବର୍ତ୍ତିତା ଆମମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ ସମସ୍ତଙ୍କର ବିନମ୍ର ପ୍ରାର୍ଥନା। ....ଶୋକସନ୍ତପ୍ତ.... ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୨୦୯୬୩

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ପ୍ରିୟମ୍ବଦା ରାଉଳ
ସାଇ ଆଶ୍ରୟ ଆପାର୍ଟମେଣ୍ଟ, ଗୋଠପାଟଣା, ଭୁବନେଶ୍ୱର
ଆବିର୍ଭାବ: ୨୩।୧୧।୧୯୬୨
ତିରୋଧାନ: ୧୮।୦୬।୨୦୨୧
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ। ଶୋକସନ୍ତପ୍ତ: ତୁମର ହତଭାଗ୍ୟ ସ୍ୱାମୀ: ନବୀନ୍ କୁମାର ରାଉଳ, ଝିଅ, ଜ୍ୱାଇଁ, ପୁଅ, ବୋହୂ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୭୦୮୫୪

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ଇଂ. ପ୍ରଭାତ କିରଣ ମହାନ୍ତି
ଆବିର୍ଭାବ: ୨୮।୦୩।୧୯୪୩
ତିରୋଧାନ: ୧୯।୦୬।୨୦୨୧
(ଜ୍ୟେଷ୍ଠ ଅଷ୍ଟମୀ ଶୁକ୍ଳପକ୍ଷ)
ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଧର୍ମପତ୍ନୀ ଏବଂ ପରିବାର ସଦସ୍ୟ ବୃନ୍ଦ।
ଧ-୨୦୯୬୨

**ତୃତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଭିମୋ ବିଶ୍ୱାଳ
ଶାସ୍ତ୍ରୀ ନଗର, ରୋହିତ କଲୋନୀ ୫ମ ଗଳି, ସୁଶୀଳା ନିବାସ, ରାୟଗଡ଼ା
ଆବିର୍ଭାବ: ୧୪।୦୮।୧୯୫୩
ତିରୋଧାନ: ୨୮।୦୬।୨୦୧୮
ଚାହୁଁ ଚାହୁଁ ୩ବର୍ଷ ବିତିଗଲା। ଆମକୁ ତୁମେ ଅସମୟରେ ଛାଡ଼ି ଚାଲିଗଲ। ତଥାପି ଲାଗୁଛି ତୁମେ ଆମ ପାଖରେ ଅଛ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେମାନେ ପ୍ରାର୍ଥନା କରୁଛୁ। ଆଜି ତୃତୀୟ ଶ୍ରାଦ୍ଧବାର୍ଷିକୀରେ ତୁମକୁ ଝୁରୁଛନ୍ତି: ପତ୍ନୀ: ସୁଶୀଳା ବିଶ୍ୱାଳ, ପୁଅ, ବୋହୂ, ନାତି, ନାତୁଣୀ, ଝିଅ, ଜ୍ୱାଇଁ ଓ ପରିବାରବର୍ଗ।
ଧ-୬୬୬୬୧


# ଅତ୍ୟଧିକ ମିଠା ଖାଉଥିଲେ...



ମିଠା ଏପରି ଏକ ଜିନିଷ, ଯାହାକୁ ଦେଖିବା ମାତ୍ରେ ଅଧିକାଂଶ ବ୍ୟକ୍ତିଙ୍କର ପାଟିରୁ ଲାଳ ଗଡ଼ିଥାଏ। ଏପରି ଖାଦ୍ୟ ବେଶ୍ ସ୍ୱାଦିଷ୍ଟ ଏକଥା ସତ, ହେଲେ ଏହାର ପରିମାଣ ଅଧିକ ହେଲେ ତାହା କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟାକୁ ପରୋକ୍ଷରେ ଡାକିଆଣିଥାଏ। ଅତ୍ୟଧିକ ମିଠା ଖାଇବା ଦ୍ୱାରା ସଂପୃକ୍ତ ବ୍ୟକ୍ତିଙ୍କର ମସ୍ତିଷ୍କର କାର୍ଯ୍ୟଧାରା ପ୍ରଭାବିତ ହୋଇଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। 'ଅତ୍ୟଧିକ ମିଠା ଖାଇବା ଏବଂ ମସ୍ତିଷ୍କର କାର୍ଯ୍ୟଧାରା' ଶୀର୍ଷକ ବିଷୟକୁ ନେଇ ୟୁନିଭର୍ସିଟି ଅଫ୍ ସିଡ୍‌ନୀର ବିଶେଷଜ୍ଞମାନେ ଏକ ଗବେଷଣା କରିଥିଲେ। ଅତ୍ୟଧିକ ମିଠା ଖାଉଥିବା ବ୍ୟକ୍ତିମାନଙ୍କର ମସ୍ତିଷ୍କର କାର୍ଯ୍ୟଧାରାକୁ ତନ୍ନ ତନ୍ନ କରି ପରୀକ୍ଷା ନିରୀକ୍ଷା କରିବା ପରେ ସେମାନେ ଏପରି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ।


# ଅବସାଦ ଦୂର କରିବ ରୋବୋ

ଆଜିକାଲି ରୋବୋର ବ୍ୟବହାର ଦିନକୁ ଦିନ ବଢ଼ିଚାଲିଛି। ବିଭିନ୍ନ କ୍ଷେତ୍ରରେ ଏହାକୁ ବ୍ୟବହାର କରାଯାଇ ସେଥିରୁ ସଫଳତା ମିଳୁଛି। ଏହି ତାଲିକାରେ ନିକଟରେ ଆଉ ଏକ ଜିନିଷକୁ ସାମିଲ କରାଯାଇଛି। ଅବସାଦ ଦୂର କରିବାରେ ରୋବୋ ସାହାଯ୍ୟ କରିପାରିବ ବୋଲି ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ। ସେମାନେ ଏପରି ଏକ ରୋବୋ ପ୍ରସ୍ତୁତ କରିଛନ୍ତି, ଯାହା ଜଣେ ଅବସାଦଗ୍ରସ୍ତ ବ୍ୟକ୍ତି ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇପାରିବ। ଅବସାଦର ସମ୍ମୁଖୀନ ହୋଇଥିବା ଜଣେ ବ୍ୟକ୍ତି ଏହି ରୋବୋ ସାମ୍ନାରେ ବସିଲେ ସେ କେତେକାଂଶରେ ଆରାମ ଅନୁଭବ କରିପାରିବେ। ଉକ୍ତ ରୋବୋ ସହ ସେ ଖେଳିବା ସମୟରେ ତାଙ୍କର ମାନସିକତା ଧୀରେ ଧୀରେ ସକାରାତ୍ମକ ରହିବ। ଅବସାଦଗ୍ରସ୍ତ ବ୍ୟକ୍ତି ଏହି ରୋବୋ ସହାୟତାରେ ନିଜ ମନପସନ୍ଦର ସଙ୍ଗୀତ ମଧ୍ୟ ଶୁଣିପାରିବେ।



## ପ୍ରଦୂଷିତ ବାୟୁମଣ୍ଡଳ ଓ କିଡ୍‌ନୀ ଫେଲ୍ୟୁୟର

ଆମ ଶରୀରର ପ୍ରମୁଖ ଅଙ୍ଗ ମଧ୍ୟରୁ କିଡ୍‌ନୀ ଅନ୍ୟତମ। ହେଲେ କେତେକ କାରଣରୁ ଏହା ଯେତେବେଳେ ପ୍ରଭାବିତ ହୁଏ ସେତେବେଳେ ଆମକୁ ଗୁରୁତର ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏହି



ରୋଗ ଜଟିଳ ସ୍ଥିତିରେ ଥିଲେ ଚିକିତ୍ସା ତ ବ୍ୟୟସାପେକ୍ଷ, ତଥାପି ଏଥିଯୋଗୁ ମୃତ୍ୟୁର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ତେବେ ଏହାର କାରଣ ତାଲିକାରେ ନିକଟରେ ଆଉ ଏକ କଥାକୁ ଯୋଡ଼ାଯାଇଛି। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସଦ୍ୟତମ ଗବେଷଣାରୁ ଜାଣିପାରିଛନ୍ତି ଯେ, ଅଧିକାଂଶ ସମୟ ପ୍ରଦୂଷିତ ବାୟୁ ସଂସ୍ପର୍ଶରେ ଆସିଲେ କିଡ୍‌ନୀ ଫେଲ୍ୟୁୟର ପରି ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଅଧିକ ସମୟ ଏପରି ବାୟୁ ସଂସ୍ପର୍ଶରେ ଆସୁଥିବା କେତେକ ବ୍ୟକ୍ତିଙ୍କଠାରେ ସେମାନେ କିଡ୍‌ନୀ ଫେଲ୍ୟୁୟରର ଲକ୍ଷଣ ଦେଖିବାକୁ ପାଇଥିଲେ।


## ଉପକାରୀ ଲେମ୍ବୁ

**ଲେମ୍ବୁରେ ଅନେକ ପ୍ରକାରର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ସେ ସମ୍ପର୍କରେ ଟିପ୍ସ...**



➤ଆମ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଜରୁରୀ। ଲେମ୍ବୁ ପାଣି ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।
➤ଆମ ପେଟ ଭିତରେ ୟୁରିକ୍ ଏସିଡ୍ ନାମକ ଏକ ବିଷାକ୍ତ ତତ୍ତ୍ୱ ରହିଛି। ପ୍ରତିଦିନ ଲେମ୍ବୁପାଣି ପିଇବା ଦ୍ୱାରା ଏହି ତତ୍ତ୍ୱ ନଷ୍ଟ ହୋଇଯାଇଥାଏ।
➤ଲିଭରକୁ ସକ୍ରିୟ ରଖିବାରେ ସାହାଯ୍ୟ କରିଥାଏ ଲେମ୍ବୁପାଣି।
➤ଆପଣଙ୍କର ଦୃଷ୍ଟିଶକ୍ତିଜନିତ ସମସ୍ୟା ରହିଛି କି? ଯଦି ହଁ, ତେବେ ନିୟମିତ ଲେମ୍ବୁପାଣି ପିଇଲେ ଏହା ଏଥିପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ।
➤ମ୍ୟାଲେରିଆ, ଡିପ୍‌ଥେରିଆ, ଟାଇଫଏଡ୍ ଏବଂ ହଇଜା ଆଦିରେ ଥିବା ବ୍ୟାକ୍ଟେରିଆକୁ ନଷ୍ଟ କରିବାରେ ଲେମ୍ବୁ ପାଣି ସାହାଯ୍ୟ କରିଥାଏ।
➤ଆମ ଶରୀରରେ ଅମ୍ଳଜାନଜନିତ ସମସ୍ୟାକୁ କେତେକାଂଶରେ ଏହା ଦୂର କରେ।
➤ଶ୍ୱାସକ୍ରିୟାଜନିତ ସମସ୍ୟକୁ ସମାଧାନ କରିବାରେ ଅନେକାଂଶରେ ଲେମ୍ବୁପାଣି ସହାୟକ ହୋଇଥାଏ।

# ଶୁକ୍ର ଗ୍ରହ ଅଭିଯାନ





ଇଂ ମାୟାଧର ସ୍ୱାଇଁ

ଶୁକ୍ର ହେଉଛି ସୂର୍ଯ୍ୟଠାରୁ ଦୂରତାକ୍ରମରେ ସୌରଜଗତର ଦ୍ୱିତୀୟ ଗ୍ରହ ଏବଂ ଆମ ପୃଥିବୀର ଅନ୍ୟତମ ପଡ଼ୋଶୀ ଗ୍ରହ। 'କୁଆଁ ତାରା' ଭାବେ ଜଣା ଏହି ଗ୍ରହ ପୃଥିବୀବାସୀଙ୍କୁ ବହୁ ଆଗରୁ ଆକର୍ଷିତ କରିଛି। ଉଭୟ ଗ୍ରହର କକ୍ଷପଥ ହେଉଛି ନିକଟତର ଏବଂ ଗ୍ରହ ଦ୍ୱୟର ଆକାର ଓ ଗଠନ ପ୍ରାୟ ସମାନ ପ୍ରକାରର। କିନ୍ତୁ ପୃଥିବୀରେ ବାସଯୋଗ୍ୟ ତାପମାତ୍ରା, ଜଳ ଓ ଜୀବଜଗତ ଥିବା ବେଳେ ଶୁକ୍ର ହେଉଛି ଗୋଟିଏ ଜନଶୂନ୍ୟ ଉତ୍ତପ୍ତ ଗ୍ରହ। ଏହାର ପୃଷ୍ଠଭାଗର ତାପମାତ୍ରା ହେଉଛି ୪୦୦ ଡିଗ୍ରୀ ସେଲସିୟସରୁ ଅଧିକ। ଏହାର ବାୟୁମଣ୍ଡଳରେ ୯୫ ପ୍ରତିଶତ ଅଙ୍ଗାରକାମ୍ଳ ରହିଛି। ଏହି ଗ୍ରହ ଅପେକ୍ଷାକୃତ ଭାବେ ସୂର୍ଯ୍ୟର ନିକଟତର ହୋଇଥିବାରୁ ସବୁଜଗୃହ ପ୍ରଭାବରେ ଏହାର ତାପମାତ୍ରା ହେଉଛି ଅଧିକ। କେତେକ ବୈଜ୍ଞାନିକ ମତ ଦେଇଥାଆନ୍ତି ଯେ ସେଠାରେ ଅଧିକ ଆଗ୍ନେୟଗିରି ଉଦ୍‌ଗୀରଣ ଯୋଗୁ ଏହାର ବାୟୁମଣ୍ଡଳରେ ଅଧିକ ପରିମାଣରେ ଅଙ୍ଗାରକାମ୍ଳ ଗ୍ୟାସ ଅଛି। କେତେକ ଗ୍ରହ ବିଜ୍ଞାନୀ ବିଶ୍ୱାସ କରନ୍ତି ଯେ, ଶୁକ୍ର ପୃଷ୍ଠରେ ପୂର୍ବରୁ ଜଳୀୟ ମହାସାଗର ଥିଲା ଏବଂ ଏପରିକି ଜୀବଜଗତ ମଧ୍ୟ ଥିଲା।

ଶୁକ୍ର ଆମର ନିକଟତମ ଗ୍ରହ ହୋଇଥିଲେ ସୁଦ୍ଧା ମହାକାଶଯାନ ପଠାଇ ଏହା ସମ୍ବନ୍ଧରେ ଅଧିକ ତଥ୍ୟ ଜାଣିବାରେ ବିଶେଷ ଗୁରୁତ୍ୱ ଦିଆଯାଇ ନାହିଁ। ଯୁକ୍ତରାଷ୍ଟ୍ର ଆମେରିକାର ମହାକାଶ ଅନୁଷ୍ଠାନ 'ନାସା' ଶେଷଥର ପାଇଁ ୧୯୮୯ ମସିହାରେ ଏହା ନିକଟକୁ 'ମାଲେଗାନ୍' ଯାନ ପଠାଇଥିଲା। ଏହି ଯାନଟି ୧୯୯୦ ମସିହାଠାରୁ ୧୯୯୪ ମସିହା ପର୍ଯ୍ୟନ୍ତ ଶୁକ୍ର କକ୍ଷରେ ପରିକ୍ରମଣ କରି ଚିତ୍ର ପଠାଇଥିଲା। ୟୁରୋପୀୟ ମହାକାଶ ସଂସ୍ଥା ଏହା ନିକଟକୁ ୨୦୦୬ ମସିହାରେ 'ଭେନସ ଏକ୍ସପ୍ରେସ' ଓ ଜାପାନ ୨୦୧୦ ମସିହାରେ 'ଆକାସୁକି' ଯାନ ପଠାଇଥିଲା। ଏହାପରେ ଅବଶ୍ୟ ଆଉ କେତେକ ଯାନ ଅନ୍ୟ ଗ୍ରହ ଅଭିଯାନରେ ଗଲାବେଳେ ଶୁକ୍ର ନିକଟ ଦେଇ ଯାଇଥିବା ବେଳେ କିଛି ଚିତ୍ର ଉତ୍ତୋଳନ କରି ପଠାଇଥିଲେ।

**''ଶୁକ୍ର ଗ୍ରହ ନିକଟକୁ ୨୦୩୦ ମସିହା ସୁଦ୍ଧା ଦୁଇଟି ଯାନ ପଠାଇବା ପାଇଁ 'ନାସା' ଚଳିତବର୍ଷ ଜୁନ୍ ୨ରେ ଘୋଷଣା କରିଛି। ଏହି ଦୁଇ ଯାନର ନାମ ହେଉଛି-'ଡାଭିନ୍‌ସି' ଏବଂ 'ଭେରିଟାସ୍'। ଡାଭିନ୍‌ସି ଶୁକ୍ର ବାୟୁମଣ୍ଡଳକୁ ସ୍ତର ସ୍ତର କରି ଅଧ୍ୟୟନ କରି ଏହାର ବିଭିନ୍ନ ଗ୍ୟାସୀୟ ଉପାଦାନକୁ ମାପ କରିବ। ଏଥିରୁ ଶୁକ୍ର କାହିଁକି ଅଧିକ ଉତ୍ତପ୍ତ ତାହା ଜାଣି ହେବ।''**


ଶୁକ୍ର ଗ୍ରହ ନିକଟକୁ ୨୦୩୦ ମସିହା ସୁଦ୍ଧା ଦୁଇଟି ଯାନ ପଠାଇବା ପାଇଁ 'ନାସା' ଚଳିତବର୍ଷ ଜୁନ୍ ୨ରେ ଘୋଷଣା କରିଛି। ଏହି ଦୁଇ ଯାନର ନାମ ହେଉଛି- 'ଡାଭିନ୍‌ସି' ଏବଂ 'ଭେରିଟାସ୍'। ଡାଭିନ୍‌ସି ଶୁକ୍ର ବାୟୁମଣ୍ଡଳକୁ ସ୍ତର ସ୍ତର କରି ଅଧ୍ୟୟନ କରି ଏହାର ବିଭିନ୍ନ ଗ୍ୟାସୀୟ ଉପାଦାନକୁ ମାପ କରିବ। ଏଥିରୁ ଶୁକ୍ର କାହିଁକି ଅଧିକ ଉତ୍ତପ୍ତ ତାହା ଜାଣି ହେବ। ଗତବର୍ଷ ରେଡିଓ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଶୁକ୍ର ବାୟୁମଣ୍ଡଳରେ ଫସଫାଇନ୍ ନାମକ ପଦାର୍ଥ ଚିହ୍ନଟ କରାଯାଇଥିଲା। ପୃଥିବୀରେ ଅଣୁଜୀବ ଫସଫାଇନ୍ ଉତ୍ପନ୍ନ କରିଥାଏ। ଏଥିରୁ ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି ଯେ ଶୁକ୍ର ଗ୍ରହ ବାଦଲରେ ଅଣୁଜୀବ ଥାଇପାରେ। ଏଣୁ ଡାଭିନ୍‌ସି ଏହି ପଦାର୍ଥ ଉପରେ ଅନୁସନ୍ଧାନ କରିବ।

ଯୋଜନା ଅନୁଯାୟୀ ଡାଭିନ୍‌ସି ଶୁକ୍ର ପୃଷ୍ଠରେ ପଡ଼ିବ ଏବଂ କଠିନ ପତନ ପରେ ଏହା ତିଷ୍ଠି ରହିବା ପାଇଁ ଡିଜାଇନ୍ ହୋଇନାହିଁ। କିନ୍ତୁ ଏହାର ଅବତରଣ ସମୟରେ ବାଦଲ ତଳେ ଥିବା ପୃଷ୍ଠର ଚିତ୍ର ଏହା ପଠାଇବ। ଏହାର ପୃଷ୍ଠ ମହାଦେଶୀୟ ଗ୍ରାନାଇଟ୍ ପଥର କିମ୍ବା ଆଗ୍ନେୟ ଶିଳାରୁ ଗଠିତ ହୋଇଛି, ତାହା ଏହି ଚିତ୍ରରୁ ଜାଣିହେବ। ଯଦି ଏହା ଗ୍ରାନାଇଟ୍ ହୋଇଥାଏ, ଏଥିରୁ ବୁଝାପଡ଼ିବ ଯେ ଶୁକ୍ର ଆଭ୍ୟନ୍ତରରେ ଜଳ ଅଛି। ଯଦି ଏହା ଆଗ୍ନେୟ ଶିଳା ହୁଏ, ତାହାହେଲେ ଜଳ ଥିବାର ସମ୍ଭାବନା କମ୍।

ଅନ୍ୟପକ୍ଷରେ 'ଭେରିଟାସ୍' ଶୁକ୍ର କକ୍ଷରେ ପରିକ୍ରମଣ କରି ରାଡାର ଓ ମାଧ୍ୟାକର୍ଷଣୀୟ ମାପ ସାହାଯ୍ୟରେ ଶୁକ୍ର ଭୂତାତ୍ତ୍ୱିକ ବିବର୍ତ୍ତନ ଅଧ୍ୟୟନ କରିବ। ଅନ୍ୟ ଅର୍ଥରେ ଏହା ସେଠାରେ ଆଗ୍ନେୟଗିରି କାର୍ଯ୍ୟକଳାପକୁ ଅନୁସନ୍ଧାନ କରିବ। ବୈଜ୍ଞାନିକମାନେ ଏହା ପଠାଇଥିବା ତଥ୍ୟ ଆଧାରରେ ଶୁକ୍ର ପୃଷ୍ଠର ତ୍ରି-ପରିସରୀୟ ଚିତ୍ର ପ୍ରସ୍ତୁତ କରିବେ ଏବଂ ସେଠାରେ ଥିବା ବିଭିନ୍ନ ପ୍ରକାର ପଥରକୁ ଚିହ୍ନଟ କରି ଏହା କିପରି ଗଠିତ ହୋଇଥିଲା ତାହା ଜାଣିବାକୁ ଚେଷ୍ଟା କରିବେ।

'ନାସା'ର ଏହି ଦୁଇ ଅଭିଯାନ ଦ୍ୱାରା ଶୁକ୍ର ଗ୍ରହର ଅନେକ ଅଜଣା ତଥ୍ୟ ଜାଣି ହେବ ବୋଲି ଆଶା। 'ନାସା' ପ୍ରତ୍ୟେକ ଅଭିଯାନ ପାଇଁ ୫୦୦ ନିୟୁତ ଡଲାର ଖର୍ଚ୍ଚ ଅଟକଳ କରିଛି। 'ନାସା' ମଧ୍ୟ ଏହି ଦୁଇ ଅଭିଯାନରେ ନିଜର ଆନ୍ତଃଗ୍ରାହିକ ଦକ୍ଷତାକୁ ପ୍ରଦର୍ଶନ କରିବା ପାଇଁ କିଛି ନୂଆ ପ୍ରଯୁକ୍ତିବିଦ୍ୟାର ପରୀକ୍ଷା କରିବାକୁ ଚାହୁଁଛି। 'ଭେରିଟାସ୍'ରେ ଗଭୀର ମହାକାଶରେ କାର୍ଯ୍ୟ କରି ପାରୁଥିବା ଗୋଟିଏ ପରମାଣୁ ଘଡ଼ି ରହିବ, ଯାହା ପରବର୍ତ୍ତୀ ମହାକାଶ ଅଭିଯାନଗୁଡ଼ିକରେ ସାହାଯ୍ୟ କରିବ। 'ଡାଭିନ୍‌ସି'ରେ ଗୋଟିଏ ଉଚ୍ଚ ବିଭେଦନ ଅତିବାଇଗଣି କ୍ୟାମେରା ରହିବ।

ଗତ କେତେବର୍ଷ ଧରି ଜ୍ୟୋତିର୍ବିଦ୍‌ମାନଙ୍କର ଲକ୍ଷ୍ୟ ମଙ୍ଗଳ, ବୃହସ୍ପତି ଓ ଶନି ଉପରେ ଅଧିକ କେନ୍ଦ୍ରୀଭୂତ ହୋଇଥିଲା। କିନ୍ତୁ ବର୍ତ୍ତମାନ ଶୁକ୍ର ସେମାନଙ୍କୁ ଆକର୍ଷିତ କରିଛି। ୟୁରୋପୀୟ ମହାକାଶ ସଂଘ ଶୁକ୍ର ଗ୍ରହ ନିକଟକୁ 'ଏନ୍‌ଭିଜନ' ଯାନ ପଠାଇବା ପାଇଁ ନିକଟରେ ଘୋଷଣା କରିଛି। ଭାରତ ୨୦୨୩ ମସିହାରେ ଶୁକ୍ର ଅଭିଯାନରେ ଯାନ ପଠାଇବା ପାଇଁ ପୂର୍ବରୁ ଘୋଷଣା କରିଛି। ଯୁକ୍ତରାଷ୍ଟ୍ର ଆମେରିକା ସହିତ ମିଶି ଶୁକ୍ର ଗ୍ରହରେ ଗୋଟିଏ ମହାକାଶ ଯାନକୁ ଅବତରଣ କରାଇବା ଭଳି ଦୁଃସାହସିକ ପ୍ରସ୍ତାବ ରୁଷିଆ ଦେଇଛି।



-୭୦, ଲକ୍ଷ୍ମୀବିହାର, ଫେଜ୍-୧
ଭୁବନେଶ୍ୱର-୧୮
ମୋ : ୯୪୩୮୬୯୩୭୨୪

# ଶ୍ୱେତ କବକ

(ଶେଷ ଭାଗ)

**ଆସ୍ପର୍ଗିଲୋସିସ୍**

ଏହି ଫଙ୍ଗସ୍ ସର୍ବତ୍ର ଦେଖାଦିଏ। ଦୁର୍ବଳ ପ୍ରତିରକ୍ଷା ପ୍ରଣାଳୀ, ଫୁସ୍‌ଫୁସ୍ ରୋଗ ଆକ୍ରାନ୍ତ ବ୍ୟକ୍ତିଙ୍କଠାରେ ଫଙ୍ଗାଲ୍ ସ୍ପୋର ନିଃଶ୍ୱାସବାଟେ ଶରୀରରେ ପ୍ରବେଶ କରେ। କମ୍ପୋଷ୍ଟ ଗଦା, ଗଚ୍ଛିତ ଶସ୍ୟ, ଅପରିଷ୍କାର ଜଳ, ପଚିଯାଉଥିବା ପତ୍ର, ଫୁଲ ଏବଂ ପନିପରିବାରେ ଏହି ଫଙ୍ଗସ୍ ରହିଥାଏ। ଅମ୍ଳଜାନ ସିଲିଣ୍ଡରରେ ବ୍ୟବହୃତ ହେଉଥିବା ଅପରିଷ୍କାର ପାଣି ଯୋଗୁ ମଧ୍ୟ ଏହି ସଂକ୍ରମଣର ଆଶଙ୍କା ଦେଖାଦିଏ।

ଶ୍ୱାସ ପ୍ରକ୍ରିୟାରେ ପ୍ରବେଶ କଲା ପରେ ଫଙ୍ଗଲ ସ୍ପୋର ଏକ ଆଲର୍ଜିକ ଫୁସ୍‌ଫୁସ୍ ସମସ୍ୟା ସୃଷ୍ଟି କରିଥାଏ। ଏହାର ଲକ୍ଷଣ ହେଲା ଜ୍ୱର, କାଶ, କଫ, ରକ୍ତଜଡ଼ିତ କଫ, ନିଃଶ୍ୱାସ ପ୍ରଶ୍ୱାସରେ କଷ୍ଟ, ଆଜ୍‌ମା ଲକ୍ଷଣର ଅବନତି, ଥକ୍କାପଣ ଓ ଓଜନ ହ୍ରାସ।

**ପ୍ରତିରୋଧ** : ଠିକ୍ ରକ୍ତ ଶର୍କରା ନିୟନ୍ତ୍ରଣ, ଆବଶ୍ୟକତା ପୂର୍ବକ ଷ୍ଟେରଏଡ୍ ଆଣ୍ଟିବାୟୋଟିକ୍ ବ୍ୟବହାର, ଅମ୍ଳଜାନ ଚିକିତ୍ସାରେ ବିଶୁଦ୍ଧ ଜଳ ବ୍ୟବହାର କରିବା ଉଚିତ। ବହୁ ସମୟ ଧରି ଆର୍ଦ୍ରତାଠାରୁ ଦୂରେଇ ରହିବା ସହ ନିର୍ମାଣ ସ୍ଥାନ, କମ୍ପୋଷ୍ଟ ଗଦା ଏବଂ ଶସ୍ୟ ସଂରକ୍ଷଣ କରୁଥିବା ଗୃହଠାରୁ ଦୂରେଇ ରହିବା ଆବଶ୍ୟକ। ଏହି ସବୁ ଜାଗାକୁ ଆବଶ୍ୟକ କ୍ଷେତ୍ରରେ ଗଲେ ମାସ୍କ, ଫେସ୍ ଶିଲ୍‌ଡ, ଗ୍ଲୋଭସ ପିନ୍ଧି ଯାଆନ୍ତୁ। କଫର ଫଙ୍ଗାଲ ଷ୍ଟେନ୍ (KOH) କଲଚର, ଆଲର୍ଜି ତଥା ଆଣ୍ଟିବଡି ଚିହ୍ନଟ ପାଇଁ ଚର୍ମ ତଥା ରକ୍ତ ପରୀକ୍ଷା, ଛାତିର ଏକ୍ସ-ରେ, ସିଟି ସ୍କାନ୍, ଟିସୁର ବାୟୋପ୍‌ସି ଦ୍ୱାରା ରୋଗ ନିର୍ଣ୍ଣୟ କରାଯାଏ। ଶ୍ୱାସକ୍ରିୟା, ପାକସ୍ଥଳୀ ଏବଂ ଅନ୍ତଃନଳୀରେ ରୋଗ ନିର୍ଣ୍ଣୟ କରିବା ପାଇଁ ଏଣ୍ଡୋସ୍କୋପି ଆବଶ୍ୟକ ହୋଇଥାଏ।

**ଚିକିତ୍ସା**

**କ୍ୟାଣ୍ଡିଡ୍ ଆସିସ୍:** କ୍ଲୋଟ୍ରିମାଜୋଲ୍, ନିଷ୍ଟାଟିନ୍, ଫ୍ଲୁକୋନାଜୋଲ୍, ଭୋରିକୋନାଜୋଲ୍ ପରି ଆଣ୍ଟିଫଙ୍ଗାଲ ବଟିକା ରୂପେ ଦିଆଯାଏ। ଶରୀରରେ ବ୍ୟାପକ ରୂପେ ସଂପ୍ରସାରିତ ହୋଇଥିବା ଇନ୍‌ଫେକ୍ସନ୍ ନିୟନ୍ତ୍ରଣ ପାଇଁ ଧମନୀ ଦ୍ୱାରା ଆମ୍ଫୋଟେରିସିନ୍-ବି, କ୍ୟାପ୍‌ସୋଫୁଙ୍ଗିନ୍ ଆବଶ୍ୟକ ହୋଇଥାଏ।

**ଆସ୍ପର୍ଗିଲୋସିସ୍:** ସରଳ ଧରଣର ଏବଂ ଏକକ ଫଙ୍ଗାଲ ବଲ୍ କ୍ଷେତ୍ରରେ ସାଧାରଣତଃ ଚିକିତ୍ସା ଆବଶ୍ୟକତା ନ ଥାଏ। ଲକ୍ଷଣ ବିକଶିତ ହେଲେ ଛାତି ଏକ୍ସ-ରେ ଦ୍ୱାରା ଏହା ଉପରେ ନଜର ରଖାଯାଏ। ଅଗ୍ରଗତି ଅବସ୍ଥା କ୍ଷେତ୍ରରେ ଆଣ୍ଟିଫଙ୍ଗାଲ ଚିକିତ୍ସା କରାଯାଏ। ଆଲର୍ଜି ଜନିତ ଫୁସ୍‌ଫୁସ୍ ସମସ୍ୟା ଦେଖାଗଲେ ଷ୍ଟେରଏଡ୍ ବ୍ୟବହାର କରାଯାଏ। ଗୁରୁତର ଧରଣର ଫୁସ୍‌ଫୁସ୍ ସମସ୍ୟା ଦେଖାଗଲେ ଭୋରିକୋନାଜୋଲ୍ ଅଥବା ଆମ୍ଫୋଟେରିସିନ୍ ବି ବ୍ୟବହାର ସହ କିଡ୍‌ନୀ ତଥା ଲିଭର ପରୀକ୍ଷା ନିୟମିତ ରୂପେ କରାଯାଏ। ଫଙ୍ଗାଲ ବଲ୍ ହଟାଇବା



ପାଇଁ ଅସ୍ତ୍ରୋପଚାର ମଧ୍ୟ କରାଯାଏ। ଫୁସ୍‌ଫୁସ୍‌ରେ ରକ୍ତସ୍ରାବ କମାଇବା ପାଇଁ ବେଳେ ବେଳେ ରେଡିଓଲୋଜିଷ୍ଟଙ୍କ ତତ୍ତ୍ୱାବଧାନରେ ଏମ୍ବୋଲାଇଜେସନ୍ ଚିକିତ୍ସା ମଧ୍ୟ କରାଯାଏ।

-ଡା. ସୁନୀଲ କୁମାର କୋଟା
ମଧୁମେହ, ହରମୋନ୍ ରୋଗ ବିଶେଷଜ୍ଞ, ଡାଏବେଟିସ୍ ଏଣ୍ଡ୍ ଏଣ୍ଡୋକେୟାର କ୍ଲିନିକ୍, ବ୍ରହ୍ମପୁର

## ସ୍ୱାସ୍ଥ୍ୟ ସୂଚନା



➔ଏବେ ତ ବର୍ଷାଦିନ। ତେଣୁ ଥଣ୍ଡା, ଜ୍ୱର, କାଶ, ଛିଙ୍କ ଆଦି ସମସ୍ୟା ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି। କାରଣ ଏହି ଋତୁରେ ଭାଇରସ ଏବଂ ବ୍ୟାକ୍ଟେରିଆଗୁଡ଼ିକ ଅଧିକ ସକ୍ରିୟ ରହିଥାଆନ୍ତି। ତେଣୁ ସେମାନଙ୍କଠାରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟ ଖାଆନ୍ତୁ। ତା' ସହ ଡାକ୍ତରଙ୍କ ସହ ପରାମର୍ଶ ଅନୁସାରେ ଭିଟାମିନ୍ 'ସି' ଟାବଲେଟ୍ ଖାଇପାରନ୍ତି।
➔ଏହି ଋତୁରେ ଜଙ୍କ୍ ଫୁଡ୍ ଯେତେ କମ୍ ଖାଇବେ ସେତେ ଭଲ।
➔ଏହି ସମୟରେ ପିଉଥିବା ପାଣିକୁ ସବୁବେଳେ ଢାଙ୍କି କରି ରଖନ୍ତୁ।
➔ଘର ଚାରିପଟ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। କାରଣ ବର୍ଷାଦିନେ ମଶାମାନେ ନିଜର ବଂଶ ବିସ୍ତାର କରିଥାଆନ୍ତି।
➔ଫଳମୂଳ ଖାଉଥିଲେ ସେଗୁଡ଼ିକୁ ପରିଷ୍କାର ପାଣିରେ ଭଲ ଭାବରେ ଧୋଇବା ପରେ ହିଁ ଖାଆନ୍ତୁ। ସବୁବେଳେ ଉଷୁମ ଖାଦ୍ୟ ଖାଆନ୍ତୁ। ପାଣିକୁ ଫୁଟାଇ ପିଅନ୍ତୁ, ଯାହାଦ୍ୱାରା ଜଳଜନିତ ରୋଗ ହେବାର ଆଶଙ୍କା କମ୍ ରହିବ।
➔ଏହି ଋତୁରେ ରାତିରେ ଅତିକମ୍‌ରେ ୬-୭ ଘଣ୍ଟା ଶୁଅନ୍ତୁ।
➔ବର୍ଷାଦିନେ ଯଦି ବାହାରେ ଏକ୍ସରସାଇଜ କରିପାରୁନାହାନ୍ତି ତେବେ ଘରେ ଏହାକୁ ଚାଲୁ ରଖନ୍ତୁ। ଯୋଗ, ପ୍ରାଣାୟାମକୁ ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରନ୍ତୁ।

## ଟୋକିଓ ଅଲିମ୍ପିକ୍ସରୁ ଓହରିଲେ ସେରେନା

**ଲଣ୍ଡନ,୨୭।୬:** ଆମେରିକୀୟ ଅଭିଜ୍ଞ ମହିଳା ଟେନିସ ତାରକା ସେରେନା ୱିଲିୟମ୍ସ ଆସନ୍ତାମାସ ଆରମ୍ଭରେ ହେବାକୁ ଥିବା ଟୋକିଓ ଅଲିମ୍ପିକ୍ସରୁ ଓହରିଯାଇଛନ୍ତି। ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବେ ନାହିଁ ବୋଲି ସେ ରବିବାର କହିଛନ୍ତି।





## ୨୦୦ମିଟର ଫ୍ରିଷ୍ଟାଇଲ୍‌ରେ ସଜନଙ୍କ ଜାତୀୟ ରେକର୍ଡ

**ନୂଆଦିଲ୍ଲୀ, ୨୭।୬ (ପି.ଟି.):** ଇଟାଲୀର ରୋମ୍‌ଠାରେ ଚାଲିଥିବା ସିଟେ କୋଲି ଟ୍ରଫି ସନ୍ତରଣ ପ୍ରତିଯୋଗିତାରେ ଭାରତର ସଜନ ପ୍ରକାଶ ୨୦୦ ମିଟର ଫ୍ରିଷ୍ଟାଇଲ ଇଭେଣ୍ଟରେ ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଫିନା ସ୍ୱୀକୃତିପ୍ରାପ୍ତ ଏହି ଅଲିମ୍ପିକ କ୍ୱାଲିଫାୟରରେ ପ୍ରକାଶ ୧:୪୯.୭୩ ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରି ଏହି ସଫଳତା ହାସଲ କରିଛନ୍ତି। ପୂର୍ବରୁ ଏହି ରେକର୍ଡ ବିର୍ଦ୍ଧୱାଲ ଖାଡେଙ୍କ ନାମରେ ରହିଥିଲା ଖାଡେ ୨୦୧୦ ଏସିଆନ ଗେମ୍ସରେ ୧:୪୯.୮୬ ସେକେଣ୍ଡ ଟାଇମିଂରେ ବ୍ରୋଞ୍ଜ ଜିତିବା ସହ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ। ଏଥକୁ ମିଶାଇ ସଜନ ଚଳିତ ମାସରେ ୩ଥର ଜାତୀୟ ରେକର୍ଡ ଭଙ୍ଗ କରିଛନ୍ତି। ଶନିବାର ପୁରୁଷ ୨୦୦ ମିଟର ବଟର ଫ୍ଲାଏ ଇଭେଣ୍ଟରେ ସେ ରେକର୍ଡ ଭଙ୍ଗକରୀ ୧:୫୬.୩୮ ସେକେଣ୍ଡ ଟାଇମିଂ ସହ ପ୍ରଥମ ଭାରତୀୟ ସନ୍ତରଣକାରୀ ଭାବେ ଅଲିମ୍ପିକ କ୍ୱାଲିଫାଇଂ ଟାଇମ୍ ହାସଲ କରିଥିଲେ। ସଜନ ଗତ ସପ୍ତାହରେ ବେଲଗ୍ରେଡ୍ ଟ୍ରଫି ସନ୍ତରଣ ପ୍ରତିଯୋଗିତାରେ ୧:୫୬.୯୬ ସେକେଣ୍ଡ ଟାଇମିଂ ସହ ନିଜ ଦ୍ୱାରା ପ୍ରତିଷ୍ଠିତ ଜାତୀୟ ରେକର୍ଡକୁ ଭଙ୍ଗ କରିଥିଲେ।

## ୱେଷ୍ଟଇଣ୍ଡିଜ ବିଜୟୀ

**ସେଣ୍ଟ୍ ଜର୍ଜ, ୨୭।୬ (ଏପି):** ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ୮ଉଇକେଟରେ ବିଜୟ ହାସଲ କରିଛି। ଭ୍ରମଣକାରୀ ଦଳ ଦ୍ୱାରା ଧାର୍ଯ୍ୟ ୧୬୧ରନର ବିଜୟ ଲକ୍ଷ୍ୟକୁ ଘରୋଇ ଦଳ ୧୫ ଓଭରରେ ମାତ୍ର ୨ ଉଇକେଟ ବିନିମୟରେ ହାସଲ କରିନେଇଥିଲା। ଏଭିନ୍ ଲିୱିସ୍ ୭୧ ରନ କରି ଦଳକୁ ଜିତାଇଥିଲେ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ